R.N.I. REGN. No. 65000/96 POSTAL REGN. No. OR/BN-32/12-14
ତ୍ରିଂଶତମ ବର୍ଷ
ସଂଖ୍ୟା : ୧୫୦
ତିଥି : ଦ୍ୱିତୀୟା
୦୬ ମାର୍ଚ୍ଚ ୨୦୨୬, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 150
06 March 2026, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

DADLS-85







## କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ କରକମଳରେ

# ନୂତନ ନ୍ୟାୟ ସଂହିତା ପ୍ରଦର୍ଶନୀ ଉଦ୍‌ଘାଟନ ତଥା ୩,୨୭୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

## ପ୍ରକଳ୍ପ ଲୋକାର୍ପଣ

- ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସମବାୟ ନୀତି - ୨୦୨୬ କାର୍ଯ୍ୟକାରୀ
- ୧,୫୬୭ ଟି PACS ପରିଚାଳିତ ଜନ ସେବା କେନ୍ଦ୍ର (CSC)ର ଲୋକାର୍ପଣ
- ସମବାୟ ନିବନ୍ଧକ (RCS) କାର୍ଯ୍ୟାଳୟ କମ୍ପ୍ୟୁଟରୀକରଣ ପୋର୍ଟାଲ୍‌ର ଶୁଭାରମ୍ଭ
- ୧୪୧ PACS ପରିଚାଳିତ ଧାନମଣ୍ଡିର ଭିତ୍ତିଭୂମି ବିକାଶ
- ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀଠାରେ ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଣ୍ଟ
- ୨୦ଟି ସାଇବର ଥାନା (CC & EO) ଏବଂ ୨୪ଟି ପୁଲିସ ଷ୍ଟେସନ
- ୧୯ଟି ଅଟଳ ବସଷ୍ଟାଣ୍ଡ
- ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ବିବିଧ ପ୍ରକଳ୍ପ
- NFSU ଟ୍ରାଞ୍ଜିଟ୍ କ୍ୟାମ୍ପସ
- IFFCO, ପାରାଦୀପଠାରେ ସଲଫ୍ୟୁରିକ ଏସିଡ ପ୍ଲାଣ୍ଟ

## ଶିଳାନ୍ୟାସ ଓ ଶୁଭାରମ୍ଭ

- ରାଜ୍ୟର ପ୍ରଥମ କେନ୍ଦ୍ରୀୟ ଫରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାର (CFSL)
- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧିନରେ ଚାଷୀମାନଙ୍କୁ ଗୋ-ସମ୍ପଦ ସବସିଡି ପ୍ରଦାନ
- ନ୍ୟାସନାଲ କୋଅପରେଟିଭ୍ ଅର୍ଗାନିକ୍ସ ଲିମିଟେଡ୍(NCOL)ର ନୂତନ ୱେବସାଇଟ୍
- ନ୍ୟାସନାଲ କୋଅପରେଟିଭ୍ ଏକ୍ସପୋର୍ଟ ଲିମିଟେଡ(NCEL)ର "COOP MARQUE" ବ୍ରାଣ୍ଡ ଏବଂ ଡିଜିଟାଲ୍ ଲର୍ଣ୍ଣିଂ ପ୍ଲାଟଫର୍ମ

## ବୁଝାମଣାପତ୍ର ସ୍ୱାକ୍ଷର

- ବଡ଼ମ୍ବା ସମବାୟ ଚିନି କଳର ପୁନରୁଦ୍ଧାର
- OUAT କ୍ୟାମ୍ପସରେ ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ (TSU)ର ସ୍କୁଲ୍ ପ୍ରତିଷ୍ଠା
- ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ସ୍ଥାପନ
- କଟକର କେନ୍ଦୁପାଟଣାଠାରେ ଆଇସ୍‌କ୍ରିମ ପ୍ଲାଣ୍ଟ
- ଗୃହ ବିଭାଗରେ ପ୍ରଯୁକ୍ତିବିଦ୍ୟାର ସଫଳ ଉପଯୋଗ ପାଇଁ IIT ଭୁବନେଶ୍ୱର ସହ MoU
- ପ୍ରଶିକ୍ଷଣ ଓ ପ୍ରଦର୍ଶନ କେନ୍ଦ୍ରର ଉନ୍ନତିକରଣ ପାଇଁ OMFED ଓ NDDB ମଧ୍ୟରେ MoU

### ଗରିମାମୟ ଉପସ୍ଥିତି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
ଶିକ୍ଷା ମନ୍ତ୍ରୀ, ଭାରତ ସରକାର

**ଶ୍ରୀ ଜୁଏଲ ଓରାମ**
ଆଦିବାସୀ ବ୍ୟାପାର ମନ୍ତ୍ରୀ, ଭାରତ ସରକାର

**ଶ୍ରୀ କନକ ବର୍ଦ୍ଧନ ସିଂହଦେଓ**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ପୂର୍ତ୍ତ, ଆଇନ ଓ ଅବକାରୀ, ଓଡ଼ିଶା

**ଶ୍ରୀ ପ୍ରଦିପ ବଳ ସାମନ୍ତ**
ମନ୍ତ୍ରୀ, ସମବାୟ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡ଼ିଶା

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା

୬ ମାର୍ଚ୍ଚ ୨୦୨୬ | ଅପରାହ୍ନ ୪.୩୦ | IDCO ପ୍ରଦର୍ଶନୀ ପଡିଆ, ୟୁନିଟ-୩, ଭୁବନେଶ୍ୱର

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

**ସାମଗ୍ରୀ-** ଅରୁଆ ଚାଉଳ, ବିରି ଡାଲି, ପିଆଜ, କଞ୍ଚାଲଙ୍କା, ଜିରା, ହଳଦୀଗୁଣ୍ଡ, ଲୁଣ ।

**ପ୍ରଣାଳୀ -** ପ୍ରଥମେ ଅରୁଆ ଚାଉଳ ଓ ବିରି ଡାଲିକୁ ବତୁରାଇ କାଠୁଆ କାଠୁଆ କରି ବାଟି ନିଅନ୍ତୁ । ଏହାପରେ ପିଆଜ, କଞ୍ଚାଲଙ୍କାକୁ ଚୁନଚୁନ କରି କାଟି ନିଅନ୍ତୁ। ଏହାପରେ ଚାଉଳ ଓ ଡାଲି ଆଣରେ କଟା ପିଆଜ, ଲୁଣ, କଞ୍ଚାଲଙ୍କା, ଜିରା ମିଶାଇ ଭଲକରି ଗୋଳାଇ ଦିଅନ୍ତୁ । ଏହାପରେ ଏହି ଆଣରୁ ପ୍ରସ୍ତୁତ କରନ୍ତୁ ପିଆଜ ଏଣ୍ଡୁରି । ଏହା ଖୁବସ୍ୱାଦିଷ୍ଟ ହୋଇଥାଏ, ଏହାକୁ ଯେ କୌଣସି ଚଟଣି ସହିତ ପରଷିପାରିବେ ।

## ଓଡ଼ିଆ ରୁଚି



# ପିଆଜ ଏଣ୍ଡୁରି

# ହୋଲି ପରେ ନିଅନ୍ତୁ ତ୍ୱଚାର ଯତ୍ନ





ହୋଲି ଖେଳିବାର କିଛି ଦିନ ପରେ ମଧ୍ୟ ଚର୍ମ ଏବଂ କେଶରେ ରଙ୍ଗର ପ୍ରଭାବ ରହିଥାଏ। ତେଣୁ ଏହାର କିଛି ବିଶେଷ ଯତ୍ନ ନେବା ଆବଶ୍ୟକ, ଯାହାଫଳରେ ଚର୍ମର ପ୍ରାକୃତିକ ଚମକ ଫେରିଆସିବ ଏବଂ କୌଣସି ଆଲର୍ଜି ହେବାର ଆଶଙ୍କା ମଧ୍ୟ ରହିବ ନାହିଁ।

■ ହୋଲିର ପରେ ଚର୍ମର ଲୋମକୂପରେ ଜମି ରହିଥିବା ଜିଦ୍‌ଖୋର ରଙ୍ଗ ଏବଂ ମୃତ କୋଷ ବାହାର କରିବା ଜରୁରୀ ।ତେଣୁ ଏଥିପାଇଁ କୌଣସି କଠୋର ସ୍କ୍ରବ୍ ବଦଳରେ ଘରୋଇ ସ୍କ୍ରବ୍ ବ୍ୟବହାର କରନ୍ତୁ। ଚାଉଳ ଗୁଣ୍ଡ ସହ ଦହି କିମ୍ବା ମସୁର ଡାଲି ବଟାକୁ ମୁହଁ ଓ ଶରୀରରେ ଧୀରେ ଧୀରେ ଘଷନ୍ତୁ। ଏହା ଚର୍ମକୁ ଡିପ୍ କ୍ଲିନ୍ କରିବାସହିତ ରଙ୍ଗ ଦୂର କରିବ ।

■ ଶାମ୍ପୁ କରିବାର ଗୋଟିଏ ଦିନ ପରେ ମଧ୍ୟ ରଙ୍ଗ କାରଣରୁ କେଶ ରୁକ୍ଷ ଲାଗିପାରେ। ତେଣୁ କେଶର ଆର୍ଦ୍ରତା ଫେରାଇ ଆଣିବା ପାଇଁ ଏକ ହେୟାର ମାସ୍କ ଲଗାନ୍ତୁ। ଦହି, ମହୁ ଏବଂ ପାଚିଲା କଦଳୀକୁ ମିଶାଇ କେଶରେ ୨୦-୩୦ ମିନିଟ୍ ରଖନ୍ତୁ ଏବଂ ପରେ ଧୋଇ ଦିଅନ୍ତୁ। ଏହା କେଶକୁ ମୂଲାୟମ ଓ ସାଇନିଂ କରିବ।

■ ଯଦି ଚର୍ମରେ କୁଣ୍ଡେଇ ହେଉଛି କିମ୍ବା ନାଲି ପଡ଼ିଯାଇଛି, ତେବେ ଏଥିପାଇଁ ବେସନ, ହଳଦୀ, ଗୋଲାପ ଜଳ ଏବଂ ଟିକେ କ୍ଷୀର ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ୧୫ ମିନିଟ୍ ଲଗାଇ ଧୋଇ ଦିଅନ୍ତୁ। ଏହା ରଙ୍ଗ ଛଡ଼ାଇବାରେ ସାହାଯ୍ୟ କରିବା ସହ ଟ୍ୟାନିଂ ମଧ୍ୟ ଦୂର କରିବ।

■ ହୋଲି ଖେଳିବାର ୨-୩ ଦିନ ପର୍ଯ୍ୟନ୍ତ ଚର୍ମ ବହୁତ ସମ୍ବେଦନଶୀଳ ଥାଏ। ଏଥିପାଇଁ ହୋଲିର ପରଦିନ ଫେସିଆଲ୍, ବ୍ଲିଚ୍, କିମ୍ବା କେଶରେ କୌଣସି ରଙ୍ଗ କରନ୍ତୁ ନାହିଁ। ଏହା ଦ୍ୱାରା ଚର୍ମରେ ରାସାୟନିକ ପ୍ରତିକ୍ରିୟା ହୋଇ କ୍ଷତି ପହଞ୍ଚିପାରେ।

■ ଓଠ ଏବଂ ଆଖି ଚାରିପାଖର ଚର୍ମ ଅଧିକ ପତଳା ହୋଇଥାଏ, ଯେଉଁଠି ରଙ୍ଗ ଶୀଘ୍ର ଛାଡେ ନାହିଁ। ଏଥିପାଇଁ ଓଠରେ ଭଲ ଭାବେ ଲିପ୍ ବାମ କିମ୍ବା ଘିଅ ଲଗାନ୍ତୁ। ଆଖିର ଥକାପଣ ଦୂର କରିବା ପାଇଁ କାକୁଡ଼ି ଚେପା ଆଖି ଉପରେ ରଖନ୍ତୁ।

## ସୋସିଆଲ କୋଟ୍ସ



ଟିଭିରେ ଅଭିନୟ କରି ଅନେକ କିଛି ଶିଖିଛି । ଏଠାରେ ଅଭିନୟ ସହିତ ଖୁବ ପରିଶ୍ରମ କରିବାକୁ ପଡିଥାଏ । ଏଠାକିରା ପରିବେଶ ଅନ୍ୟ ସେଟଠାରୁ ଭିନ୍ନ ଥାଏ ।

**ଭିଭିଆନ୍ ଡେସନା, ଅଭିନେତା**



ସବୁ ଦମ୍ପତିଙ୍କ ଭିତରେ ଝଗଡା ହୋଇଥାଏ। ହେଲେ ମୁଁ କେବେ ବି ମଦ ପିଇ ପୂଜାଙ୍କୁ କୌଣସି କ୍ଷତି ପହଞ୍ଚାଇ ନାହିଁ। ଓଲଟା ସିଏ ମୋର କ୍ଷତି କରିଛନ୍ତି ।

**ରଣବୀର ସୌରେ, ଅଭିନେତା**



ଦୋସ୍ତାନା-୨ ଫିଲ୍ମରେ ସ୍ଥାନ ମିଳିନଥିବା କୌଣସି ଦୁଃଖ ଦେଇନଥିଲା। ଏଥିପାଇଁ ମୋର କୌଣସି ଅଭିଯୋଗ ମଧ୍ୟ ନାହିଁ। ଯାହା ହେବାର ଥିଲା ହେଲା ।

**କାର୍ତ୍ତିକ ଆରିଅନ, ଅଭିନେତା**

ଚୀନର ଜଣେ ଯୁବକ ନିକଟରେ କ୍ୟାଟ ଫିଡିଂ ସର୍ଭିସ ପାଇଁ ଖୁବ ଚର୍ଚ୍ଚାରେ ରହିଛନ୍ତି । ଯୁବକ ଜଣଙ୍କ ଏହି ସର୍ଭିସ ଦେଇ ଖୁବ ଅଧିକ ରୋଜଗାର ମଧ୍ୟ କରୁଛନ୍ତି । ସେ ଏହି ସମୟରେ ୨୦ ଲକ୍ଷ ଟଙ୍କାର ରୋଜଗାର କରିଥିବା ଜଣା ପଡିଛି । ଚୀନରେ କୌଣସି ଉତ୍ସବ ସମୟରେ ଅନେକଲୋକ ଘରକୁ ପଳାନ୍ତି ଯେଉଁ ସମୟରେ ଯୁବକ ଜଣଙ୍କ ସେମାନଙ୍କ ବିଲେଇର ଯତ୍ନ ନେବାସହିତ ସେମାନଙ୍କୁ ଖାଇବାକୁ ଦେଇଥାଆନ୍ତି । ଏହି କାର୍ଯ୍ୟ କରିବା ପାଇଁ ସେ ନିଜ ଟିମରେ ଚାରି ଜଣଙ୍କୁ ସାମିଲ କରିଛନ୍ତି । ଏହି ସମୟରେ ସେ ଏକ ହଜାରରୁ ଅଧିକ ବିଲେଇଙ୍କର ଧ୍ୟାନ ରଖିଥିବା ଜଣା ପଡିଛି । ପ୍ରତିଦିନ ସେ ପାଖାପାଖି ୫-୫ ଘରକୁ ଯାଇ ବିଲେଇମାନଙ୍କର ଯତ୍ନ ନେଇଥାଆନ୍ତି । ପ୍ରତିଟି ଘରେ ୧୦ରୁ ୧୫ ମିନିଟ ରହିବାକୁ ପଡିଥାଏ ଏବଂ ବିଲେଇଙ୍କର ଧ୍ୟାନ ରଖିବାକୁ ହୋଇଥାଏ । ଏହି ସମୟରେ ସେ ବିଲେଇଙ୍କର ସ୍ୱାସ୍ଥ୍ୟର ଧ୍ୟାନ ରଖିବା ସହିତ ସେମାନଙ୍କୁ ଖାଇବା ଦେଇଥାଆନ୍ତି ।



## କ୍ୟାଟ ଫିଡିଂ ସର୍ଭିସ

## ଇତିହାସ

୧୯୧୫-ଶାନ୍ତିନିକେତନରେ ଜାତିର ପିତା ମହାତ୍ମା ଗାନ୍ଧି ଓ ରବିନ୍ଦ୍ରନାଥ ଟାଗୋରଙ୍କ ମଧ୍ୟରେ ପ୍ରଥମ ଥର ପାଇଁ ଭେଟ ହେଲା ।

୧୯୬୧- ମୁମ୍ବାଇରେ ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍ ଦ୍ୱାରା ଦେଶର ପ୍ରଥମ ବିତ୍ତୀୟ ଦୈନିକ ଖବରକାଗଜ ଦି ଇକୋନମିକ୍ସ ଟାଇମ୍ସର ଉଦ୍‌ଘାଟନ କରାଗଲା ।

୧୯୮୩- ସଂଯୁକ୍ତ ରାଷ୍ଟ୍ରରେ ପ୍ରଥମ ଥର ପାଇଁ ଫୁଟବଲ୍ ଲିଗ୍‌ର ସ୍ଥାପନା କରାଗଲା।

୧୯୯୦- ଇନ୍ଦିରା ଗାନ୍ଧି ଗୋଲ୍ଡ ହକି ଟୁର୍ଣ୍ଣାମେଣ୍ଟରେ ଭାରତକୁ ବିଜୟୀ ମୁକୁଟ ।

୧୯୯୫- ଦକ୍ଷିଣ ଭାରତରେ ହିନ୍ଦୀର ପ୍ରଚାରପ୍ରସାର ନେଇ ହୋଇଥିବା ଆନ୍ଦୋଳନର ସଙ୍ଗଠକ ମୋଟୁରୀ ସତ୍ୟନାରାୟଣଙ୍କ ଦେହାନ୍ତ ।

୨୦୦୩- ଆଲଜେରିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୧୦୨ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ପ୍ରାଣହାନୀ ।

୨୦୦୭- ଦକ୍ଷିଣ ଚୀନ୍‌ର ଏକ କୋଇଲା ଖଣିରେ ବିସ୍ଫୋରଣ ଘଟି ୧୫ ଜଣ ଶ୍ରମିକଙ୍କ ମୃତ୍ୟୁ ।

# ବଢୁଛି ବ୍ରହ୍ମାଣ୍ଡ

ଯେତେବେଳେ ବି ମଣିଷ ଆକାଶକୁ ଦେଖିଥାଏ ସେତେବେଳେ ଗୋଟିଏ ଭାବନା ତା ମୁଣ୍ଡକୁ ଆସିଥାଏ,ଏ ବ୍ରହ୍ମାଣ୍ଡ କେତେବଡ । ବ୍ରହ୍ମାଣ୍ଡର ଆକାରକୁ ନେଇ ଅନେକ ତଥ୍ୟ ବିଭିନ୍ନ ସମୟରେ ସାମନାକୁ ଆସିଥାଏ । ସେହିଭଳି ଏକ ତଥ୍ୟ ଦେଇଛି ନାସାର ହବଲ୍ ସ୍ପେସ୍ ଟେଲିସ୍କୋପ । ଏହି ଟେଲିସ୍କୋପ ପଠାଇଥିବା ଫଟୋରୁ ଅନୁସନ୍ଧାନ କରି ବୈଜ୍ଞାନିକମାନେ ଏକ ତଥ୍ୟ ବାହାର କରିଛନ୍ତି । ବୈଜ୍ଞାନିକଙ୍କ ଆକଳନ ଅନୁଯାୟୀ ଆସନ୍ତା ୧୦ ବିଲିଅନ ବର୍ଷ ମଧ୍ୟରେ ଆମର ବ୍ରହ୍ମାଣ୍ଡର ଆକାର ଦ୍ୱିଗୁଣ ବଢିବ । ୧୯୨୦ ମସିହାରେ ଏଡ୍‌ଓ୍ୱିନ୍ ହବଲ୍‌ଙ୍କ ତଥ୍ୟ ଅନୁସାରେ ବ୍ରହ୍ମାଣ୍ଡ ସ୍ଥିର ନୁହେଁ, ଏହା ବଢୁଛି । ତାଙ୍କର ଏହି ଆକଳନର ପାଖାପାଖି ୧୦୦ ବର୍ଷ ପରେ ପୁଣି ଥରେ ଏନେଇ ଆକଳନ କରାଯାଇଛି । ହବଲଙ୍କ ତଥ୍ୟ ଅନୁସାରେ ଆମ ଗ୍ରହାଣୁ ପୁଞ୍ଜୀ ବାହାରେ ଅନେକ ଗ୍ରହାଣୁ ପୁଞ୍ଜୀ ଏବଂ ଛାୟାପଥ ରହିଛି ଯାହା ଧୀରେଧୀରେ ଗତି କରୁଛି । ତେଣୁ ଯଦି ବୈଜ୍ଞାନିକଙ୍କର ଏହି ଆକଳନ ସତ ହୁଏ ତେବେ ଆଗକୁ ବ୍ରହ୍ମାଣ୍ଡର ଆକାରରେ ଏକ ବୃହତ୍ତ ପରିବର୍ତ୍ତନ ଆସିବ ।





ଲୋକପ୍ରିୟ ତେଲୁଗୁ ଅଭିନେତା ବିଜୟ ଦେବରକୋଣ୍ଡା ଏବଂ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ରିସେପ୍ସନ୍ ପାର୍ଟି ହାଇଦ୍ରାବାଦର ତାଜ କୃଷ୍ଣା ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି, । ଏହି ଷ୍ଟାର୍ ଦମ୍ପତି ବର୍ତ୍ତମାନ ନିଜ ରିସେପସନ ପାର୍ଟିରେ ପିନ୍ଧିଥିବା ପାରମ୍ପରିକ ପୋଷାକ ଓ ଗେଟଅପ ପାଇଁ ଚର୍ଚ୍ଚାରେ ଅଛନ୍ତି। ଏହି ନବବିବାହିତ ଦମ୍ପତି ଆଧୁନିକ ଚମକ ଅପେକ୍ଷା ନିଜର ସାଂସ୍କୃତିକ ପରମ୍ପରାକୁ ଅଧିକ ଗୁରୁତ୍ୱ ଦେଇଥିବା ବେଳେ

# ପରମ୍ପରାପ୍ରିୟ

ସେମାନଙ୍କର ଏହି 'ଟ୍ରାଡିସନାଲ୍ ଲଭର' ଅନ୍ଦାଜ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ରଶ୍ମିକା ଏକ ଗାଢ଼ ନାଲି ରଙ୍ଗର ମୈସୁର ସିଲ୍କ ଶାଢ଼ୀ ସହ ଭାରୀ ସୁନା ଅଳଙ୍କାର ଏବଂ ମୁଣ୍ଡରେ ଗଜରା ଲଗାଇ ଜଣେ ପାରମ୍ପରିକ ଭାରତୀୟ ବଧୂ ରୂପ ନେଇଥିଲେ। ତେବେ ସବୁଠାରୁ ବେଶି ଚର୍ଚ୍ଚା ସାଉଁଟିଛନ୍ତି ବିଜୟ ଦେବରକୋଣ୍ଡା । ବିଜୟ ଏକ ଶୁଭ୍ର ଧଳା ରଙ୍ଗର ପାରମ୍ପରିକ ଧୋତି ଏବଂ କୁର୍ତ୍ତା ପରିଧାନ କରି ଦକ୍ଷିଣ ଭାରତୀୟ ସଂସ୍କୃତିକୁ ଆପଣାଇଥିଲେ। ଏହି ଉତ୍ସବରେ ସିନେମା ଜଗତର ଅନେକ ବଡ଼ ବଡ଼ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ । ବି ଟାଉନ ସହିତ ସାଉଥ ଓ ଅନ୍ୟ ଇଣ୍ଡଷ୍ଟ୍ରୀର ଅନେକ ସେଲିବ୍ରିଟି ଓ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଏଥିରେ ଦେଖିବାକୁ ମିଳିଥିଲା । ଫ୍ୟାନମାନେ ଉଭୟଙ୍କୁ ଅନେକ ଶୁଭେଚ୍ଛା ଦେଉଥିବାର ଦେଖିବାକୁ ମିଳିଛି ।



**ମେଷ-** ଅର୍ଥପ୍ରାପ୍ତିର ସୁଯୋଗ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ଦାମ୍ପତ୍ୟ ସୁଖ, ଆଶା ସଫଳ, ନୂତନ ନିଯୁକ୍ତି, ବ୍ୟବସାୟରେ ଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ଭଗବାନ ଶଙ୍କର।

**ବୃଷ-** ଶତ୍ରୁରେ ବିଜୟ ଦୂରଯାତ୍ରା, ଶାରୀରିକ ପରିଶ୍ରମ, ହଠାତ୍ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅର୍ଥଲାଭ, ପଦମର୍ଯ୍ୟାଦା ବୃଦ୍ଧି ସୁସମାଚାର, ସୁମିଷ୍ଟ ଭୋଜନ ପ୍ରାପ୍ତି, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା- ଶ୍ରୀଜଗନ୍ନାଥ।

**ମିଥୁନ-** ସନ୍ତାନ ସମସ୍ୟା, ବ୍ୟବସାୟରେ ମଧ୍ୟମ ଫଳ, ଉଚ୍ଚଆଶା ବିଫଳ, ନୂତନ କାର୍ଯ୍ୟାରମ୍ଭ, ଦେବକାର୍ଯ୍ୟ, ଅର୍ଥ ସମସ୍ୟା, ଦାମ୍ପତ୍ୟ ସୁଖ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୭, ଆରାଧନା- ମା ଭଗବତୀ।

**କର୍କଟ-** ଶୁଭକାର୍ଯ୍ୟରେ ଧନବ୍ୟୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦେବଦର୍ଶନ, ଶରୀର ସୁସ୍ଥ, ବନ୍ଧୁଲାଭ, ସନ୍ତାନପ୍ରାପ୍ତି, ଶୁଭଖବର, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ।

**ସିଂହ-** ସହଯୋଗ ପ୍ରାପ୍ତି, ମାନସିକ ଶାନ୍ତି, ଦୂରଯାତ୍ରାରେ ସଫଳ, କାର୍ଯ୍ୟରେ ସଫଳ, ମିତ୍ର ସାହାଯ୍ୟ, ଶତ୍ରୁ ସମସ୍ୟା, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଗୋମାତାଙ୍କ ସେବା।

**କନ୍ୟା-** ମାନସମ୍ମାନ ବୃଦ୍ଧି, ସୁସମ୍ବାଦ ପ୍ରାପ୍ତି, ବାଣିଜ୍ୟରେ ଲାଭ, ଦାମ୍ପତ୍ୟ ସୁଖ, ସମସ୍ୟା ସମାଧାନ, ମାନସିକ ଶାନ୍ତି, ନୂତନ ନିଯୁକ୍ତି, ଦୂରଯାତ୍ରା ସଫଳ, ଉତ୍ତରଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୧୦, ଆରାଧନା- ଦକ୍ଷିଣକାଳୀ।

**ତୁଳା-** କର୍ମରେ ଆନନ୍ଦ, ବନ୍ଧୁସାହାଯ୍ୟ, ବ୍ୟବସାୟରେ କଷ୍ଟ, ଦାମ୍ପତ୍ୟ ସୁଖ, ଲୋକସମ୍ପର୍କ ବୃଦ୍ଧି, ନୂତନ କର୍ମ ଆରମ୍ଭ, ମାନସିକ ଅବସାଦ, ସନ୍ତାନ ସୁଖ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା- ଗ୍ରାମଦେବତୀ।

**ବିଛା-** ଅନୁଷ୍ଠାନରୁ ଲାଭ, ଶୁଭ ଖବର, ସମ୍ପତ୍ତି ଲାଭ, ଶତ୍ରୁ ପରାଜିତ, ଦାମ୍ପତ୍ୟ ସୁଖ, ଦୂରଯାତ୍ରା ସଫଳ, ସ୍ୱାଦିଷ୍ଟ ଭୋଜନ ପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ନିନ୍ଦିତ ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା- ପ୍ରଭୁ ନାରାୟଣ।

**ଧନୁ-** ପ୍ରୀତି ବୃଦ୍ଧି, ସମ୍ପର୍କରେ ଉନ୍ନତି, ଯାତ୍ରାରେ ସାବଧାନ, ଶରୀର ସୁସ୍ଥ, ବିବିଷ୍ଟ କାର୍ଯ୍ୟରେ ଧନବ୍ୟୟ, ଶତ୍ରୁ ସମସ୍ୟା, କର୍ମରେ ଶାନ୍ତି, ଋଣଗ୍ରସ୍ତ, ନୂତନ ସମସ୍ୟା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ।

**ମକର-** କର୍ମରେ ଆନନ୍ଦ, ଦୂରଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ଦେବଦର୍ଶନ, ଗୃହେ ଉତ୍ସବ, ଆଶାରେ ସଫଳତା, ଦାମ୍ପତ୍ୟ ସୁଖ, ଦ୍ରବ୍ୟ ଲାଭ, ମାନସିକ ଅବସାଦ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ।

**କୁମ୍ଭ-** ଅର୍ଥଲାଭ, ବନ୍ଧୁ ବିଦ୍ରୋହ, ଦୂରଯାତ୍ରାରେ ସତର୍କ, ଅତିଥିଲାଭ, ଶରୀର ଅସୁସ୍ଥ, ଉଚ୍ଚଆଶା ବିଫଳ, ବ୍ୟବସାୟରେ ଲାଭ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ପ୍ରତିକାର- ମା ବିମଳା।

**ମୀନ-** ସ୍ୱାସ୍ଥ୍ୟହାନି, ସମ୍ପର୍କରେ ଫାଟ, ଆଶାରେ ବିଫଳ, ଅର୍ଥ ସମସ୍ୟା, ଦେବଦର୍ଶନ, ମାନସିକ ଅବସାଦ, ନୂତନ କର୍ମରେ ସଫଳ, ଦ୍ରବ୍ୟ ନଷ୍ଟ, ଶତ୍ରୁ ସମସ୍ୟା, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା କୋଚିଳାଇ।

**ଚୈତ୍ର କୃଷ୍ଣପକ୍ଷ, ତୃତୀୟା**
**୬.୩.୨୦୨୬ ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୫୦
ତିଥି: ଦ୍ୱିତୀୟା
୦୬ ମାର୍ଚ୍ଚ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 150
06 March 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ରୋଚକ ସ୍ଥିତିରେ ରାଜ୍ୟସଭା ନିର୍ବାଚନ

# ୪ ସଦସ୍ୟ ଲାଗି ୫ ନାମାଙ୍କନ





- ମନମୋହନ, ସୁଜିତ କୁମାରଙ୍କ ବିଜେପି ପକ୍ଷରୁ ନାମାଙ୍କନ ଦାଖଲ
- ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କଲେ ଦିଲ୍ଲୀପ
- ସନ୍ତୃପ୍ତ ବିଜେଡିରୁ, ଦତ୍ତେଶ୍ୱର କମନ ପ୍ରାର୍ଥୀ
- ଜିତିବା ପାଇଁ ଉଭୟ ପକ୍ଷ ଆଶାବାଦୀ
- ୨୦୦୨ ପରି ଜିତାପଟ ହାସଲ କରିବି : ଦିଲ୍ଲୀପ

ଭୁବନେଶ୍ୱର, ୫ ।୩ (ସବ୍ୟୁ) : ରାଜ୍ୟସଭା ଲାଗି ଖାଲି ହେଉଥିବା ୪ ସଦସ୍ୟ ପଦ ଲାଗି ଆଜି ୫ ଜଣ ନାମାଙ୍କନ ଦାଖଲ କରିଛନ୍ତି । ବିଜେପି ପକ୍ଷରୁ ମନମୋହନ ସାମଲ ଓ ସୁଜିତ୍ କୁମାର ନାମାଙ୍କନ ଦାଖଲ କରିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲ୍ଲୀପ ରାୟ ନାମାଙ୍କନ ଭରିଛନ୍ତି । ଦିଲ୍ଲୀପଙ୍କୁ ବିଜେପି ସମର୍ଥନ କରିଛି ।

ସେହିଭଳି ବିଜେଡି ପ୍ରାର୍ଥୀ ଭାବେ ସନ୍ତୃପ୍ତ ମିଶ୍ର ନାମାଙ୍କନ ଦାଖଲ କରିଥିବାବେଳେ କମନ୍ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ନାମାଙ୍କନ ଭରିଛନ୍ତି । ଦତ୍ତେଶ୍ୱରଙ୍କୁ ଉଭୟ କଂଗ୍ରେସ ଓ ବିଜେଡି ପକ୍ଷରୁ ସମର୍ଥନ ଦିଆଯାଇଛି । ଆସନ୍ତାକାଲି ପ୍ରାର୍ଥିପତ୍ର ଯାଞ୍ଚ କରାଯିବ । ଯାଞ୍ଚ ପରେ ଯଦି ୫ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହେ ତେବେ ଆଗାମୀ (୯ ପୃଷ୍ଠାରେ)

## ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ

ମୁମ୍ବାଇ, ୫।୩ (ଏଜେନ୍ସି) : ଐତିହାସିକ ୱାଙ୍ଖଡେ ଷ୍ଟାଡିୟମରେ ଇତିହାସ ରଚିଛି ଭାରତ । ଡିଫେଣ୍ଡିଂ ଚାମ୍ପିଅନ ଭାରତ ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡକୁ ୭ ରନରେ ଧରାଶାୟୀ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ଇଂଲଣ୍ଡର ଜ୍ୟାକବ ବେଥେଲଙ୍କ ବିଧ୍ୱଂସୀ ଇନିଂସ ବ୍ୟର୍ଥ ଯାଇଛି । ବୋଲର ମହାଙ୍ଗା ସାବ୍ୟସ୍ତ ହୋଇଥିଲେ ମଧ୍ୟ ଭାରତର ବିଶାଳ ରନକୁ ଅତିକ୍ରମ କରିବାରେ ସଫଳ ହୋଇନି ଇଂଲଣ୍ଡ । ଭାରତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୫୩ ରନ କରିଥିଲା । ଜବାବରେ ଇଂଲଣ୍ଡ ୨୦ ଓଭରରେ ୨୪୬/୭ ରନ୍ କରିବାକୁ ସକ୍ଷମ ହୋଇଥିଲା । ଚଳିତ ଟି-୨୦ ବିଶ୍ୱକପର ଟାଇଟଲ ଲଢ଼େଇ ରବିବାର ହେବ । ଏହି ମହାଲଢ଼େଇରେ ନ୍ୟୁଜିଲାଣ୍ଡକୁ ଭେଟିବ ଭାରତ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଭାରତ-ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ । ଭାରତ ଚତୁର୍ଥଥର ପାଇଁ ଟି-୨୦ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଛି । ଏତଦ ବ୍ୟତୀତ ଯଦି ଭାରତ ଟାଇଟଲ ଜିତିବାକୁ ସକ୍ଷମ ହୁଏ ତେବେ ଇତିହାସ ବଦଳି ଯିବ । କାରଣ ୨୦୦୭ରୁ ଆରମ୍ଭ ହୋଇଥିବା ଟି-୨୦ ବିଶ୍ୱକପରେ ଅଦ୍ୟାବଧି । କୌଣସି ଆୟୋଜକ ରାଷ୍ଟ୍ର ଚାମ୍ପିଅନ ହୋଇନାହାନ୍ତି । (୯ ପୃଷ୍ଠାରେ)

## ଖାମନେଇଙ୍କ ମୃତ୍ୟୁରେ ଭାରତର ଦୁଃଖ ପ୍ରକାଶ

ନୂଆଦିଲ୍ଲୀ, ୫ ।୩ : ଇରାନର ସର୍ବୋଚ୍ଚ ନେତା ଆଓତୋଲ୍ଲା ଅଲ୍ଲି ଖାମନେଇଙ୍କ ମୃତ୍ୟୁରେ ଭାରତ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି । ନୂଆଦିଲ୍ଲୀର ଇରାନ ଦୂତାବାସକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବ ବିକ୍ରମ ମିଶ୍ରି ଯାଇ କଣ୍ଡୋଲେନ୍ସ ବୁକ୍‌ରେ ସ୍ୱାକ୍ଷର କରିଛନ୍ତି ।ଆମେରିକା ଓ ଇରାନର ଏୟାରଷ୍ଟ୍ରାଇକ୍‌ରେ ଗତ ୨୮ ତାରିଖରେ ଖାମନେଇ ମୃତ୍ୟୁବରଣ କରିଥିଲେ । ଇରାନରେ ୪୦ ଦିନିଆ ଶୋକ ଘୋଷଣା କରାଯାଇଛି ।

ଭାରତ ଆଜି ଶୋକ ପୁସ୍ତିକାରେ ଇରାନ ଦୂତାବାସରେ ସ୍ୱାକ୍ଷର କରିଛି । ତେହେରାନ୍ ପକ୍ଷରୁ ହରମୁଜ୍ ପ୍ରଣାଳୀରେ ଭାରତୀୟ ଜାହାଜକୁ ରୋକାଯିବ ନାହିଁ ବୋଲି ଘୋଷଣା କରାଗଲା ପରେ ଭାରତ ପକ୍ଷରୁ ତୁରନ୍ତ ଏହି ପଦକ୍ଷେପ ନିଆଯାଇଛି । ଇରାନ ପକ୍ଷରୁ କୁହାଯାଇଛି ଯେ ଏହି ପ୍ରଣାଳୀରେ ଆମେରିକା, ଇସ୍ରାଏଲ ଓ ୟୁରୋପ ସମୂହର ଜାହାଜଗୁଡ଼ିକୁ ଯାତାୟତ ପାଇଁ ଅନୁମତି ଦିଆଯିବନାହିଁ । ଏହି ଦେଶର ଜାହାଜଗୁଡ଼ିକୁ ଉଡାଇ (୯ ପୃଷ୍ଠାରେ)

## ଶ୍ରୀଲଙ୍କା ଅଭିମୁଖେ ଇରାନ ଜାହାଜ

ନୂଆଦିଲ୍ଲୀ, ୫ ।୩ : ଇରାନର ଗୋଟିଏ ନୌସେନା ଜାହାଜକୁ ଧ୍ୱଂସ କରିବା ପରେ ଦ୍ୱିତୀୟ ଯୁଦ୍ଧ ଜାହାଜ ଆଜି ଶ୍ରୀଲଙ୍କା ଉପକୂଳ ଅଭିମୁଖେ ବାହାରିଛି । ଶ୍ରୀଲଙ୍କା ଇରାନର ଜାହାଜକୁ ତା ଉପକୂଳରେ ସୁରକ୍ଷା ଦେବ ବୋଲି ସୂଚନା ମିଳିଛି । ଆମେରିକାର ଆକ୍ରମଣରେ ଇରାନର ଯୁଦ୍ଧ ଜାହାଜ ଧ୍ୱଂସ ହେବାରୁ ୮୦ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବାବେଳେ ୧୨ରୁ ଉର୍ଦ୍ଧ୍ୱ ନିଖୋଜ ଅଛନ୍ତି ।

ବୁଧବାର ଇରାନର ଯୁଦ୍ଧ ଜାହାଜକୁ ଟ୍ରପୋଡ ମାଧ୍ୟମରେ ଆମେରିକା ଧ୍ୱଂସ କରିଥିଲା । ଆମେରିକା ଓ (୯ ପୃଷ୍ଠାରେ)

## ପୃଥକ ପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣା : ୪ ମୃତ

କଣ୍ଟାପଡା/ଖଣ୍ଡପଡା/ରଣପୁର, ୫ ।୩ (ସବ୍ୟୁ): ପୃଥକପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣାଘଟି ୪ଜଣଙ୍କର ମୃତ୍ୟୁ ହୋଇଛି । କଟକ ଜିଲ୍ଲା ନଖରା-ନିଆଳି ୬୦ନମ୍ବର ରାଜ ରାଜପଥରେ ସଂଘଠିତ ଏକ ଦୁର୍ଘଟଣାରେ ଜଣେ ନବ ବିବାହିତ ଯୁବକଙ୍କ ଅକାଳ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣଙ୍କ କଣ୍ଟାପଡ଼ା ବ୍ଲକ ଅଡ଼ଶପୁର ପଞ୍ଚାୟତ ବରାହୀପୁର ମୌଜାର ସ୍ୱର୍ଗତ ହରେକୃଷ୍ଣ ନାୟକଙ୍କ ସାନ ପୁଅ ଗଙ୍ଗାଧର ନାୟକ ଓରଫ ନିଲୁ (୩୦) । ନିଲୁ ଇଛାପୁରଠାରେ ରାସ୍ତା ପାଶ୍ୱର୍ରେ ନିଜ ପଲସର ବାଇକ ନିକଟରେ ଠିଆ ହୋଇଥିଲାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଜେସିବି ତାଙ୍କୁ ଧକ୍କା ଦେଇଥିଲେ । ଏଥିରେ ନିଲୁ ଗୁରୁତର ଆହତ ହୋଇଥିଲେ ତାଙ୍କ ଛାତି ଓ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନିକଟସ୍ଥ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ଫୁଲନଖରାସ୍ଥିତ ସମ ହସପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ (୯ ପୃଷ୍ଠାରେ)





ରାଜ୍ୟସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି ବିଜେପି ପ୍ରାର୍ଥୀ ମନମୋହନ ସାମଲ, ସୁଜିତ୍ କୁମାର ଓ ସ୍ୱାଧିନ ପ୍ରାର୍ଥୀ ଦିଲ୍ଲୀପ ରାୟ।



ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ କମନ କ୍ୟାଣ୍ଡେଟ୍ ଡାକ୍ତର ଦତ୍ତେଶ୍ୱର ହୋତା

# ସିଆର୍‌ପିଏଫ୍ ଯବାନଙ୍କ ଆତ୍ମହତ୍ୟା

କଟକ,(ସବ୍ୟୁ): ସିଆରଆରଆଇ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଅଞ୍ଚଳରେ ଭଡ଼ା ନେଇ ରହୁଥିବା ଜଣେ ସିଆରପିଏଫ୍ ଯବାନ ଆତ୍ମହତ୍ୟା କରିଛନ୍ତି । ମୃତ ଯବାନଙ୍କ ଘର ଜଗତସିଂହପୁରରେ ହୋଇଥିବା ବେଳେ ତାଙ୍କ ନାଁ ଗତିକୃଷ୍ଣ ବେହେରା(୩୯) । ପୁଲିସ ମୃତକଙ୍କ ଭଡ଼ା ଘରୁ ଶବ ଜବତ କରି ଏସ୍‌ସିବି ପଠାଇଥିବା ବେଳେ ସେଠାରେ ଶବ ବ୍ୟବଚ୍ଛେଦ କରାଯାଇଥିଲା । ଭଡ଼ାଘରେ ଗତିକୃଷ୍ଣଙ୍କ ପତ୍ନୀ ଓ ଗୋଟିଏ ପିଲା ରୁହନ୍ତି । କିଛି ଦିନ ହେବ ରାଜ୍ୟ ବାହାରେ କାର୍ଯ୍ୟରତ ଗତିକୃଷ୍ଣ ଛୁଟି ନେଇ ଘରକୁ ଆସିଥିଲେ । ବୁଧବାର ପରିବାର ସହିତ ହୋଲି ମଧ୍ୟ ଖେଳିଥିଲେ । ବିଳମ୍ବିତ ରାତିରେ ଉଭୟ ଗତିକୃଷ୍ଣ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା । ଶେଷରେ ଶୋଇବା ଘରେ ପତ୍ନୀ ଓ ପିଲା ଶୋଇଥିବା ବେଳେ ଗତିକୃଷ୍ଣ ଅନ୍ୟଏକ ରୁମ୍‌ରେ ଶୋଇଥିଲେ । ଆଜି ସକାଳ ୧୦ଟା ପର୍ଯ୍ୟନ୍ତ ଶୋଇବା ଘର କବାଟ ଖୋଲିନଥିଲେ । ସନ୍ଦେହ ହେବାରୁ ପତ୍ନୀ ପଡ଼ିଶା ଘର ଲୋକଙ୍କୁ ଡାକିଥିଲେ । ଏହାପରେ ପୁଲିସକୁ ଖବର ଦିଆଯାଇଥିଲା । ପୁଲିସ ଉପସ୍ଥିତିରେ ଘରର କବାଟ ଭଙ୍ଗାଯିବାରୁ ଫ୍ୟାନ୍‌ରେ ରସି ଲଗାଇ ଗତିକୃଷ୍ଣ ଝୁଲିଥିବାର ଦେଖିବାକୁ ମିଳିଥିଲା । ପୁଲିସ ଶବ ଜବତ କରି ଆମ୍ବୁଲାନ୍ସରେ ଏସ୍‌ସିବି ପଠାଇଥିଲା । ପାରିବାରିକ କଳହରୁ ଗତିକୃଷ୍ଣ ଆତ୍ମହତ୍ୟା କରିଛନ୍ତି ବୋଲି ଜୋନ୍ ଏସିପି ସୁଧାଂଶୁ ଭୂଷଣ ଜେନା ସୂଚନା ଦେଇଛନ୍ତି ।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ବିଜୁ ବାବୁ ପ୍ରେରଣାର ଉତ୍ସ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଓଡ଼ିଶାର ବିକାଶ ପାଇଁ ବ୍ରତୀ ଥିଲେ । ବିଜୁ ବାବୁ ଯେଉଁ କ୍ଷେତ୍ରରେ ହାତ ରଖୁଥିଲେ, ତାହା ସୁନା ପାଲଟି ଯାଉଥିଲା । ଅତୀତର ନାୟକ ନୁହେଁ, ବରଂ ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ବିଜୁ ବାବୁ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନ ଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି । ବିଜୁ ବାବୁଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ବିଜୁ ପଟ୍ଟନାୟକ କେବଳ ଜଣେ ବ୍ୟକ୍ତି ନୁହେଁ, ସେ ଥିଲେ ଏକ ଅନୁଷ୍ଠାନ ଓ ଏକ ବିଚାରଧାରା । ସାହସ, ଦୂରଦୃଷ୍ଟି ଓ ଦେଶପ୍ରେମ ତାଙ୍କ ଜୀବନର ପ୍ରମୁଖ ପରିଚୟ ଥିଲା ବୋଲି ସେ କହିଥିଲେ । ସେ କହିଥିଲେ ଯେ ଓଡ଼ିଶା ପାଇଁ ବିଜୁ ବାବୁଙ୍କର ଅନେକ ସ୍ୱପ୍ନ ଥିଲା । ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା, ଗରିବ ଲୋକଙ୍କୁ ରୋଜଗାର ଦେବା ଓ ମୌଳିକ ସୁବିଧା ସୁଯୋଗ ଦେବା, ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଗାଁ'ର ସମୃଦ୍ଧି ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା । ଏ ସମସ୍ତ ସ୍ୱପ୍ନର ସାମୂହିକ ରୂପ ହେଉଛି ସମୃଦ୍ଧ ଓଡ଼ିଶା । ସମୃଦ୍ଧ ଓଡ଼ିଶା ଗଠନ ହେଲେ ହିଁ, ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ହୋଇପାରିବ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ସମୃଦ୍ଧ ଓଡ଼ିଶା ଗଠନ କରି ବିଜୁ ବାବୁଙ୍କ ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବେ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବର୍ତ୍ତମାନ ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରୁଛନ୍ତି ଏବଂ ଗାଁ ଗାଁକୁ ପାନୀୟ ଜଳ, ସଡ଼କ, ବିଦ୍ୟୁତ ଓ ଶିକ୍ଷା ଭିତ୍ତିଭୂମି ସୁବିଧା ପ୍ରଦାନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ବିଭାଗ ପାଇଁ ୩୪,୧୬୬ କୋଟି ଟଙ୍କାର ରେକର୍ଡ ବଜେଟ ବ୍ୟବସ୍ଥା ହୋଇଥିବା କଥା ସେ ଉଲ୍ଲେଖ କରି ରାଜ୍ୟର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଉଥିବା କଥା କହିଥିଲେ । ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ । ପରିଶେଷରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶକୁ ଅନୁସରଣ କରି ଓଡ଼ିଶାର ସମୃଦ୍ଧି ଓ ଓଡ଼ିଆ ଜାତିର ଗୌରବକୁ ଆହୁରି ଉଚ୍ଚତାକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ବିଧାୟକ ବାବୁ ସିଂହ, ପୂର୍ଣ୍ଣଚନ୍ଦ୍ର ସେଠୀ, ବିଏମ୍‌ସି ମେୟର ଶ୍ରୀମତୀ ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



## ବିଜୁ ବାବୁଙ୍କ ୧୧୦ ତମ ଜୟନ୍ତୀ

# ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନ ଏବେ ବଡ଼ ବିପଦରେ :ନବୀନ

ଭୁବନେଶ୍ୱର(ସବ୍ୟୁ): ବିଜୁ ବାବୁ ଥିଲେ ଓଡିଶାର ଗୌରବମୟ ଅତୀତ ଓ ସମୃଦ୍ଧ ଭବିଷ୍ୟତ ମଧ୍ୟରେ ସୁବର୍ଣ୍ଣ ସେତୁ । ସେ କେବଳ ଆମ ଅତୀତ ଗୌରବ କୁ ନେଇ ଗର୍ବ କରୁ ନଥିଲେ । ଆମର ଉତ୍ତର ପିଢ଼ି ପାଇଁ ଏକ ସମୃଦ୍ଧ ଭବିଷ୍ୟତର ଯୋଜନା ମଧ୍ୟ କରିଥିଲେ । ବିଜୁ ବାବୁ କେବଳ ଜଣେ ରାଜନେତା ନଥିଲେ, ବରଂ ଓଡ଼ିଆ ଭାବାବେଗକୁ ପ୍ରତିନିଧିତ୍ୱ କରିଥିଲେ । ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ଅବସରରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କର ଏହା କହିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଶଙ୍ଖଭବନରେ ବିଜେଡି ପକ୍ଷରୁ ଆୟୋଜିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ଉତ୍ସବରେ ଯୋଗ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ, ଓଡିଆ ସ୍ୱାଭିମାନ ଥିଲା ତାଙ୍କର ସବୁଠାରୁ ବଡ ଶକ୍ତି । ଓଡିଶାର ବିକାଶ ଠାରୁ ଆରମ୍ଭ କରି ମହିଳା ସଶକ୍ତିକରଣ ତଥା ପଞ୍ଚାୟତିରାଜ ବ୍ୟବସ୍ଥାକୁ ତାଙ୍କର ଅବଦାନକୁ କେହି ଭୁଲି ପାରିବେ ନାହିଁ । ଲୋକଙ୍କ ଶକ୍ତିକୁ ସମ୍ମାନ ଦେଉଥିବା ନେତା ହିଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ମଜବୁତ କରିପାରିବ । ପଞ୍ଚାୟତିରାଜ ବ୍ୟବସ୍ଥା ଦୁର୍ବଳ ହେଲେ ଲୋକଙ୍କ ଭରସା ମଧ୍ୟ ନଷ୍ଟ ହୋଇଥାଏ । ଓଡ଼ିଶାରେ ପଞ୍ଚାୟତିରାଜ ଅନୁଷ୍ଠାନ ଏବେ ବଡ଼ ବିପଦରେ ଅଛି । ବିଜୁ ବାବୁଙ୍କ ଆଦର୍ଶରେ ବିଜୁ ଜନତା ଦଳ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ଜନ ସଚେତନା ସୃଷ୍ଟି କରିବ । ତାହା ହିଁ ହେବ ବିଜୁ ବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ଆହ୍ୱାନ ଦେଇଛନ୍ତି ଶ୍ରୀ ପଟ୍ଟନାୟକ । ସକାଳେ ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପାର୍କକୁ ଯାଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ।



# ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର (ସବ୍ୟୁ): ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ତଥା ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁବାବୁ ଜଣେ କିମ୍ବଦନ୍ତୀ ପୁରୁଷ । ସ୍ୱତନ୍ତ୍ର ଓ ସଫଳତାପୂର୍ଣ୍ଣ ବୈପ୍ଳବିକ ଜୀବନଶୈଳୀ ଦ୍ୱାରା ଉତ୍କଳ ଜନନୀର "ବୀରପ୍ରସବିନୀ' ନାମକୁ ସେ ଯଥାର୍ଥରେ ପ୍ରତିପାଦିତ କରିପାରିଛନ୍ତି । ବାସ୍ତବରେ ଓଡ଼ିଆ ଜାତିର ଦୁଃଖଦୁର୍ଦ୍ଦଶା ସେ ସହ୍ୟ କରିପାରୁ ନଥିଲେ । ମାଟିର ମୂର୍ତ୍ତିକାର ଓ ଝଡ଼ର ଇଗଲ ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ତଥା ଆଦର୍ଶ ପୁରୁଷଙ୍କ ଜୀବନୀ ଏକ ଇତିହାସ ସଦୃଶ । ଗୁରୁବାର ବିଧାନସଭା ପରିସରରେ ପ୍ରବାଦପୁରୁଷ ମହାନ ଜନନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଉତ୍ସବ ପାଳିତ ଅବସରରେ ଅତିଥିମାନେ ମତ ପୋଷଣ କରିଛନ୍ତି । ଏହି ଅବସରରେ ଯୋଗଦେଇ ବାଚସ୍ପତି ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ବାବୁ ସିଂ, ପ୍ରମିଳା ମଲ୍ଲିକ, ଭାସ୍କର ଚନ୍ଦ୍ର ମେଇ, ସରୋଜ ପାଢୀ, ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ଅରବିନ୍ଦ ଢାଲି, ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଉତ୍କଳ ସମ୍ମିଳନୀର ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



# ହାଇୱା ଚାଳକଙ୍କୁ ଆକ୍ରମଣ କରି ଲୁଟ କରିଥିବା ଦୁଇ ଅପରାଧୀ ଗିରଫ

ଜଟଣୀ, (ସବ୍ୟୁ) : ଗତ ଫେବୃଆରୀ ମାସ ୨୮ ତାରିଖ ରାତି ପ୍ରାୟ ୧୧.୦୦ ଟା ସମୟରେ ଅଭିଯୋଗକାରୀ ବୌଦ୍ଧ ଜିଲ୍ଲାର ସଞ୍ଜିବ କୁମାର ବିଶି (୩୫ ) ତାଙ୍କ ହାଇୱା ଟ୍ରକ୍ ସହିତ ରଥିପୁର ରେଲୱେ ଲେଭେଲ୍ କ୍ରସିଂ ନିକଟରେ ଠିଆ ହୋଇଥିବା ବେଳେ, ଦୁଇଜଣ ଅଭିଯୁକ୍ତ ଖଣ୍ଡା ଧରି ହଠାତ୍ ଟ୍ରକ୍ ଉପରକୁ ଚଢ଼ି ତାଙ୍କୁ ଭୟଭୀତ କରି ଆକ୍ରମଣ କରିଥିଲେ ଏବଂ ତାଙ୍କର ମୋବାଇଲ୍ ଫୋନ୍ ବଳପୂର୍ବକ ଛଡ଼ାଇ ନେଇଥିଲେ । ଏନେଇ ଅଭିଯୋଗକାରୀ ହୁଲ୍ଲା କରିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ସାଙ୍ଗରେ ଆଣିଥିବା ଏକ ମୋଟରସାଇକେଲ ଯୋଗେ ପଳାଇ ଯାଇଥିଲେ । ତଦନ୍ତ ସମୟରେ ଏହା ସ୍ପଷ୍ଟ ହୋଇଥିଲା ଯେ ଅଭିଯୁକ୍ତ ରବି ନାୟକ ଓରଫ ରବି(୩୨) ଏବଂ ଶେଖ ବାସୁରୁଦ୍ଦିନ ଓରଫ ବାସା (୪୦)ଉକ୍ତ ଅପରାଧରେ ସମ୍ପୃକ୍ତ ଥିଲେ । ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ ପକ୍ଷରୁ ରଥିପୁରର ଉତ୍କଳ କଲେଜ ନିକଟରେ ଏକ ଚଢାଉ କରାଯାଇଥିଲା ଏବଂ ଉଭୟ ଅଭିଯୁକ୍ତଙ୍କୁ ସମ୍ପୃକ୍ତ ମୋଟରସାଇକେଲରେ ଯାଉଥିବା ସମୟରେ ଗିରଫ କରାଯାଇଥିଲା । ପଚରାଉଚରା ସମୟରେ ସେମାନେ ଉକ୍ତ ରାତିରେ ହାଇୱା ଡ୍ରାଇଭରଙ୍କଠାରୁ ଗୋଟିଏ ଭିଭୋ ମୋବାଇଲ୍ ଫୋନ୍ ଛଡ଼ାଇ ନେବାରେ ସେମାନଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ । ତଲାସି ବେଳେ ଅଭିଯୁକ୍ତ ଶେଖ ବାସୁରୁଦ୍ଦିନ ଓରଫ ବାସାଙ୍କ ହେପାଜତରୁ ଘଟଣାରେ ବ୍ୟବହୃତ ମୋଟରସାଇକେଲ୍ ଜବତ କରାଯାଇଥିଲା । ପରବର୍ତ୍ତୀ ତଦନ୍ତରେ ଅଭିଯୁକ୍ତ ରବି ନାୟକଙ୍କ ଘରୁ ଛଡ଼ାଇ ନିଆଯାଇଥିବା ଭିଭୋ ମୋବାଇଲ୍ ଫୋନ୍ ସହ ଘଟଣାରେ ବ୍ୟବହୃତ ଖଣ୍ଡା ଉଦ୍ଧାର କରାଯାଇ ଜବତ କରାଯାଇଥିଲା । ଯାଞ୍ଚରୁ ପ୍ରକାଶ ପାଇଛି ଯେ ଅଭିଯୁକ୍ତ ରବି ନାୟକ ଉର୍ଫ ରବି ପୂର୍ବରୁ ଚୋରି, ଚୋରି ସମ୍ପତ୍ତି ଗ୍ରହଣ ଏବଂ ଡକାୟତି ପାଇଁ ପ୍ରସ୍ତୁତି ସମେତ ମୋଟ ଚାରିଟି ଅପରାଧିକ ମାମଲାରେ ଜଡିତ ଅଛନ୍ତି । ସେହିପରି ଅଭିଯୁକ୍ତ ଶେଖ ବାସୁରୁଦ୍ଦିନ ଉର୍ଫ ବାସା ପୂର୍ବରୁ ଡକାୟତି, ଚୋରି, ଏନଡିପିଏସ୍ ମାମଲା, ଡକାୟତି ପାଇଁ ଅବୈଧ ସମାବେଶ, ଅପରାଧିକ ଧମକ ଏବଂ ଅସ୍ତ୍ର ଆଇନ ଅନୁଯାୟୀ ଅପରାଧ ସମେତ ମୋଟ ଆଠଟି ମାମଲାରେ ଜଡିତ ରହିଛନ୍ତି । ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ପର୍ଯ୍ୟାପ୍ତ ପ୍ରମାଣ ମିଳିଥିବାରୁ ସେମାନଙ୍କୁ ୧୦୫/୨୬ ଆଧାରରେ କୋର୍ଟ ଚାଲାଣ କରାଯାଇଛି ।



# ଉପନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଭବାନୀ ଶଙ୍କର ଭୂୟାଁ

କଟକ, (ସବ୍ୟୁ):ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (କେନ୍ଦ୍ରାଂଚଳ) ଭାବେ ଭବାନୀ ଶଙ୍କର ଭୂୟାଁ ଦାୟିତ୍ୱ ଗ୍ରହଣ କରିଛନ୍ତି । କଟକ ସ୍ୱରାଜ ଆଶ୍ରମଠାରେ ଅବସ୍ଥିତ କାର୍ଯ୍ୟାଳୟରେ ସେ ଏହି ନୂତନ ଦାୟିତ୍ୱ ନେଇଛନ୍ତି । ଏଥିସହ ଶ୍ରୀ ଭୂୟାଁ କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ । ଓଡ଼ିଶା ସୂଚନା ସେବା ଅଧିକାରୀ ଶ୍ରୀ ଭୂୟାଁ ୨୦୨୪ ଫେବୃଆରୀ ମାସରେ କଟକ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥଲେ । ଜିଲ୍ଲାରେ ବିଭିନ୍ନ ସରାକରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନାକୁ ଲୋକମାନଙ୍କ ନିକଟରେ ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ସେ ସଫଳ ପରିଚାଳନା କରିଆସୁଛନ୍ତି । ଏହା ପୂର୍ବରୁ ସେ ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଭୁବନେଶ୍ୱର ଜୟଦେବ ଭବନର ମ୍ୟାନେଜର ଭାବେ ଦୀର୍ଘ ଦିନ ଧରି ଦାୟିତ୍ୱ ନିର୍ବାହ କରିଛନ୍ତି । ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତା, ସରକାରୀ ସୂଚନା ପ୍ରସାରଣରେ ଦକ୍ଷତା ଓ ଲୋକସମ୍ପର୍କ କ୍ଷେତ୍ରରେ ବ୍ୟାପକ ଅନୁଭବକୁ ପାଥେୟ କରି ସେ ଜିଲ୍ଲାରେ ସୂଚନା ଓ ଲୋକସମ୍ପର୍କ ବ୍ୟବସ୍ଥାକୁ ଆହୁରି ସକ୍ରିୟ କରିବାରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ଏହି ଅବସରରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇବା ସହ ତାଙ୍କ ନେତୃତ୍ୱରେ କେନ୍ଦ୍ରାଂଚଳ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟକଳାପ ଆହୁରି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।



# ୧୦ଗ୍ରାମ୍ ବ୍ରାଉନସୁଗର ଜବତ : ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଆଦର୍ଶଥାନା ଅନ୍ତର୍ଗତ ଭାଲିଆବାଡିସ୍ଥିତ ବିଡିଏ ପଡିଆରୁ ପୁଲିସ୍ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି । ତା ଠାରୁ ୧୦ଗ୍ରାମ ବ୍ରାଉନସୁଗର, ଏକ କାର୍ ଏବଂ ଏକ ଫୋନ୍ କୁ ପୁଲିସ ଜବତ କରିଛି । ଗିରଫ ଜଣକ ହେଲେ ପୁରୁସାହି ଚାନ୍ଦପୁର ର ପ୍ରଦୀପ୍ତ କୁମାର ରଥ (୩୪) । ନୂଆ ମହୋତ୍ସବ ବିଡିଏ ପଡିଆରେ ବ୍ରାଉନସୁଗର କାରବାର ହେଉଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା । ସେମାନଙ୍କୁ ଧରିବାକୁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଏସ୍‌ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଚଢଉ କରିଥିଲା । ଚଢଉବେଳେ ପ୍ରଦୀପ୍ତ ଠାରୁ ବ୍ରାଉନସୁଗର, ଓଡି.୩୩ୟୁ-୫୨୫୯ ନମ୍ବର ବିଶିଷ୍ଟ ଏକ କାର୍ ଏବଂ ଏକ ଫୋନ୍ କୁ ପୁଲିସ ଜବତ କରିଛି । ଏନେଇ ୧୨୭/୨୮ ରେ ଏକ ମାମଲା ରୁଜୁ କରି ପୁଲିସ ପ୍ରଦୀପ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଚଢଉରେ ଏସ୍‌ଆଇ ଶ୍ରୀମତୀ ବେହେରା, ଏଏସ୍‌ଆଇ ଜି.ବି. ରାଉତ, ହାବିଲଦାର ଏ.ସାମନ୍ତରାୟ, ଆର.କେ. ମୁଦୁଲି, ନାରାୟଣ ନାୟକ, ଡି. ପାଇକରାୟ, ପି.କେ. ସାହୁ ପ୍ରମୁଖ ସାମିଲ ଥିଲେ ।

# ଓଡ଼ିଶାରେ ୨୦ ବିଲିୟନ ଡଲାରର ଖଣିଜ ମହତ୍ତ୍ୱାକାଂକ୍ଷାକୁ ନିଯୁକ୍ତିରେ ପରିଣତ କରିବା ଜରୁରୀ

ଭୁବନେଶ୍ୱର (ସବ୍ୟୁ): ୨୦୩୨ ସୁଦ୍ଧା ଓଡ଼ିଶାର ଖଣିଜ କ୍ଷେତ୍ର ପ୍ରାୟ ୮ ବିଲିୟନ ଡଲାରରୁ ୨୦ ବିଲିୟନ ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହା ରାଜ୍ୟକୁ ଭାରତର ସମ୍ପଦ-ନେତୃତୀୟ ଶିଳ୍ପ ପ୍ରସାରଣର ଏକ କେନ୍ଦ୍ରୀୟ ପ୍ରେରକ ଭାବରେ ସ୍ଥାନିତ କରିବ । ଦେଶର ପ୍ରାୟ ୫୦-୫୯% ବକ୍ସାଇଟ୍ ସଂରକ୍ଷଣ ଏବଂ ପୂର୍ବରୁ ଥିବା ଆଲୁମିନା ବିଶୋଧନ ଏବଂ ଧାତୁ ଉତ୍ପାଦନ କ୍ଷମତା ସହିତ, ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳା ଗଠନରେ ଓଡ଼ିଶାର ଏକ ରଣନୈତିକ ଲାଭ ରହିଛି । ଏହାର ବକ୍ସାଇଟ୍ ସମ୍ପଦଗୁଡ଼ିକର ସମଯୋଚିତ କାର୍ଯ୍ୟକ୍ଷମତା ଏବଂ ପ୍ରସାରଣ ଏହି ଖଣିଜ ଶକ୍ତିକୁ ବଡ଼ ଧରଣର ନିଯୁକ୍ତି, ଶିଳ୍ପ ଅଭିବୃଦ୍ଧି ଏବଂ ଅନ୍ତର୍ଭୁକ୍ତ ଆଂଚଳିକ ସମୃଦ୍ଧିରେ ପରିଣତ କରିପାରିବ, ବିଶେଷକରି ଯେତେବେଳେ ଆଲୁମିନିୟମ ଦେଶର ଅଭିବୃଦ୍ଧି ପଥ ପାଇଁ କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହୋଇପଡୁଛି । ଡକ୍ଟର ଅଜୟ ମିଶ୍ର, ଜିଏମ୍ ବିଶ୍ୱବିଦ୍ୟାଳୟ ଏବଂ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଭୂଗୋଳର ପୂର୍ବତନ ପ୍ରଫେସର କହିଛନ୍ତି, "ଏହା ଖଣିଜ ପଦାର୍ଥ ଥିବା ଜିଲ୍ଲାଗୁଡ଼ିକରେ ନିଯୁକ୍ତି ସୃଷ୍ଟି ଏବଂ ସଙ୍କଟକାଳୀନ ସ୍ଥାନାନ୍ତରଣକୁ ସମାଧାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କ୍ୟାପ୍ଟିଭ୍ ବକ୍ସାଇଟ୍-ଟୁ-ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ବିସ୍ତାର କେବଳ ଖଣି, ବିଶୋଧନ ଏବଂ ଧାତୁ ଉତ୍ପାଦନରେ ସିଧାସଳଖ ନିଯୁକ୍ତି ସୃଷ୍ଟି କରିବ ନାହିଁ, ବରଂ ଗଝଗର ଇକୋସିଷ୍ଟମକୁ ମଧ୍ୟ ଉଲ୍ଲେଖନୀୟ ଭାବରେ ମଜବୁତ କରିବ । ଏକ ରଣନୈତିକ ସମ୍ବଳ ଭାବରେ ଆଲୁମିନିୟମ ଇଞ୍ଜିନିୟରିଂ, ପରିବହନ, ନବୀକରଣୀୟ ଶକ୍ତି, ଗୃହ ଏବଂ କ୍ଷୁଦ୍ର ଉତ୍ପାଦନ ୟୁନିଟ୍‌ଗୁଡ଼ିକରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବ ।

ରାଜ୍ୟରେ ପ୍ରମୁଖ ଖଣି କ୍ଲଷ୍ଟରଗୁଡ଼ିକ ଖୋଲିବା ଦ୍ୱାରା ଓଡ଼ିଶାର ଜିଏସଡିପି ରେ ବାର୍ଷିକ ୧୮,୦୦୦ କୋଟି ଟଙ୍କା ଯୋଗଦାନ କରାଯାଇପାରିବ, ଯେତେବେଳେ ପ୍ରାୟ ୧୫,୦୦୦ ପ୍ରତ୍ୟକ୍ଷ ଏବଂ ୫୦,୦୦୦ ରୁ ଅଧିକ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ । ରିଫାଇନାରୀ କ୍ଷମତା ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ ପ୍ରସାରଣ ସହିତ ଖଣି କାର୍ଯ୍ୟ କେତେ ପ୍ରଭାବଶାଳୀ ଭାବରେ ଆଗକୁ ବଢ଼ିବ ଏବଂ ଏହାର ୨୦୩୨ ଅଭିବୃଦ୍ଧି ମହତ୍ତ୍ୱାକାଂକ୍ଷାକୁ ଅତିକ୍ରମ କରିବ ତାହା ନିର୍ଣ୍ଣୟ କରିବ । ଜଣେ ଗ୍ରାମବାସୀ କହିଛନ୍ତି "ଏଠାରେ, ଆମେ ଦୈନିକ ଶ୍ରମ ଉପରେ ନିର୍ଭର କରୁ, କିନ୍ତୁ କାମ ନିୟମିତ ନାହିଁ । ଯେତେବେଳେ କୌଣସି କାମ ନଥାଏ, ପ୍ରତିଦିନ ଖାଦ୍ୟ ପରିଚାଳନା କରିବା ଏକ ସଂଘର୍ଷ ହୋଇଯାଏ । ଯଦି ଏଠାରେ ଶିଳ୍ପ ଆରମ୍ଭ ହୁଏ, ତେବେ ଆମେ ନିୟମିତ ଦରମା ପାଇବୁ । ଆମର ପିଲାମାନେ ନିୟମିତ ଭାବରେ ସ୍କୁଲରେ ପଢିପାରିବେ ।

ବକ୍ସାଇଟ୍ ଖଣି ଏବଂ ବିଦ୍ୟମାନ ଆଲୁମିନା ରିଫାଇନାରୀଗୁଡ଼ିକର କାର୍ଯ୍ୟକ୍ଷମତା ପଶ୍ଚିମ ଓଡ଼ିଶାର ସାମାଜିକ-ଆର୍ଥିକ ଦୃଶ୍ୟପଟକୁ ପରିବର୍ତ୍ତନ କରିବାର ସମ୍ଭାବନା ରଖିଛି, ବିଶେଷକରି କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଜିଲ୍ଲା, ଯେଉଁଠାରେ ତିନି ଲକ୍ଷରୁ ଅଧିକ ଲୋକ ଅସ୍ଥିର ଏବଂ ଋତୁକାଳୀନ ଜୀବିକା ଉପରେ ନିର୍ଭର କରନ୍ତି । ଶିଳ୍ପ ପ୍ରକଳ୍ପଗୁଡ଼ିକ କେବଳ ନିଯୁକ୍ତି ଆଣିନଥାଏ ବରଂ ଉନ୍ନତ ସଡ଼କ ସଂଯୋଗୀକରଣ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ସୁବିଧା, ବିଦ୍ୟାଳୟ, ବଜାର ସଂଯୋଗୀକରଣ, ଗୃହ ବିକାଶ ଏବଂ ଡିଜିଟାଲ୍ ସଂଯୋଗୀକରଣ ମଧ୍ୟ ଆଣିଥାଏ । ସ୍ଥିର ମଜୁରୀ ପରିବାରର ଆୟ ବୃଦ୍ଧି କରେ, ସ୍ଥାନୀୟ ବ୍ୟବହାରକୁ ବୃଦ୍ଧି କରେ ଏବଂ ପରିବାରଗୁଡ଼ିକୁ ଶିକ୍ଷା ଏବଂ ସ୍ୱାସ୍ଥ୍ୟରେ ନିବେଶ କରିବାକୁ ସକ୍ଷମ କରେ, ଯାହା ଦ୍ୱାରା ସାମଗ୍ରିକ ଜୀବନଧାରଣ ମାନ ବୃଦ୍ଧି ପାଏ ।

ପଶ୍ଚିମ ଓଡ଼ିଶାରେ ଏକ ସମ୍ପୂର୍ଣ୍ଣ ସମନ୍ୱିତ କ୍ୟାପ୍ଟିଭ୍ ମାଇନ୍-ଟୁ-ମେଟାଲ୍ ଇକୋସିଷ୍ଟମ୍ ଖଣି, ବିଶୋଧନ, ସ୍ମେଲ୍ଟିଂ, ଡାଉନଷ୍ଟ୍ରିମ୍ ଉତ୍ପାଦନ, ଲଜିଷ୍ଟିକ୍ସ ଏବଂ ଆନୁଷଙ୍ଗିକ ସେବାରେ ୨.୪ ନିୟୁତ ପର୍ଯ୍ୟନ୍ତ ଜୀବିକା ସୃଷ୍ଟି କରିବାର ସମ୍ଭାବନା ରଖିଛି । ଏହା ପରିବହନ, ଇଞ୍ଜିନିୟରିଂ ସେବା, ଧାତୁ ପ୍ରକ୍ରିୟାକରଣ ଏବଂ ଉପାଦାନ ଉତ୍ପାଦନରେ ୧୦,୦୦୦ ରୁ ଅଧିକ ଏମଏସଏମଇକୁ ମଧ୍ୟ ସକ୍ଷମ କରିପାରିବ, ଯାହା ନିଶ୍ଚିତ କରେ ଯେ ଖଣିଜ ଉତ୍ପାଦ ପ୍ରାଥମିକ ନିଷ୍କାସନ ଖଣିଜ ଉତ୍ପାଦନରେ ସୀମିତ ରହିବା ପରିବର୍ତ୍ତେ ଢାଂଚାଗତ ଆର୍ôଥକ ପରିବର୍ତ୍ତନରେ ପରିଣତ ହୁଏ । ବକ୍ସାଇଟ୍ ଖଣି, ଆଲୁମିନା ବିଶୋଧନ ଏବଂ ଡାଉନଷ୍ଟ୍ରିମ୍ ଆଲୁମିନିୟମ ଉତ୍ପାଦନର ଦାୟିତ୍ୱପୂର୍ଣ୍ଣ, ସ୍ଥାୟୀ ଏବଂ ସମ୍ପ୍ରଦାୟ-ସମର୍ôଥତ ପ୍ରସାର ମୂଲ୍ୟ ଶୃଙ୍ଖଳ ଗୁଣକ ପ୍ରଭାବକୁ ଉପଯୋଗ କରି ସମ୍ପଦ ସମ୍ପତିକୁ ସ୍ଥିର ଆୟ, ଉନ୍ନତ ସୁବିଧା ଏବଂ ଦୀର୍ଘକାଳୀନ ଆଂଚଳିକ ବିକାଶରେ ପରିଣତ କରିବାର ଏକ ବିଶ୍ୱସନୀୟ ପଥ ପ୍ରଦାନ କରେ । ଓଡ଼ିଶାର ଖଣିଜ ଭବିଷ୍ୟତ ଆଶାଜନକ ଏବଂ ବର୍ତ୍ତମାନ ଜରୁରୀ ହେଉଛି ଏହାର ଖଣିଜ ଶକ୍ତିକୁ ଭୂମିରେ ସମୃଦ୍ଧିରେ ପରିଣତ କରିବା ନିଶ୍ଚିତ କରିବା ।

# ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ଜୟନ୍ତୀ



କଟକ, (ସ୍ୱପ୍ର) : ନବ ଓଡ଼ିଶାର ସ୍ରଷ୍ଟା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି । ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଗୁରୁବାର ସକାଳୁ ଚୌଦ୍ୱାର ଓ କଟକ ସହରର ବିଭିନ୍ନ ସ୍ଥାନରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ଆୟୋଜିତ ସ୍ମୃତି ଚାରଣରେ ବିଧାୟକ ଶ୍ରୀ ବିଶ୍ୱାଳ ଲୋକ କଲ୍ୟାଣ ଓ ଉନ୍ନତି ପାଇଁ ବିଜୁ ବାବୁ ଆଙ୍କିଥିବା ଓଡ଼ିଶା ବିକାଶର ବିସ୍ତୃତ ନକ୍ସାର ଆଜି ସଫଳ ରୂପାୟନ ହୋଇଛି । ତାଙ୍କର ପ୍ରତିଟି କାମ ଓଡ଼ିଆ ଜାତି ପାଇଁ ସ୍ୱାଭିମାନ ଓ ଗୌରବ ଅଟେ । ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଏବେ ଅନେକ କ୍ଷେତ୍ରରେ ଅଗ୍ରଣୀ ହୋଇଛି । ସେହି ବିକାଶ ପୁରୁଷଙ୍କ ଜୟନ୍ତୀରେ ତାଙ୍କ ଅବଦାନକୁ ଆମ୍ଭେ ଏଠାରେ ସ୍ମରଣ କରୁଛୁ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଦମୟନ୍ତୀ ମାଝି, ତାପସ ମହାନ୍ତି, ପବିତ୍ର ଭୂୟାଁ, ଇଂ ଆଶିସ ସ୍ୱାଇଁ, ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କାଙ୍କ ସମତେ ବହୁ ସଂଖ୍ୟାରେ ଯୁବ, ଛାତ୍ର, ମହିଳା ବିଜେଡିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ଡ୍ରିମ୍ସ ଅଧ୍ୟକ୍ଷଙ୍କ ବାସଭବନରେ ହୋଲି ମିଳନ



କଟକ, (ସ୍ୱପ୍ର): ପବିତ୍ର ଦୋଳ ଓ ହୋଲି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ଟାଙ୍ଗୀ କଏରାପାରୀ ସ୍ଥିତ ବାସଭବନରେ ବନ୍ଧୁ ମିଳନ ଆୟୋଜିତ ହୋଇଥିଲା । ଏଥିରେ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘ କ୍ଲବ ଟିଭି -୭୪ର ସଦସ୍ୟ, ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପଦାଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଡ. ରଥଙ୍କୁ ରଂଗ ଅବିର ଲଗାଇ ରଂଗର ପର୍ବ ହୋଲିର ଅଭିନନ୍ଦନ ଜଣାଇଥିଲେ । ଡ. ରଥଙ୍କ ମଧ୍ୟ ଅନୁରୂପ ଭାବରେ ସମବେତ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ ।

ଡ୍ରିମ୍ସର ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ରମେଶ ବେହେରା, ଦୈତାରୀ ସାହୁ, ଶିବ ଚରଣ ଜେନା, ଜଗବନ୍ଧୁ ସାହୁ, ରବିନ୍ଦ୍ର ଲେଙ୍କା, ଲିଙ୍ଗରାଜ ସାହୁ, ବିଜୟ ପୃଷ୍ଟି, ଶୈଳେନ୍ଦ୍ର ଷଡଙ୍ଗୀ, ଦେବ ନାୟକ, ଧୂଳମଣି ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଏହି ଉପଲକ୍ଷେ କଟକର ପ୍ରସିଦ୍ଧ ଦହିବରାରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା ।

# ଦୁଇ ଜଣିଆ ଲୁଟେରା ଗ୍ୟାଙ୍ଗ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଗୋଶାଣି ନୁଆଗାଁ ଥାନା ପୋଲିସ ମୋବାଇଲ ଝାମ୍ପି ନେବା ଘଟଣାରେ ଜଡ଼ିତ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ମଙ୍ଗଲୁ ଦାସ (୧୯), ନିଖିଲ ଶର୍ମା (୧୯) । ଅଭିଯୁକ୍ତମାନଙ୍କୁ ଠାରୁ ପୋଲିସ ତିନୋଟି ମୋବାଇଲ ଫୋନ୍ ଜବତ କରିଛି । ମାମଲା ନଂ୭୮/୨୬ରେ ଉକ୍ତ ଦୁଇ ଜଣିଆ ଲୁଟେରା ଗ୍ୟାଙ୍ଗକୁ କୋର୍ଟ ଚାଲାଣ କରାଯାଇଛି ।

ପ୍ରକାଶ ଯେ, ଗତ ୨ ତାରିଖ ଅପରାହ୍ନର କୁରା ପରିଡ଼ା (୫୫) ଉତ୍ତରେଶ୍ୱର ପୁଷ୍କରିଣୀ କୂଳରେ ବସିଥିବା ବେଳେ ପଛପଟୁ ଦୁଇ ଯୁବକ ତାଙ୍କ ପାଖକୁ ଆସି ତାଙ୍କର ମୋବାଇଲ ଫୋନ୍ ଜବରଦସ୍ତି କାଢ଼ି ନେଇ ନିକଟବର୍ତ୍ତୀ ରେଳପଥ ଆଡ଼କୁ ପଳାଇ ଯାଇଥିଲେ । ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ବେଳେ ପୋଲିସ ଲୁଟ ମୋବାଇଲ ଟ୍ରାକିଂ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ କାବୁ କରି ଜେରା ବେଳେ ସେମାନେ ବିଭିନ ସ୍ଥାନରୁ ମୋବାଇଲ ଲୁଟ କରିଥିବା ସ୍ୱୀକାର କରିଥିଲେ। ଜବତ ମୋବାଇଲ ଗୁଡ଼ିକର ମାଲିକଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଛି ।

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

ବାରିପଦା, (ସବ୍ୟୁ) : ନବ ଓଡ଼ିଶାର ସ୍ରଷ୍ଟା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ବିଜେଡି ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନରେ ପାଳିତ ହୋଇଛି । ଗୁରୁବାର ସକାଳୁ ପ୍ରଥମେ ବିଜୁ ପଟ୍ଟନାୟକ ଗୋଳେଇ ସ୍ଥିତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ବିଜୁ ଭବନରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ବିଜୁ ବାବୁଙ୍କ ତୈଳ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବିଜେଡ଼ିର ସମସ୍ତ ନେତା ଓ ନେତ୍ରୀ ମାନେ ଉପସ୍ଥିତ ରହି ବିଜୁ ବାବୁଙ୍କର ଓଡିଶା ପ୍ରତି ଅବଦାନ ବାବଦରେ ଆଲୋକପାତ କରିଥିଲେ ।

ଲୋକ କଲ୍ୟାଣ ଓ ଉନ୍ନତି ପାଇଁ ବିଜୁ ବାବୁ ଆଙ୍କିଥିବା ଓଡ଼ିଶା ବିକାଶର ବିସ୍ତୃତ ନକ୍ସାର ଆଜି ସଫଳ ରୂପାୟନ ହୋଇଛି। ତାଙ୍କର ପ୍ରତିଟି କାମ ଓଡ଼ିଆ ଜାତି ପାଇଁ ସ୍ୱାଭିମାନ ଓ ଗୌରବ ଅଟେ । ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଏବେ ଅନେକ କ୍ଷେତ୍ରରେ ଅଗ୍ରଣୀ ହୋଇଛି । ସେହି ବିକାଶ ପୁରୁଷଙ୍କ ଜୟନ୍ତୀରେ ତାଙ୍କ ଅବଦାନକୁ ସ୍ମରଣ କରାଯାଇଛି । ତାଙ୍କ ଅମ୍ଳାନ ସ୍ମୃତିକୁ ସଦା ଉଜ୍ଜୀବିତ କରି ରଖିବା ପାଇଁ ତାଙ୍କ ଜନ୍ମ ଦିନକୁ ପଞ୍ଚାୟତରାଜ ଦିବସ ଭାବେ ପାଳନ କରାଯାଉଥିଲା । କିନ୍ତୁ ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଯୋଜନାବଧ ଭାବେ ତାହାକୁ ପ୍ରତ୍ୟାହାର କରିଛନ୍ତି । ହୀନ



ରାଜନୈତିକ ଚକ୍ରାନ୍ତ କରି ବିଜୁ ବାବୁଙ୍କୁ ବାରମ୍ବାର ଅସମ୍ମାନିତ କରାଯାଉଛି ।

ମାର୍ଚ୍ଚ ୫କୁ ପଞ୍ଚାୟତରାଜ ଦିବସ ଭାବେ ପାଳନ କରିବା ନେଇ ରାଜ୍ୟ ସରକାରଙ୍କ କ୍ୟାଲେଣ୍ଡରର ଥିବା ବେଳେ ତାହାକୁ ବିଜେପି ସରକାର ପାଳନ ନକରି ଏପ୍ରିଲ ୨୪ରେ ପରିବର୍ତ୍ତନ କରିଛନ୍ତି । ରାଜ୍ୟରେ ଗତ ୩ ଦଶନ୍ଧି ଧରି ମାର୍ଚ୍ଚ ୫ରେ ପାଳିତ ହୋଇ ଆସୁଥିବା ପଞ୍ଚାୟତରାଜ ଦିବସକୁ ରାଜ୍ୟ ସରକାର ଏପ୍ରିଲ ୨୪ ତାରିଖରେ ପାଳନ କରିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ଓ ରାଜ୍ୟ ସରକାରଙ୍କ ସଂକୀର୍ଣ୍ଣ ମନୋଭାବର ପରିଚୟ ବୋଲି ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି ।

ଉକ୍ତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ମୟୁରଭଞ୍ଜ-୨ ଜିଲ୍ଲା ସଭାପତି ଡା ଦେବାଶିଷ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାନ୍ସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଏମସିସି ବ୍ୟାଙ୍କ ଅଧ୍ୟକ୍ଷ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ସହର ସଭାପତି ପ୍ରଭାତ ମହାନ୍ତି, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ଦାସ, ସରୋଜ କୁମାର ମହାପାତ୍ର, ସମାଜସେବୀ ଅମର ସେଠି, ଅନନ୍ତ ଦାସ, ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ସରୋଜ କୁମାର ବୋଷ, ଲଲାଟେନ୍ଦୁ ବେହେରା, ବିଜୁ ମହିଳା ଜନତା ଦଳ ରାଜ୍ୟ ସମ୍ପାଦକ ଶ୍ରାବଣୀ ଦାସ, ସାଧାରଣ ସମ୍ପାଦକ ସବିତା ବେହେରା, ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାନେତ୍ରୀ ଦିପ୍ତୀଲତା ମିଶ୍ର, ଜିଲ୍ଲା ଯୁବ ଜନତା ଦଳର ସଭାପତି ଅରୁଣ ବରାଡ଼, ଜିଲ୍ଲା ଛାତ୍ର ଜନତା ଦଳର ସଭାପତି ସୁନିଲ କୁମାର ନାଏକ, ସମସ୍ତ ୱାର୍ଡ କାଉନସିଲର, ବ୍ଲକ ଅଧ୍ୟକ୍ଷ ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଭିକ୍ଷା ବୃତ୍ତି କରୁଥିବା ୯ ଶିଶୁ ଉଦ୍ଧାର, ୫ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଟାଉନ୍ ଥାନା ଅଞ୍ଚଳରେ ଏକ ଗ୍ୟାଙ୍ଗ ଦ୍ୱାରା ଛୋଟ ଛୋଟ ବାଳକ-ବାଳିକା ମାନଙ୍କୁ ଭିକ୍ଷା କରାଇ ଅର୍ଥ ସଂଗ୍ରହ କରାଯାଉଥିବା ୫ଜଣିଆ ଗ୍ୟାଙ୍ଗକୁ ପୋଲିସ ଧରିଛି ପୋଲିସ । ସେହିପରି ୯ ଜଣ ଶିଶୁଙ୍କୁ ଉଦ୍ଧାର କରିଛି । ସେମାନଙ୍କ ମଧ୍ୟରେ ୧୨ ବର୍ଷର ଝିଅ, ୮ବର୍ଷର ଜଣେ ଶିଶୁ ରହିଥିବା ବେଳେ ୭ବର୍ଷର ଦୁଇଜଣ ଶିଶୁ ରହିଛନ୍ତି । ସେହିପରି ୫ ବର୍ଷର ଜଣେ, ୪ ବର୍ଷର ଜଣେ, ଅଢେଇ ବର୍ଷର ଦୁଇ ଜଣ ଶିଶୁ ଓ ଜଣେ ୪ମାସର ଶିଶୁ ରହିଛନ୍ତି। ଉଦ୍ଧାର ଶିଶୁଙ୍କୁ ଶିଶୁମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରାଯାଇଛି । ସେହିପରି ଶିଶୁମାନଙ୍କୁ ଭିକ୍ଷାବୃତ୍ତିରେ ନିୟୋଜିତ କରୁଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମଣି ସିନ୍ଧେ (୬୫ ), ଅଜୟ କଜରୀ ସିନ୍ଧେ (୩୦ ), ରାଣୀ ସିନ୍ଧେ (୩୦ ), ପୂଜା ପାୱାର (୨୦) ଓ ସୀତା ପାଓ୍ୱାର (୪୦) । ଉପରୋକ୍ତ ୫ ଅଭିଯୁକ୍ତ ବ୍ରହ୍ମପୁର ରେଳଷ୍ଟେସନର ୪ର୍ଥ ପ୍ଲାଟଫର୍ମ ନିକଟରେ ଫ୍ଲାଇଓଭର ତଳେ ଅସ୍ଥାୟୀ ଟେଣ୍ଟରେ ରହୁଥିବା ବେଳେ ସେମାନଙ୍କର ପରିଚୟ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ମାମଲା ନଂ ୯୨/୨୬ ରେ ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ଟାଉନ ଥାନା ଅନ୍ତର୍ଗତ ପିଭିଏନ୍ ରାଓ୍ ଛକରେ ଭିକ୍ଷା ବୃତ୍ତିରେ କିଛି ଲୋକ ନିୟୋଜିତ କରୁଥିବା କରୁଥିବା ଅଭିଯୋଗ ହୋଇଥିଲା । ସୂଚନା ମିଳିବା ପରେ ପୋଲିସ୍ ସେମାନଙ୍କ ଉପରେ ନଜର ରଖିଥିଲା । ସକାଳେ ଏକ ଅଟୋରେ ଉପରୋକ୍ତ ଶିଶୁ ମାନଙ୍କୁ ଅଣାଯାଇ ଉକ୍ତ ଛକରେ ଥିବା ସିଗନାଲ୍ ପାଖରେ ଛାଡ଼ି ଦେଉଥିବା ଏବଂ ବଡ଼ ମାନେ ଦୂରରୁ ଦେଖାଶୁଣା କରୁଥିବା ଦେଖାଯାଇଥିଲା । ପର୍ଯ୍ୟାପ୍ତ ପ୍ରମାଣ ସଂଗ୍ରହ ପରେ ପୋଲିସ ଅଭିଯୁକ୍ତମାନଙ୍କୁ ସେଠାରୁ କାବୁ କରିଥିଲା । ଅଭିଯୁକ୍ତମାନେ ନିଜର କିମ୍ବା ବାଳକ ମାନଙ୍କର ସଠିକ୍ ପରିଚୟ ଦେଇ ପାରିନଥିଲେଛ ସେମାନେ ପ୍ରତିଦିନ ବାଳକ ମାନଙ୍କୁ ବ୍ରହ୍ମପୁରର ବିଭିନ୍ନ ବ୍ୟସ୍ତ ଟ୍ରାଫିକ୍ ପୋଷ୍ଟରେ ଛାଡ଼ି ଦେଇ ଭିକ୍ଷା କରାଉଥିଲେ ଏବଂ ଟଙ୍କା ଆଦାୟ କରୁଥିଲେ । ଯାଞ୍ଚ ବେଳେ ସେମାନେ ଆଧାର କାର୍ଡ୍ କିମ୍ବା ଭୋଟର୍ ଆଇଡି ଭଳି କୌଣସି ବୈଧ ପରିଚୟପତ୍ର ଦେଖାଇପାରି ନଥିଲେ । ଜେରା ସମୟରେ ସେମାନେ ହିନ୍ଦୀରେ କଥାବାର୍ତ୍ତା କରୁଥିଲେ ବୋଲି ଏସପି ସୂଚନା ଦେଇଛନ୍ତି ।

# ମଙ୍ଗଳା ମନ୍ଦିର ମହଲା ସଭା ପକ୍ଷରୁ ହୋଲି ଉତ୍ସବ

କଟକ, (ସ୍ୱପ୍ର): ୫୨ନଂ ୱାର୍ଡ ରାଜେନ୍ଦ୍ରନଗର ସ୍ଥିତ ମଙ୍ଗଳା ମନ୍ଦିର ମହଲା ସଭା ପକ୍ଷରୁ ମନ୍ଦିର ପରିସରରେ ହୋଲି ଉତ୍ସବ ସଭାପତି କୃଷ୍ଣ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମହଲା ସଭାର ସମସ୍ତ କର୍ମକର୍ତ୍ତା ଏବଂ ଅଂଚଳବାସୀ ଏକତ୍ରିତ ହୋଇ ହୋଲି ଉତ୍ସବକୁ ବେଶ ଧୁମଧାମରେ ପାଳନ କରିଥିଲେ। ଏଥିସହିତ ପଥଚାରୀ ପଥିକଙ୍କ ପାଇଁ ସୁସ୍ୱାଦୁ




ଖାଦ୍ୟ ପ୍ରସ୍ତୁତ କରାଯାଇ ବଣ୍ଟନ କରାଯାଇଥିବା ବେଳେ ଏହି ଧାରା ଆଗକୁ ମଧ ଜାରି ରହିବ ବୋଲି ସମ୍ପାଦକ ସରୋଜ କୁମାର ସ୍ୱାଇଁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ରାଜେନ୍ଦ୍ର ପ୍ରସାଦ ଷଡ଼ଙ୍ଗୀ, ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ଶୁଭେନ୍ଦୁ କୁମାର ମିଶ୍ର, ମୁରବୀ ଉଲ୍ଲାସ କୁମାର ପାଇକରାୟ, ଗଜେନ୍ଦ୍ର ନାୟକ, ପ୍ରଫୁଲ ମୁଦୁଲି, ଗିରିଜା ଶଙ୍କର ମହାନ୍ତି, ଶରତ ପତି, କୈଳାଶ ପଟନାୟକ, ଶ୍ରୀକାନ୍ତ ମହାନ୍ତି, ପୂର୍ଣ୍ଣେନ୍ଦୁ ଜେନା, ବିନୟ କେତନ ଚୌଧୁରୀ, ଫିରୋଜ ମହାପାତ୍ର, ତପନ ଦାସଙ୍କ ସମେତ ବହୁ ସଂଖ୍ୟାରେ ଅଂଚଳବାସୀ ଉପସ୍ଥିତ ଥିଲେ ।

# ଛାତ୍ର କଂଗ୍ରେସ ସମ୍ପାଦକଙ୍କ ଗିରଫ ସମ୍ପୂର୍ଣ୍ଣ ବେଆଇନ : କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଆସନ୍ତା ୬ ତାରିଖ ଓଡିଶା ଗସ୍ତ ପୂର୍ବରୁ ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ ସ୍ୱନ୍ଦନ କୁମାର ସ୍ୱାଇଁଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି । ଛାତ୍ର କଂଗ୍ରେସ ସମ୍ପାଦକଙ୍କୁ କୌଣସି କାରଣ ନଥାଇ ବିନା ୱାରେଣ୍ଟରେ ଗିରଫ କରିବା ସମ୍ପୂର୍ଣ୍ଣ ବେଆଇନ ତଥା ଅଗଣତାନ୍ତ୍ରିକ ବୋଲି କଂଗ୍ରେସ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି । ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ରାହୁଲ ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ତୃଣମୂଳ ସ୍ତରରେ ବିଜେପିର କୁଶାସନ ବିରୁଦ୍ଧରେ ଜୋରଦାର ସଂଗ୍ରାମ ଆରମ୍ଭ କରିଦେଇଛନ୍ତି । ତେଣୁ ବିଜେପି ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ କରି କଂଗ୍ରେସର ଗଣତାନ୍ତ୍ରିକ ବିରୋଧକୁ ଦମନ କରିବାକୁ ପ୍ରୟାସ କରୁଛି । ପୁଲିସ ପ୍ରଶାସନଙ୍କ ଛାତ୍ର କଂଗ୍ରେସ ସମ୍ପାଦକ ଶ୍ରୀ ସ୍ୱାଇଁଙ୍କ ବେଆଇନ ଗିରଫ ଦାରିକୁ କଂଗ୍ରେସ କଡା ସମାଲୋଚନା କରିବା ସହ ଅତିଶୀଘ୍ର ତାଙ୍କୁ ମୁକ୍ତ କରାଯାଉ ବୋଲି ଦାବି କରୁଛି ।

# ହୋଲିରେ ରକ୍ତ ରଂଜିତ ହେଲା ପଞ୍ଚମା

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରନ୍ଧା ପଞ୍ଚାୟତ ଅନ୍ତର୍ଗତ ପଞ୍ଚମା ଗ୍ରାମ ଦାଣ୍ଡ ରକ୍ତରେ ହୋଲି ଖେଳା ଯାଇଛି । ବିବରଣୀରୁ ପ୍ରକାଶ ଯେ, ଗ୍ରାମର ଭଗବାନ ମଣ୍ଡଳଙ୍କ ଦୁଇ ବନ୍ଧୁ ରାତ୍ର ୧୨ଘଣ୍ଟା ୪୦ ମିନିଟ ସମୟରେ ପଞ୍ଚମା ସ୍ଥିତ ଗଣେଶ ମନ୍ଦିର ନିକଟରେ ବସିଥିବା ସମୟରେ ଉକ୍ତ ଗ୍ରାମର ବିପକ୍ଷ ଗୋଷ୍ଠିର କିଛି ଯୁବକ ହଟାତ ସେଠାରେ ପହଂଚି ଗାଳି ଗୁଲଜ କରିଥିଲେ ଫଳରେ ସେମାନେ ପ୍ରତିବାଦ କରିଥିଲେ । ପରେ ପରେ ପରିସ୍ଥିତି ଉତେଜନା ମୂଳକ ହେବାରୁ ଭଗବାନ ମଣ୍ଡଳ ଏବଂ ତାଙ୍କ ସହ ଥିବା ଦୁଇ ଜଣ ସାଙ୍ଗ ନିଜ ଘରକୁ ଯିବାକୁ ଉଦ୍ୟତ ହେବାରୁ ପ୍ରାୟ ଦଶ ଜଣ ଯୁବକ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଭଗବାନ ମଣ୍ଡଳଙ୍କ ଘର ନିକଟରେ ଶରୀରର ବିଭିନ୍ନ ସ୍ଥାନକୁ ଖଣ୍ଡା ଚୋଟ ପକାଇ ଥିଲେ । ଫଳରେ ସେମାନେ ଆହତ ହୋଇଥିଲେ । ଆହତମାନେ ବର୍ତ୍ତମାନ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ସ୍ଥାନୀୟ ଗୋଲନ୍ଥରା ଥାନା ପୋଲିସ ଥାନା ଅଧିକାରୀ ଟୁନା ଶାସମଲଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଫେରାରଥିବା ଦଶ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଅତି ଚତୁରତା ସହ ଗିରିଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣା ପଡିଛି । ଉକ୍ତ ଦୁଇ ଅଭିଯୁକ୍ତ ମଧ୍ୟରୁ ଜଣେ ନାବାଳକ ଥିବା ସୂଚନା ମିଳିଥିବା ବେଳେ ଥାନା କେଶ ନମ୍ବର ୯୫/୨୬ ରେ ଏକ ମାମଲା ରୁଜୁ ହୋଇ ଥିବା ଜଣା ପଡିଛି ।

# ଡକାୟତି, ଆକ୍ରମଣ ଅଭିଯୋଗ: ଜଣେ ଗିରଫ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ଗହଙ୍ଗୁ ଗାଁର କଟାଶି ବନ୍ଧ ନିକଟରେ ଗତ ସପ୍ତାହରେ ଘଟିଥିବା ଡକାୟତି ଏବଂ ଆକ୍ରମଣ ଘଟଣାରେ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଡକାୟତ ଜଣକ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମର ଜୟରାମ ବରାଡଙ୍କ ପୁଅ ଅମିତ ବରାଡ (୨୬) । ଏନେଇ ସୋରଡା ଥାନା ଅନ୍ତର୍ଗତ ତୁରୁତୁରି ଗ୍ରାମର ଦେବାଶିଷ ନାୟକ ଓ ଆଦିପୁର ଗ୍ରାମର ପ୍ରତିମା ନାୟକଙ୍କ ଅଭିଯୋଗ କ୍ରମେ ବୁଗୁଡା ଥାନାରେ କେସ୍ ନଂ ୯୪/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ଫେବୃୟାରୀ ୨୮ ତାରିଖ ଅପରାହ୍ନରେ ପୁତୁରା ଦେବାଶିଷ ଓ ପିଉସୀ ପ୍ରତିମା ବାଇକରେ ଯାଉଥିବା ବେଳେ ପୂର୍ବରୁ ତାଙ୍କୁ ପିଛାକରୁଥିବା ଏକ ଅଜ୍ଞାତ ଡକାୟତ ଦଳ ଗହଙ୍ଗୁ ଗ୍ରାମର କଟାଶ ବନ୍ଧ ନିକଟରେ ହଠାତ ଆକ୍ରମଣ କରି ପ୍ରତିମାଙ୍କ ବେକରୁ ସୁନା ଚେନ୍ ଓ ନାନୁ ଝାମ୍ପି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଏ ଖବର ପାଇ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଭଞ୍ଜନଗର ଏସଡିପିଓଙ୍କ ତତ୍ତ୍ୱାବଧାନରେ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି, କନଷ୍ଟେବଲ ଉମେଶ କୁମାର ଗୌଡ ଏବଂ ଅନ୍ୟ କେତେକ ପୋଲିସ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠିତ ହୋଇ ଘଟଣାର ତୁରନ୍ତ ତଦନ୍ତ ଅଭିଯାନ ଆରମ୍ଭ ହୋଇଥିଲା । ତଦନ୍ତ କାଳରେ ପୋଲିସ ଟିମ୍ ବିଭିନ୍ନ ସିସିଟିଭି ଫୁଟେଜକୁ ଯାଞ୍ଚ କରି ସମ୍ପୃକ୍ତ ଡକାୟତ ଦଳର ଅମିତଙ୍କୁ କାବୁକରି ଗିରଫ କରିବା ସହ ତା'ଠାରୁ ଏକ ବାଇକ୍ ଓ ମୋବାଇଲ ଫୋନ ଜବତ କରିଥିଲେ ।

# ଟିପିଏସ୍ଓଡିଏଲ୍ ପକ୍ଷରୁ ପ୍ରତିଷ୍ଠାତା ଜାମସେଟଜୀ ନୁସରୱାନଜୀ ଟାଟାଙ୍କ ଜୟନ୍ତୀ ପାଳିତ



ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ଜାମସେଟଜୀ ନୁସରୱାନଜୀ ଟାଟାଙ୍କ ୧୮୭ତମ ଜୟନ୍ତୀ ସହିତ ପ୍ରତିଷ୍ଠାତା ଦିବସ କମ୍ପାନୀର କର୍ପୋରେଟ କାର୍ଯ୍ୟାଳୟରେ ପାଳନ କରିଛି । ଏହି ଅବସରରେ ଜାମସେଟଜୀ ନୁସରୱାନଜୀ ଟାଟାଙ୍କ ଦୂରଦୃଷ୍ଟି, ମୂଲ୍ୟବୋଧ, ନେତୃତ୍ୱକୁ ସମ୍ମାନ ଜଣାଯାଇଛି ଯାହା ଆମର ଅନୁଷ୍ଠାନକୁ ପରିଚାଳନା କରିବାରେ ମୁଖ୍ୟ ଭୂମିକା ନେଇ ଆସୁଛି । ଏଥିସହିତ ଆଜିର ଦିନରେ ପାଳନ ହୋଇ ଆସୁଥିବା ସପ୍ତାହବ୍ୟାପୀ ନୈତିକତା ସପ୍ତାହ-୨୦୨୬ ର ମଧ ସଫଳତାର ସହକାରେ ଉଦଯାପନୀ ହୋଇଛି । ଏହି ଅବସରରେ ସମସ୍ତ କର୍ମଚାରୀମାନେ ଏକତ୍ରିତ ହେବା ସହିତ ସତ୍ୟ ନିଷ୍ଠା, ସ୍ୱଚ୍ଛତା ଏବଂ ଦାୟିତ୍ୱପୂର୍ଣ୍ଣ ଶାସନ ପ୍ରତି ଥିବା ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । କମ୍ପାନୀ ତରଫରୁ ସପ୍ତାହବ୍ୟାପୀ ବିଭିନ୍ନ ପ୍ରକାରର ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା। ନୈତିକତା ସପ୍ତାହର ଉଦଯାପନ ଅବସରରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଦୂରଦୃଷ୍ଟି ସମ୍ପନ୍ନ ପ୍ରତିଷ୍ଠାତା ଜାମସେଟଜୀ ନୁସରୱାନଜୀ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆଧୁନିକ କର୍ପୋରେଟ ଜଗତରେ ନୈତିକତାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ ।

ସେ କହିଛନ୍ତି, ନୈତିକତା କେବଳ ନୀତି ନିୟମ ତଥା ନଥିପତ୍ରରେ ସୀମିତ ନୁହେଁଛ ଏହା ଆମର ଦୈନନ୍ଦିନ ଜୀବନର ଅଭ୍ୟାସର ଏକ ପ୍ରତିଫଳନ । ଟିପିଏସ୍ଓଡିଏଲରେ ଆମେ ନେଉଥିବା ପ୍ରତିଟି ନିଷ୍ପତ୍ତି ଆମର ଉପଭୋକ୍ତା ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ଥିବା ବିଶ୍ୱାସକୁ ସୁନିଶ୍ଚିତ କରେ । ପ୍ରଦର୍ଶନ ଗୁରୁତ୍ୱପୂର୍ଣ୍ଣ, ମାତ୍ର ନୀତିଗତ ମୂଲ୍ୟବୋଧ ହିଁ ଆମର ଦୀର୍ଘକାଳୀନ ସଫଳତାକୁ ନିର୍ଦ୍ଧାରଣ କରିଥାଏ । ଏହି ଅବସରରେ ଟିପିଏସ୍ଓଡିଏଲ୍ ତରଫରୁ ସ୍ୱେଚ୍ଛାସେବୀ ସପ୍ତାହ -୨୪ ଆରମ୍ଭ କରାଯାଇଛି । ଯେଉଁଥିରେ ମାସବ୍ୟାପୀ ସମଗ୍ର ଦକ୍ଷିଣ ଓଡିଶାରେ ବିଭିନ୍ନ ଅଭିଯାନ କରାଯିବ । କର୍ମଚାରୀମାନେ ସମୁଦାୟର ମଙ୍ଗଳ ପାଇଁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେବେ । ଯେପରିକି ଶିକ୍ଷା, ସ୍ଥାୟୀ ପରିବେଶ ଗଠନ ଏବଂ ସାମାଜିକ ମଙ୍ଗଳ ଇତ୍ୟାଦି । ଯାହା ସମୁଦାୟ ସହିତ ସମ୍ପର୍କକୁ ଦୃଢ଼ କରିବା ଦିଗରେ ବିଶେଷ ଭାବରେ ସହାୟକ ହେବ ଏବଂ ପ୍ରତିଷ୍ଠାତାଙ୍କ ଦୂରଦୃଷ୍ଟି ତଥା ଦେଶ ଗଠନରେ ଏକ ଦାୟିତ୍ୱବଦ୍ଧ ଉଦ୍ୟୋଗର ଯୋଗଦାନକୁ ସାଧିତ କରିବ । ଏହି ଅବସରରେ ଟିପିଏସ୍ଓଡିଏଲର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ କର୍ମଚାରୀମାନେ ଯୋଗ ଦେଇଥିଲେ ।



## ବ୍ରାଉନ୍ ସୁଗର ଜବତ୍, ଜଣେ ଗିରଫ

ବରଗଡ଼,(ସବ୍ୟୁ): ବରଗଡ଼ ଜିଲା ଅତାବିରା ଥାନା ପୋଲିସ ବୁଧବାର ସକାଳେ ପାଟ୍ରୋଲିଂ ସମୟରେ ଏକ ସ୍କୁଟିକୁ ଯାଞ୍ଚ କରୁଥିବା ସମୟରେ ବ୍ରାଉନ୍ ସୁଗର ଜବତ୍ କରିଥିଲା । ଏହି ମାମଲାରେ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ଜଣକ ହେଲେ ଅତାବିରା ଥାନା ଭୋଇପୁରା ଗ୍ରାମର ଶୁଭମ୍ ତ୍ରିପାଠୀ । ଏ ନେଇ ଅତାବିରା ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ପ୍ରକାଶ କରିଛନ୍ତି । ପୋଲିସ ସୂତ୍ରରୁ ମିଳିଥିବା ସୂଚନାରୁ ପ୍ରକାଶ ଯେ, ବୁଧବାର ସକାଳେ ବରଗଡ଼ ଏସପିଙ୍କ ଠାରୁ ବିଶ୍ୱସ୍ତ ସୂଚନା ପାଇ ଅତାବିରା ଥାନା ପୋଲିସ ପାଟ୍ରୋଲିଂ ଦଳ ଏସ୍ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ସରଣ୍ଡା ଛକ ନିକଟରେ ଏକ ବ୍ଲକିଂ କରିଥିଲେ । ଏହି ସମୟରେ ଅଭିଯୁକ୍ତ ଶୁଭମ୍ ସେହି ରାସ୍ତା ଦେଇ ଅତାବିରା ପଟକୁ ଆସୁଥିବା ବେଳେ ତାକୁ କାବୁ କରି ତାଙ୍କ ସ୍କୁଟିକୁ ଯାଞ୍ଚ କରାଯାଇଥିଲା । ଅଧିକ ତଲାସୀ ସମୟରେ ୭୦ ଟି ଛୋଟ ପକେଟରେ ବ୍ରାଉନ୍ ସୁଗର ଜବତ କରାଯାଇଥିଲା। ସ୍ଥାନୀୟ ବଜାରରେ ୫୦୦/- ଟଙ୍କାରେ ଚୋରା ଦ୍ରବ୍ୟ ଅର୍ଥାତ ବ୍ରାଉନ୍ ସୁଗର ଥିବା ଅଧିକ ପଚରାଉଚରା ପରେ ଅଭିଯୁକ୍ତ ସ୍ୱୀକାର କରିଛି । ଏହାକୁ ପଶ୍ଚିମ ବିହାର ଖଡ଼ଗପୁରରୁ ସ୍ଥାନୀୟ ବଜାରରେ ବିକ୍ରୟ କରିବା ପାଇଁ କିଣି ଆଣିଥିଲା। ଗିରଫ ଅଭିଯୁକ୍ତ ଶୁଭମ୍ ଠାରୁ ଅତାବିରା ପୋଲିସ ୭ ଗ୍ରାମ ୯୩୦ ମିଲି ଗ୍ରାମ୍ ବ୍ରାଉନ୍ ସୁଗର ଯାହାର ବଜାର ମୂଲ୍ୟ ୩୫ ହଜାର ଟଙ୍କା ହେବ। ନଗଦ ୧୨୦୦/- ଟଙ୍କା, ଗୋଟିଏ ଟିଭିଏସ୍ ସ୍କୁଟି ରେଜିଷ୍ଟ୍ରେସନ୍ ନମ୍ବର ଓଆର ୧୫-ଜି-୮୨୮୪ ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଏନେଇ ଅତାବିରା ଥାନାରେ ଏସଆଇ ସସ୍ମିତା ବେହେରାଙ୍କ ଅଭିଯୋଗ କ୍ରମେ ଏକ ମାମଲା ନମ୍ବର ୯୦/୨୦୨୬ ରୁଜୁ କରାଯାଇ ଇନସ୍ପେକ୍ଟର ଅଞ୍ଜଳି ସା ଘଟଣାର ଅଧିକ ତଦନ୍ତ ଚାଲିଥିବା ଆଇଆଇସି ପ୍ରକାଶ କର୍ଣ୍ଣ ସୂଚନା ଦେଇଛନ୍ତି ।

### ଭୁଲ ଚିକିତ୍ସାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

## ଉତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ

ହରଭଙ୍ଗା,(ସବ୍ୟୁ): ଡାକ୍ତରଙ୍କ ଭୁଲ ଚିକିତ୍ସା ଯୋଗୁଁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଏଭଳି ଘଟଣା ପରେ ମେଡିକାଲରେ ଉତ୍ତେଜନା ପ୍ରକାଶ ପାଇଥିଲା । ପ୍ରତିବାଦରେ ଉତ୍ୟକ୍ତ ଲୋକେ ଅପରାହ୍ନ ୫ଟା ବେଳେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟରାଜପଥ ଅବରୋଧ କରିଥିଲେ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକରେ । ପ୍ରାପ୍ତ ସୂଚନା ଅନୁସାରେ ବୁଧବାର ସକାଳେ ପୁରୁଣାକଟକ ମେଡିକାଲ ପଛ ବସ୍ତିର ସୁବ୍ରତ ନାୟକ(୨୪)ଙ୍କ ଦେହ, ହାତ,ଗୋଡ କୁଣ୍ଡାଇହେବାରୁ ସେ ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲ ଆସିଥିଲେ । ଡାକ୍ତର



ରଜତ ମହାନନ୍ଦିଆ ତାଙ୍କର ଚିକିତ୍ସା କରିବା ସହିତ ଔଷଧ,ଇଞ୍ଜେକ୍ସନ ଲେଖିଥିଲେ । ଇଞ୍ଜେକ୍ସନ ନେବାର କିଛି ସମୟ ପରେ ସୁବ୍ରତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା । ତାଙ୍କୁ ସଙ୍ଗେ ସଙ୍ଗେ ବୌଦ୍ଧ ମେଡିକାଲ ଚିକିତ୍ସା ପାଇଁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ଯୁବକଙ୍କ ମୃତ୍ୟୁ ପରେ ପୁରୁଣାକଟକରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଏହା ସହିତ ସ୍ଥାନୀୟ ଲୋକେ ମେଡିକାଲ ସମ୍ମୁଖରେ ଟାୟାର ଜାଳି ମୃତ ଦେହ ରାସ୍ତା ଉପରେ ରଖି ଜାତୀୟ ରାଜପଥ ଅବରୋଧ କରିଥିଲେ । ଖବରପାଇ ଘଟଣାସ୍ଥଳରେ ଏସଡିପିଓ ଲରେନ୍ସ ରାଉତରାୟ ହରଭଙ୍ଗା ତହସିଲଦାର ବଳଦେବ ବେହେରା,ହରଭଙ୍ଗା ବି.ଡି.ଓ ବିଜୟ କୁମାର ପ୍ରଧାନ,ପୁରୁଣାକଟକ ଆଇ.ଆଇ.ସି ଅରୁଣ କୁମାର ସିଂ,ସ୍ଥାନୀୟ ସଂରପଚ ଅଶୋକ କୁମାର ସେଠୀ ପ୍ରମୁଖ ଘଟଣାସ୍ଥଳରେ ପଂହଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ସି.ଡି.ଏମ.ଓ ଉକ୍ତ ଘଟଣାର ତ୍ୱରିତ ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ମିଳିବାପରେ ରାସ୍ତାରୋକ ହଟିଥିଲା ।

## କାର ସହ ନିଶା କଫସିରପ ଜବତ, ୩ ଗିରଫ



ସମ୍ବଲପୁର,(ସବ୍ୟୁ): ବେଆଇନ ନିଶା କାରବାର ବେଳେ ବୁର୍ଲା ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୧୧୯ବୋତଲ କଫସିରପ, ୩ଟି ଖୋଲାଠିପି ନିଶା କଫସିରପ ବୋତଲ, ୩ଟି ନିଶା ବଟିକା, ଏକ କାର, ୩ଟି ମୋବାଇଲ ଫୋନ ଓ ୩୦୦ଟଙ୍କା ଜବତ ହୋଇଛି । ଏନେଇ ୧୦୮/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ବୁର୍ଲା ଥାନା ମିର୍ଦ୍ଧାପଡା ହନୁମାନ ମନ୍ଦିର ନିକଟରେ ନିଶା କଫସିରପ ବିକ୍ରି ହେଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଚଢଉ କରିଥିଲା । ଚଢଉ ବେଳେ ଉପରୋକ୍ତ ସାମଗ୍ରୀ ସହ ଭକ୍ତିମଣ୍ଡପର କେ. ସୁଜିତ(୨୪), ବିଷ୍ଣୁ ମନ୍ଦିରପଡାର ସୁଶାନ୍ତ ନାଗ(୩୬) ଓ ଫାଟକ ମାଲିପଡାର ସଙ୍କେତ ମିଶ୍ର(୨୮)ଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି ।

## ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଜଗଦଲପୁର ଚମ୍ପିଆନ

ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ -ହୀରାପୁର ଗ୍ରାମ ମୁସୁରୀପଡା ଖେଳପଡିଆ ଠାରେ ହୀରାପୁର ଭୈରବ ଯୁବ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପଞ୍ଚଦିବସିୟ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛ। ଏହି ଟୁର୍ନାମେଣ୍ଟ ଖେଳରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବଛା ବଛା ୧୬ଗୋଟି ଦଳ ଯୋଗଦେଇ ଉଚ୍ଚ କୋଟି ର ଖେଳ ପ୍ରଦର୍ଶନ କରିଥିଲେ।




ଫାଇନାଲ ଖେଳ ଜଗଦଲପୁର ଦଳ ସହ ଜୟପାଟଣା ଦଳ ମଧ୍ୟରେ ସଂଘର୍ଷ ପୁର୍ଣ ଖେଳ ଅନୁଷ୍ଠିତ ହୋଇଥିଲା । ଜଗଦଳପୁର.ଭାରତ ୧୧ଦଳ ୧୦ଓଭର ରେ ୧୫୨ରନ ସଂଗ୍ରହ କରି ହୀରାପୁର ଚମ୍ପିୟନ ଟ୍ରଫି ହାସଲ କରିନେଇଥିଲେ। ଜୟପାଟଣା ଏସ.ଏସ.ପିୟୁଷ ୱାରିଅର ଦଳ ଅତିସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ ହେଁ ଦ୍ୱିତୀୟ ସ୍ଥାନରେ ରହିଯାଇଥିଲେ। ଉଦଯାପନୀ ଉତ୍ସବ ସଭାରେ ଲାଞ୍ଜିଗଡ ବିଧାୟକଙ୍କ ପ୍ରତିନିଧି ସତ୍ୟନାରାୟଣ ଅଗ୍ରୱାଲ ମୁଖ୍ୟ ଅତିଥି, ମୁଖ୍ୟବକ୍ତାଭାବେ ଜିଲ୍ଲାପରିଷଦ ଦେବ ପୁଝାରି, ସମ୍ମାନୀୟ ଅତିଥିଭାବେ ଯୁବ ସମାଜସେବୀ ପ୍ରାଣରଞ୍ଜନ ବେହେରା, ସର୍ଗିଗୁଡା ସରପଞ୍ଚ ବୈଦ୍ୟନାଥ ଠାକୁର, ଅମ୍ବୁଜ ଧଙ୍ଗଡ଼ା ମାଝୀ, ଚତୁର୍ଭୁଜ ଦଳପତି, ନୀଳକଣ୍ଠ ଦଳପତି, ହେମନ୍ତ ମାଝୀ, ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ମୁନ୍ନା ସରାଫ ଓ ହିମାଂଶୁ ନାଏକ ଖେଳ ଗୁଡିକର ସୁପରିଚାଳନା କରିଥିବାବେଳେ ଟୁନାଭାଇ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରଯୋଜକ ମା ଡ଼ଙ୍ଗର ଦେଇ ଯୁବ ଅନୁଷ୍ଠାନର ସମସ୍ତ ସଦସ୍ୟ ମାନଙ୍କ ସକ୍ରିୟ ସହଯୋଗ କ୍ରିକେଟ ଟୁର୍ନାମେଣ୍ଟର ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇପାରିଥିଲା। ସରପଞ୍ଚ ପ୍ରତିନିଧି ପରୀକ୍ଷିତ ନାଏକଙ୍କ ଉଦ୍ୟମ ରେ ପଞ୍ଚଦିବସୀୟ ଖେଳ କାର୍ଯ୍ୟକ୍ରମ ସୁପରିଚାଳିତ ହୋଇପାରିଥିଲା। ପ୍ରତିଦିନ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ଖେଳ ଗୁଡିକର ଭରପୁର ଉପଭୋଗ କରିଥିଲେ।

## ଛୁରୀ ଭୁସି ହତ୍ୟା ଉଦ୍ୟମ, ୪ଗିରଫ

ସମ୍ବଲପୁର,(ସବ୍ୟୁ): ଛୁରୀ ଭୁସି ହତ୍ୟା ଉଦ୍ୟମରେ ବୁର୍ଲା ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଏକ ଛୁରୀ ଜବତ ହୋଇଛି । ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ବୁର୍ଲା ଥାନା ଅନ୍ତର୍ଗତ ଗୋଶାଳା ଛକରେ ନବୀନ ହେର୍ଣ୍ଣା ଓ ତାଙ୍କ ବନ୍ଧୁ ରୋହନ ନାଗ ବୁଲୁଥିବା ବେଳେ ମୁଣ୍ଡୋଘାଟର ସାନ୍ତନୁ ଭୁଏ(୩୧) ଓ ଆକାଶ ବେହେରା(୨୧), ସାନତ୍ରିକା ଗୋଶାଳାର ରାହୁଲ ନାଏକ(୨୪)ଏବଂ କଟରକେଲାର ଦେବାଶିଷ ଭଞ୍ଜ(୨୫) ଙ୍କ ସହ ଦେଖା ହୋଇଥିଲା । ପୂର୍ବ ଶତ୍ରୁତା ଯୋଗୁଁ ଏମାନଙ୍କ ମଧ୍ୟରେ ଝଗଡା ହୋଇଥିଲା । ନବୀନ ହେର୍ଣ୍ଣାଙ୍କୁ ଏମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ । ଏହାପରେ ଆପୋଷ ସମାଧାନ ହୋଇଥିଲା । ନବୀନ ଓ ରୋହନ ନାଗ ଆଇଆଇଏମ ରାସ୍ତା ଆଡକୁ ଯାଉଥିବା ବେଳେ ଗୋଶାଳା ସମଲେଶ୍ୱରୀ ବିସ୍କୁଟ ଗୋଦାମ ନିକଟରେ ଏହି ୪ଜଣ ଅଭିଯୁକ୍ତ ସେମାନଙ୍କୁ ଅଟକାଇଥିଲେ । ନବୀନଙ୍କୁ ଛୁରୀ ଭୁସି ହତ୍ୟା ଉଦ୍ୟମ କରିଥିଲେ । ଫଳରେ ତାଙ୍କ ବାମପାର୍ଶ୍ୱ ପେଟ ଓ ଶରୀରର ଅନ୍ୟାନ୍ୟ ଅଂଶରେ କ୍ଷତ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଥିଲା । ଅଭିଯୋଗ ପରେ ବୁର୍ଲା ଥାନା ପୋଲିସ ୧୧୧/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା ।

## ଖୋଲଗଡ଼ ବିନ୍ଧ୍ୟବାସିନୀ ମନ୍ଦିରର ରତ୍ନମୁଦ ସ୍ଥାପନ

ରେଢ଼ାଖୋଲ,(ସବ୍ୟୁ): ରେଢ଼ାଖୋଲ ସବଡ଼ିଭିଜନ ଖୋଲଗଡ଼ ଗ୍ରାମ ଶିବ ମନ୍ଦିର ପରିସରରେ ଥିବା ମା ବିନ୍ଧ୍ୟବାସିନୀ ମନ୍ଦିରର ରତ୍ନମୁଦ ସ୍ଥାପନ କରାଗଲା । ଗୁରୁବାର ଭବ୍ୟ କାର୍ଯ୍ୟକ୍ରମରେ ହୋମ ଯଜ୍ଞ ସହ ମନ୍ଦିର ପ୍ରତିଷ୍ଠା,ମନ୍ଦିର ପ୍ରବେଶ ଓ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହ ମନ୍ଦିରର ପାର୍ଶ୍ୱ ଦେବତାଙ୍କୁ ମଧ ବହୁ ଆଡମ୍ବରରେ ହୋମଯଜ୍ଞ ପୂଜାର୍ଚ୍ଚନା ସହ ପ୍ରତିଷ୍ଠା ଓ ସ୍ଥାପନ କାର୍ଯ୍ୟକ୍ରମ ପଣ୍ଡିତଙ୍କ ଦ୍ୱାରା କରରାଯାଇଥିଲା । ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ତାଙ୍କ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ବ୍ୟୟ ଅଟକଳରେ ଏହି ମନ୍ଦିର ନିର୍ମିତ ହୋଇଛି । କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଅରୁଣ ପ୍ରଧାନଙ୍କ ସହ ସମସ୍ତ ଗ୍ରାମବାସୀ ଏବଂ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

## ବୋରିଗୁମ୍ମା ବ୍ଲକରେ ପଞ୍ଚାୟତ ସମିତି ବୈଠକ

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ବ୍ଲକ ସଭାଗୃହରେ ଚଳିତ ବର୍ଷର ପ୍ରଥମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଯୋଗ ଦେଇଥିଲେ। କୋଟପାଡ଼ ବିଧାୟକ ରୁପୁ ଭତ୍ରା ନିଜ ବକ୍ତବ୍ୟରେ କହିଥିଲେ ଯେ ବିଭିନ୍ନ ବିଭାଗ ଅଧିକାରୀ ମାନେ ଏକଜୁଟ ହୋଇ ପଞ୍ଚାୟତର ବିକାଶ କରନ୍ତୁ। ଏପର୍ଯ୍ୟନ୍ତ ଠିକା କମ୍ପାନୀ ନେଇଥିବା ମେଗା ପ୍ରକଳ୍ପ ଗ୍ରାମାଞ୍ଚଳକୁ ଜଳ ଯୋଗାଣ କରିବାରେ ଅସମର୍ଥ ହୋଇଛି । ଏହାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ପାଣି ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଜୟପୁର ବିଧାୟକ ଶ୍ରୀ ବାହିନୀପତି ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ।ଶିକ୍ଷା ବିଭାଗ ଏବିଇଓ ସୁବାସ ଚନ୍ଦ୍ର ମାଝୀଙ୍କୁ କେତୋଟି ବିଦ୍ୟାଳୟ ଜଣେ ଶିକ୍ଷକରେ ଚାଲିଛି ବୋଲି ପ୍ରଶ୍ନ କରିବା ସହ କେତୋଟି ବିଦ୍ୟାଳୟରେ ଶ୍ରେଣୀ ଗୃହର ଅଭାବ ରହିଛି ବୋଲି କହିଥିଲେ। ୨୦ ଟି ବିଦ୍ୟାଳୟକୁ ଅତିରିକ୍ତ ଶ୍ରେଣୀ ଗୃହ ନିମନ୍ତେ ପାଞ୍ଚ ଲକ୍ଷ ଟଙ୍କା ବିଧାୟକ ପାଣ୍ଠିରୁ ପ୍ରଦାନ କରିବେ ବୋଲି ସହମତି ପ୍ରକାଶ କରିଥିଲେ। ପରେ ସ୍ୱାସ୍ଥ୍ୟ,କୃଷି, ମହିଳା ଓ ଶିଶୁ ବିକାଶ ବିଭାଗ, ବିଦ୍ୟୁତ, ମୃତ୍ତିକା ସଂରକ୍ଷଣ, ପୂର୍ତ୍ତ ବିଭାଗ, ପଶୁ ସଂପଦ, ଜଳ ସେଚନ, ଜଳ ଯୋଗାଣ, ଜଙ୍ଗଲ ଓ ପରିବେଶ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାର ଅଧିକାରୀ ମାନଙ୍କ ସହ ବିକାଶ ମୂଳକ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ପଞ୍ଚାୟତ ସମିତି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡିକା, ନୃସିଂହନାଥ ଶତପଥୀ, କୋରାପୁଟ ସାଂସଦ ପ୍ରତିନିଧି ରାମଚନ୍ଦ୍ର ପାତ୍ରୀ, ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ, ଏବିଇଓ ସୁବାସ ଚନ୍ଦ୍ର ମାଝୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଡ଼.ଶ୍ରୀକାନ୍ତ ଶତପଥୀ, ସିଡ଼ିପିଓ ଲକ୍ଷ୍ମୀପ୍ରିୟା ଯାନୀ, ବିଦ୍ୟୁତ ବିଭାଗ ଏସ୍ଡିଓ ଚନ୍ଦ୍ରକାନ୍ତ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଶଙ୍କର ଜେନା, ଏଇଇ ପ୍ରକାଶ ପ୍ରଧାନ, ଏବିଡ଼ିଓ ମାଧୁରୀ ଆଚାରୀ, ଜିପିଇଓ ସ୍ୱାଗତିକା ଗୋପାଲ, ଉଦ୍ୟାନ ବିଭାଗର ବିଜୟ ମାହୁନ୍ତଙ୍କ ସହ ଅନ୍ୟ ବିଭାଗର ଅଧିକାରୀ ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ ଓ ସମିତି ସଭ୍ୟ/ ସଭ୍ୟା ମାନେ ଉପସ୍ଥିତ ଥିଲେ।




## କଳାହାଣ୍ଡି ବିଜେପିର ମିଶ୍ରଣ ପର୍ବ

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ବିଜେପି ପକ୍ଷରୁ ଭବାନୀପାଟଣା ଟାଉନ ହଲ୍ ରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ବିଭିନ୍ନ ଦଳର ଶତାଧିକ କର୍ମୀ ଯୋଗଦେଇ ଥିବା ବେଳେ ନବ ଗଠିତ ନର୍ଲା ଏନ୍ଏସି ଅଞ୍ଚଳର ୫୦ରୁ ଉର୍ଦ୍ଧ୍ୱ ବିଜେଡ଼ି ଓ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ନର୍ଲା ଏନ୍ଏସିର ସଂଯୋଜକ ସରୋଜ ବୁଦ୍ଧିଆ ଏବଂ ସହ ସଂଯୋଜକ ଚିରଞ୍ଜିବୀ ଗୌଡ଼ିଆ ତଥା ନର୍ଲା ମଣ୍ଡଳ ସଭାପତି ଶିବ ପ୍ରସାଦ ରଣାଙ୍କ ନେତୃତ୍ୱରେ ନବ ଗଠିତ ନର୍ଲା ଏନ୍ଏସି ଅନ୍ତର୍ଗତ ନର୍ଲା ଏବଂ ସର୍ଗିଗୁଡ଼ା ପଞ୍ଚାୟତରୁ ବିଜେପିରେ ଯୋଗ ଦେଇଥିବା କର୍ମୀଙ୍କ ମଧ୍ୟରେ ନର୍ଲା କୃଷି ସମବାୟ ସମିତିର ସଭାପତି ମଞ୍ଜୁଲତା ଗୌଡ଼ିଆ, ସର୍ଗିଗୁଡ଼ା ପଞ୍ଚାୟତର ୱାର୍ଡ ସଭ୍ୟ କନ୍ଦର୍ପ ନାଗ, ସନ୍ତୋଷ ଥାପା, ଦେହେଲି ୱାର୍ଡ ସଭ୍ୟ ଡମ୍ବରୁଧର ନାୟକ, ନର୍ଲାର ପୂର୍ବତନ ନାଏବ ସରପଞ୍ଚ ପ୍ରଦୀପ ହଂସଙ୍କ ବ୍ୟତୀତ ଅନ୍ୟ ମାନଙ୍କ ମଧ୍ୟରେ ରାଜୀବ ପାତ୍ର, ଲିଙ୍ଗ ମାଝୀ, ଲିପ୍ତାଙ୍ଗିନୀ ମାଝୀ, ଗୋପାଳ ସରାଫ, କ୍ଷୀତିସୁତା ସରାଫ, ଜଗତରାମ ମାଝୀ, ଜଗଦୀଶ ଦୁର୍ଗା, ମଙ୍ଗଳ ମାଝୀ, ଟିକେଶ୍ୱର୍ ଭୋଇ, ପରିଚୟ ଦୁର୍ଗା, ଚିନ୍ମୟ ଚାନ୍ଦ, ଗଜରାମ ମାଝୀ, କୃତିବାସ ବଗର୍ତ୍ତି, ବୀରେନ୍ଦ୍ର ପଟ୍ଟନାୟକ, ରୁପେଶ ପୁଝାରୀ, ଟୁକୁନା ପାତ୍ର, ରମାକାନ୍ତ ପୂଝାରୀ, ସରୋଜ ପୁଝାରୀ, ସୁରେନ୍ଦ୍ର ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଦ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ମିଶ୍ରଣ ପର୍ବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ ବିଧାୟକ ସୁଧୀର କୁମାର ପାଟ୍ଟଯୋଶୀ ତଥା ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ ।

## ବିଶ୍ୱ ବନ୍ୟପ୍ରାଣୀ ଦିବସ ଓ ବନାଗ୍ନି ସଚେତନତା ସଭା

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଏଜେନସି ଫର ଏନଭାରମେଣ୍ଟ ଏଣ୍ଡ ୱାଇଲଡ଼ ଲାଇଫ( କେଫ୍ୟୁ ) ପକ୍ଷରୁ କଳାହାଣ୍ଡି ଦକ୍ଷିଣ ବନ ଖଣ୍ଡ ଅନ୍ତର୍ଗତ ଥୁଆମୂଳ ରାମପୁର ସାଇସୁରନି ରେଞ୍ଜର ସିଆଲିପଦର ଠାରେ ତ୍ରୟୋଦଶ ତମ ବନ୍ୟପ୍ରାଣୀ ଦିବସ ଓ ବନାଗ୍ନି ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । କେଫ୍ୟୁ ସଂଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ, ଡ଼. ଅଜୟ ମିଶ୍ର, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ବାବୁ, ଅଜିତ କୁମାର ନାୟକ କେଫ୍ୟୁ ସଂଗଠନର ପ୍ରତିଷ୍ଠାତା ସଦସ୍ୟ ପ୍ରକୃତିବନ୍ଧୁ ଡୋଳାମଣୀ ସାହୁ, ଗୁଣପୁର ସରପଞ୍ଚ ପ୍ରତିନିଧି ପବିତ୍ର ମାଝୀ, ଥୁଆମୂଳ ରାମପୁର ଦକ୍ଷିଣ ବନାଞ୍ଚଳ ସାଇସୁରନି ବିଟର ବନରକ୍ଷୀ ସୁଶାନ୍ତ କୁମାର ଦାସ ସିଆଲିପଦର ମହିଳା ସବୁଜ ବାହିନୀ ର ଅଧକ୍ଷ୍ୟା ନମିତା ମାଝୀ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ନାୟକ ଓ ଗଣ୍ୟମାନ୍ୟ ବ୍ୟକ୍ତି ପ୍ରମୁଖ ଯୋଗଦେଇ ବିଶ୍ୱ ବନ୍ୟପ୍ରାଣୀ ଦିବସ ଓ ବନାଗ୍ନି ସଚେତନତା ସଭା ଉପରେ ଆଲୋଚନା



କରିଥିଲେ । ଜଙ୍ଗଲ ପୋଡିଯିବା ଦ୍ୱାରା ବିରଳ ଔଷଧି ଗଛ, ସରୀସୃପ, ବନ୍ୟପ୍ରାଣୀ ଓ ପକ୍ଷୀ ସମୂହ ପ୍ରାଣ ହରାଉଛନ୍ତି ଏବଂ ପୃଥିବୀରୁ ଲୁପ୍ତପ୍ରାୟ ପ୍ରାଣୀ ଭାବରେ ଗଣତି ହେଉଥିବା ବିଷୟ ଆଲୋଚନା କରିଥିଲେ । ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ନିମନ୍ତେ ସରକାର ଆଣିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରି ସ୍ଥାନୀୟ ଜଙ୍ଗଲର ରକ୍ଷଣା ବେକ୍ଷଣ କରିବା ପାଇଁ ଗ୍ରାମବାସୀ ଏହି ସଭାରେ ଶପଥ ପାଠ କରିଥିଲେ । କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଅଜିତ କୁମାର ନାୟକ ପରିଚାଳନା କରିଥିବାବେଳେ ଡୋଳାମଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଝାରସୁଗୁଡ଼ା, (ସବ୍ୟୁ): ଆନ୍ତର୍ଜାତୀୟ ମହିଳା ଦିବସକୁ ପାଳନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସୂଚନା ଦେଇଛନ୍ତି ଯେ, ଜିଲ୍ଲା କ୍ରୀଡ଼ା ଓ ଯୁବସେବା ବିଭାଗ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆସନ୍ତା ମାର୍ଚ୍ଚ ୬, ୭ ଏବଂ ୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ମହିଳାମାନଙ୍କ ପାଇଁ ଏକ ତିନି ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ତିନି ଦିନିଆ କାର୍ଯ୍ୟକ୍ରମ ପାଇଁ ପ୍ରତିଦିନ ଭିନ୍ନ ଭିନ୍ନ ଆଧାର ରଖାଯାଇଛି। ପ୍ରଥମ ଦିନ ଅର୍ଥାତ ମାର୍ଚ୍ଚ ୬ ତାରିଖର ଥିମ୍ ରହିଛି 'ଶକ୍ତି ସ୍ୱରୂପିଣୀ'। ଏହି ଅବସରରେ ମହିଳାମାନଙ୍କ ପାଇଁ 'ଜୁମ୍ବା' ସେସନ୍ ଏବଂ କିଶୋରୀ ତଥା ବାଳିକାମାନଙ୍କ ପାଇଁ କ୍ୟାରିୟର କାଉନସେଲିଂର ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ଦିନ ମାର୍ଚ୍ଚ ୭ ତାରିଖର ଥିମ୍ 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ରଖାଯାଇଥିବା ବେଳେ ଏହି ଦିନ ମହିଳାମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଶିବିର ଏବଂ ଆତ୍ମରକ୍ଷା ପାଇଁ କରାଟେ ଟ୍ରେନିଂ ଆୟୋଜନ କରାଯିବ।

କାର୍ଯ୍ୟକ୍ରମର ଅନ୍ତିମ ଦିନ ତଥା ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତୀୟ ମହିଳା ଦିବସର ଥିମ୍ ରହିଛି 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' । ଏହି ଦିନ କାଳୀ ମନ୍ଦିରରୁ ଝାରସୁଗୁଡ଼ା ଇଞ୍ଜିନୟରିଂ ସ୍କୁଲ ପର୍ଯ୍ୟନ୍ତ ଏକ ବିଶାଳ 'ୱାକାଥନ' ଅନୁଷ୍ଠିତ ହେବ। ଏହା ସହିତ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବା ନେଇ ସୂଚନା ଦିଆଯାଇଛି। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ କହିଛନ୍ତି ଯେ, 'ଶକ୍ତି ସ୍ୱକ୍ତି ସକ୍ତି ସ୍ୱରୂପିଣୀ' ଠାରୁ ଆରମ୍ଭ କରି 'ଶକ୍ତିର ଗତି' ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ମହିଳାମାନଙ୍କୁ ସମ୍ମାନିତ ଓ ସଚେତନ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଜିଲ୍ଲାର ସମସ୍ତ ମହିଳା, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ସମସ୍ତ ମା'ମାନଙ୍କୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେଇ ଏହାକୁ ସଫଳ କରିବାକୁ ସେ ଅନୁରୋଧ କରିଛନ୍ତି।

## ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ଦାବି

ବରଗଡ,(ସବ୍ୟୁ): ମହାନ୍ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୧୦ ତମ ଜୟନ୍ତୀ ବିଜୁ ଜନତା ଦଳ ବରଗଡ ଜିଲ୍ଲା ତରଫରୁ ପାଳିତ ହୋଇ ଯାଇଛି । ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବିଜେଡି କର୍ମୀ ଓ ନେତୃତ୍ୱ ମଣ୍ଡଳୀ ଉପସ୍ଥିତ ରହି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ପରେ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ବିଜେଡି ଜିଲ୍ଲା ଉପ ସଭାପତି କିଶୋର ମିଶ୍ର, ଟାଉନ ବିଜେଡି ସଭାପତି ଅନୁପ ଶତପଥୀ, ବ୍ଲକ୍ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ଜିଲ୍ଲା ଯୁବ ବିଜେଡ଼ି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲ୍ଲା ମହିଳା ସଭାପତି କଳ୍ପନା ମାଝୀ, ଛାତ୍ର ଜିଲ୍ଲା ଛାତ୍ର ସଭାପତି କରନ ସିକନ୍ଦର, ରାଜ୍ୟ ମହିଳା ସମ୍ପାଦିକା ଅନୁରାଧା ଅଗ୍ରୱାଲ ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ ଉମା ଚରଣ ରାଉତ ଅକୃର ବାରିକ ଜ୍ୟୋତ୍ସ୍ନା ପାଇକ, ନିତୁ ମହାନ୍ନା, ରାଜୁ ଦାଶ, ରୋଶନ ପଧାନ, ଜମିର ମହମ୍ମଦ, ସଂଜୀବ କୋହଲି ଭରତ ମହାନ୍ତି ତୁଷାର ମହନ୍ତି ପିକୁନ ମହାନ୍ତି ଅଶ୍ୱିନୀ ସରାଫ ସତ୍ୟ ପଣ୍ଡାଙ୍କ ସହ ସମସ୍ତ କାଉନସିଲର ବୃନ୍ଦ ଏବଂ ଜନ ସାଧାରଣ ଯୋଗଦାନ କରି ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିବା ସହ ବିଜୁ ବାବୁ ଭାରତର ଗର୍ବ ଓ ଗୌରବ ଥିଲେ ବୋଲି ଅଭିହିତ କରିଥିଲେ । ଏହି ଅବସରରେ ତାଙ୍କୁ ଭାରତ ସରକାର ଭାରତ ରତ୍ନ ସମ୍ମାନ ତୁରନ୍ତ ପ୍ରଦାନ କରନ୍ତୁ ବୋଲି ବରଗଡ଼ ବିଜେଡି ପକ୍ଷରୁ ଦୃଢ଼ ଦାବି କରାଯାଇଥିଲା ।

### ବଲାଙ୍ଗିରରେ ଲୋକ ଅଧିକାର ଯାତ୍ରା

## ଗନ୍ଧମାର୍ଦ୍ଦନରୁ ଦେଓମାଳି ଯାଏ ସୁରକ୍ଷା ଜରୁରୀ

ବଲାଙ୍ଗିର,(ସବ୍ୟୁ): ପ୍ରାକୃତିକ ସମ୍ପଦର ସୁରକ୍ଷା ନିମନ୍ତେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜନ୍ମପୀଠରୁ ଆରମ୍ଭ ହୋଇଥିବା ଲୋକ ଅଧିକାର ଯାତ୍ରା ବଲାଙ୍ଗିରରେ ପହଞ୍ଚିଛି। ଜିଲ୍ଲା ସାମ୍ବାଦିକ ଭବନ ପରିସରରେ ଜନ ଆନ୍ଦୋଳନର କର୍ମୀ ସତ୍ୟ ବନଛୋରଙ୍କ ସଂଯୋଜନାରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଗ୍ରୀନ ନୋବେଲ ବିଜେତା ତଥା ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା କହିଲେ ଯେ, ଯେମିତି ଦିଲ୍ଲୀରୁ ରାଜସ୍ଥାନ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିବା ଆରାବଳୀ ପର୍ବତ ଶ୍ରେଣୀକୁ ବଞ୍ଚାଇବା ପାଇଁ ଲଢେଇ ଚାଲିଛି, ଠିକ୍ ସେହିଭଳି ଗନ୍ଧମାର୍ଦ୍ଦନରୁ ଦେଓମାଳି ପର୍ଯ୍ୟନ୍ତ ପରିବ୍ୟାପ୍ତ ପର୍ବତ ଶ୍ରେଣୀକୁ ବଞ୍ଚାଇବା ନିମନ୍ତେ ଓଡ଼ିଶାର ଜନମତ ଜାଗ୍ରତ ହେବାର ଆବଶ୍ୟକତା ରହିଛି। ପୂର୍ବଘାଟ ପର୍ବତମାଳାର ଏହି ଅଞ୍ଚଳରେ ୫୬ ପ୍ରତିଶତ ବକ୍ସାଇଟ ରହିଛି। ଏହି ପାହାଡ ମାନଙ୍କରେ ଥିବା ବକ୍ସାଇଟ କାରଣରୁ ଏଠାରୁ ଚିରସ୍ରୋତା ନଦୀମାନ ବାହାରିଛି। ଏହି ପାହାଡ ଖୋଳା ହେବା ଅର୍ଥ ବରଗଡ଼ ଠାରୁ ବଲାଙ୍ଗିର, କଳାହାଣ୍ଡି, ରାୟଗଡ଼ା, କୋରାପୁଟ ଜିଲ୍ଲା ପର୍ଯ୍ୟନ୍ତ ମରୁଭୂମି ପାଲଟିଯିବ। ସାଲେପାଲି ମାଇନିଙ୍ଗ ବ୍ଲକ୍ ମାଧ୍ୟମରେ ପାଟଣାଗଡ ବ୍ଲକ ଅଞ୍ଚଳର ତିରିଶଟି ଗ୍ରାମକୁ ବିସ୍ଥାପିତ କଲେ, ସେଠାକାର ମଣିଷ, ପଶୁ, ପକ୍ଷୀ ସମସ୍ତଙ୍କର କଣ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ଏହି ଅବସରରେ କହିଲେ ଯେ, ଓଡ଼ିଶା ସରକାରଙ୍କ ଇକୋନୋମିକ ସର୍ଭେ ରିପୋର୍ଟ ଅନୁସାରେ ଆମ ରାଜ୍ୟରେ ସଞ୍ଚିତ ଲୁହାପଥର ୨୦୮୦ ମସିହା ସୁଦ୍ଧା ସମାପ୍ତ ହୋଇଯିବ। ସେହିଭଳି କୋଇଲା ଓ କ୍ରୋମାଇଟ ୨୧୨୦ ମସିହା ଭିତରେ ସରିଯିବ। ହେଲେ ବର୍ତ୍ତମାନ ଆହୁରି ୪୯ଟି ଖଣି ନିଲାମ ଦିଆଯିବାର ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ଯଦି ଏହିଭଳି ଚାଲେ, ତେବେ ଓଡ଼ିଶାର ସମସ୍ତ ସମୟ ଅବଧି ପୂର୍ବରୁ ଖଣି ଶେଷ ହୋଇଯିବ। ସେତେବେଳେ ଆମର ଭବିଷ୍ୟତ ପିଢ଼ି କଣ କରିବ ବୋଲି ସେ ପ୍ରଶ୍ନ କରିଥିଲେ। ଗାନ୍ଧୀବାଦୀ ନେତା ଡାକ୍ତର ବିଶଜିତ୍ କହିଲେ ଯେ, ଯଦି ଏହିଭଳି ଖଣି, ପାଣି, ଜଙ୍ଗଲ ଓ ଜମି ଭଳି ପ୍ରାକୃତିକ ସମ୍ପଦର ଅବାରିତ ଲୁଟ ଚାଲେ, ତେବେ ଓଡ଼ିଶା ମ୍ୟାନମାର ଭଳି ପରିତ୍ୟକ୍ତ ଭୂଖଣ୍ଡରେ ପରିଣତ ହୋଇଯିବ। ସେତେବେଳେ ୨୦୩୬ ମସିହା ବେଳକୁ ଓଡ଼ିଶା ତାହାର ଜନ୍ମ ଶତାବ୍ଦୀ ବର୍ଷ ପାଳନ କରିବ, ସେତେବେଳେ ଓଡିଶା ସମ୍ବଳହୀନ ହୋଇଯାଇ ନଥିବ କି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନ ଆନ୍ଦୋଳନ ମାନଙ୍କର ରାଷ୍ଟ୍ରୀୟ ସମନ୍ୱୟର ରାଜ୍ୟ ନେତା କଲ୍ୟାଣ ଆନନ୍ଦ ଏହି ଅବସରରେ କହିଲେ ଯେ, ଏତେ ଖଣିଜ ଦ୍ରବ୍ୟ ଓଡିଶାରୁ ଲୁଟ ଚାଲିଥିବା ବେଳେ ଓଡ଼ିଶାରେ ଛୁଞ୍ଚି କାରଖାନାଟିଏ କାହିଁକି ନାହିଁ। ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ ହୋଇଥିବା ବେଳେ କୃଷିର ଉନ୍ନତି ଦିଗରେ ସରକାର କାହିଁକି ପ୍ରୟାସ କରୁନାହାନ୍ତି। ଯଦି କୃଷିର ବିକାଶ ନହୁଏ ଓ କେବଳ ଓଡିଶାରୁ ଖଣିଜ ଦ୍ରବ୍ୟ ରପ୍ତାନୀ କରିବାକୁ ବିକାଶର ପରିଭାଷା ବୋଲି କୁହାଯାଉଛି, ବାସ୍ତବରେ ଏହା ବିନାଶ ଅଟେ। ବରଗଡ ଓ ବଲାଙ୍ଗିର ଜିଲ୍ଲାର ସୀମାନ୍ତରେ ଥିବା ଗନ୍ଧମାର୍ଦ୍ଦନ ଠୁ ଆରମ୍ଭ କରି କୋରାପୁଟ ଜିଲ୍ଲାର ଦେଓମାଳି ପର୍ଯ୍ୟନ୍ତ ଦୀର୍ଘ ୪୦୦ କିଲୋମିଟର ଅଞ୍ଚଳରେ ବ୍ୟାପ୍ତ (ପୂର୍ବଘାଟ ପର୍ବତମାଳା)ଓଡ଼ିଶାର ଆରାବଳୀ(ନିୟମଗିରି ,ସିଜିମାଳି କୁତ୍ରୁ ମାଳି, ଖଣ୍ଡୁଆଳମାଳି, ଦେଓମାଳି, ନାଗେଶ୍ୱରୀ ପାହାଡ) ଅଞ୍ଚଳରେ ବ୍ୟାପ୍ତ ଏହି ପାହାଡମାନଙ୍କରେ ଭରି ରହିଛି ବକ୍ସାଇଟ ଭଳି ଖଣିଜ ସମ୍ପଦ । ଯାହାକୁ ବହୁଦେଶୀୟ କମ୍ପାନିମାନଙ୍କ ର ନଜର ରହିଛି ।କିନ୍ତୁ ଲୋକଙ୍କ ଧର୍ମୀୟ ଭାବଧାରା, ଜୀବନ୍ ଜୀବୀକା,ପରିବେଶ ଭଳି ମାନବୀୟ ସମ୍ବେଦନଶୀଳ ପ୍ରସଙ୍ଗ ଏହା ସାଙ୍ଗରେ ଯୋଡି ହୋଇ ରହିଛି । ଏହାର ସୁରକ୍ଷା ପାଇଁ ସରକାର ସଂକଳ୍ପ ନିଅନ୍ତୁ ଗ୍ରୀନ୍ ନୋବେଲ ବିଜେତା ପରିବେଶବିଦ୍ ପ୍ରଫୁଲ୍ଲସାମନ୍ତରା କହିଥିଲେ । ଅୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମତ-କୃଷିଭିତ୍ତିକ ଶିଳ୍ପ ବଦଳ ରେ ଖଣିଭିତ୍ତିକ ବିକାଶ କେତେ ଗ୍ରହଣୀୟ ବୋଲି ପ୍ରଶ୍ନ କରିଛନ୍ତି ।

ଲୋକ ଅଧିକାର ଯାତ୍ରାରେ ଯୁବନେତା ଲକ୍ଷ୍ମଣ ନାୟକ, ରାଜୀବ କୁମାର, ଗବେଷକ ସର୍ବେଶ୍ୱର ସାହୁ, ଗାନ୍ଧୀବାଦୀ ବିଜୟ ସିଙ୍ଘ, ସମଦୃଷ୍ଟି ମିଡ଼ିଆ ପ୍ରତିନିଧି ସୁକାନ୍ତ ପ୍ରଧାନ,ରାଷ୍ଟ୍ରୀୟ ଯୁବା ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ସୂର୍ଯ୍ୟ ନାରାୟଣ ନାଥ, ଯୁବ ଗାନ୍ଧୀବାଦୀ ଲଳିତ ମୋହନ ବେହେରା, ଜୟ କିଶାନ ଆନ୍ଦୋଳନର ନେତା କିଶୋର ସାହୁ, ସୁରେନ୍ଦ୍ର ଭୂୟେ, ଜୟ କିଶାନ ଆନ୍ଦୋଳନର ବରଗଡ଼ ଜିଲ୍ଲା ସଭାପତି ସୁଶିଲ କୁମାର ସାହୁ, ରାଜ କିଶୋର ସୁନାନୀ ପ୍ରମୁଖ ଯାତ୍ରାରେ ସାମିଲ ହୋଇଛନ୍ତି। ଲୋକ ଅଧିକାର ଯାତ୍ରାକୁ ସ୍ୱାଗତ କରି ପଦ୍ମପୁର ଠାରେ ମଧ ସାଧାରଣ ସଭା ଆୟୋଜିତ ହୋଇଥିଲା। ଗନ୍ଧମାର୍ଦ୍ଦନ ଅଞ୍ଚଳକୁ ନୋ ମାଇନିଂ ଜୋନ ଭାବରେ ଘୋଷଣା କରିବା ସହ ଏହା ବିଧାନସଭାରେ ପାରିତ କରିବା ନିମନ୍ତେ ସ୍ଥାନୀୟ ଜନ ସାଧାରଣ ଦାବି କରିଥିଲେ।

## ବରଯାତ୍ରୀଗାଡି-ହାଇଓା ମୁହାଁମୁହିଁ ,୧୨ ଆହତ,୪ ଗୁରୁତର

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅର୍ନ୍ତଗତ ଭୈରବୀ ମନ୍ଦିର ନିକଟରେ ବୁଧୁବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ବରଯାତ୍ରୀ ବୋଲେରୋ ଗାଡିକୁ ହାଇଓା ଧକ୍କାଦେବାରୁ ୧୨ଜଣ ଆହତ ଏବଂ ୪ଜଣ ଗୁରୁତର ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ସୋନପୁର ଜିଲ୍ଲା ବୀରମହାରାଜପୁର ଡୁମୁରି ଅଂଚଳରୁ ପୁରୁଣାକଟକ ନିକଟସ୍ଥ ସାଲକଟାକୁ ଏକ ବୋଲେରୋ ଗାଡିରେ ପାଖାପାଖି ୧୪ଜଣ ବରଯାତ୍ରୀ ଆସିଥିଲେ । ଭୋଜିଖାଇ ସନ୍ଧ୍ୟା ସମୟରେ ପୁରୁଣାକଟକ ସାଲକଟାରୁ ବୋଲେରୋ ଯୋଗେ ସେମାନେ ବୀରମହାରାଜପୁର ଫେରୁଥିଲେ । ମାତ୍ର ପୁରୁଣାକଟକରେ ଜାତୀୟରାଜପଥ ଅବରୋଧ ହୋଇଥିଲା । ଫଳରେ ସେମାନେ ଭୈରବୀ ମନ୍ଦିର ଛକରୁ ଜାତୀୟରାଜପଥ ଦେଇ ଯାଜପୁର ଗାଁ ଦେଇ ଫେରିବାର ଥିଲା । ମାତ୍ର ଦୁର୍ଭାଗ୍ୟବଶତଃ ଭୈରବୀ ମନ୍ଦିର ଛକରୁ ଜାତୀୟ ରାଜପଥରେ କିଛି ବାଟ ଗଲାପରେ ଟିଭିଏସ ସୋରୁମ ନିକଟରେ ଚାରିଛକ ପାର୍ଶ୍ୱରୁ ଆସୁଥିବା ଏକେ ଏ.ଆର.ଏସ.ଏସ କମ୍ପାନୀର ହାଇଓା ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ବୋଲେରୋରେ ବସିଥିବା ୧୪ଜଣଙ୍କ ମଧ୍ୟରୁ ୧୨ଜଣ ଆହାତ ଏବଂ ୪ଜଣ ଗୁରୁତର ହୋଇଥିଲା । ସେଥିରୁ ଅଧିକ ଚିକିତ୍ସା ପାଇଁ ତିନିଜଣ ଗୁରୁତରଙ୍କୁ ବୌଦ୍ଧ ମେଡିକାଲ ପଠାଯାଇଥିବା ଜଣାପଡିଛି । ଆହତ ମାନଙ୍କ ମଧ୍ୟରେ ଦୁଇଜଣ ୧୫ବର୍ଷରୁ କମ୍ ଶିଶୁଥିବା ଜଣାପଡିଛି । ପୁରୁଣାକଟକ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।



## ଜିଲ୍ଲା ଦିଶା କମିଟି ବୈଠକ

# ବିଭିନ୍ନ ଯୋଜନାର ଅଗ୍ରଗତି ଉପରେ ସମୀକ୍ଷା

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା ସମିତି ସଭା ଦିଶା ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ କଳାହାଣ୍ଡି ସାଂସଦ (ଲୋକସଭା) ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି,ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା.ଉପ ନିର୍ଦ୍ଦେଶକ ପ୍ଲାନିଂଙ୍ଗ ଶ୍ରୀକାନ୍ତ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିବା ପାଇଁ କଳାହାଣ୍ଡି ସାଂସଦ ତଥା ଅଧ୍ୟକ୍ଷ୍ୟା ଦିଶା କମିଟି ମାଳବିକା ଦେବୀଙ୍କୁ ଅନୁରୋଧ କରିଥିଲେ । ସାଂସଦ ସ୍ୱାଗତ କରିବା ସହିତ ଜିଲ୍ଲାରେ ସରକାରଙ୍କର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନ ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ସରକାରଙ୍କ ଯୋଜନା ଓ ରାଜ୍ୟ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ଜନ ପ୍ରତିନିଧି ଓ ଅଧ୍ୟକ୍ଷଙ୍କ ଉପସ୍ଥାପିତ ବିଭିନ୍ନ ପ୍ରଶ୍ନ ଅଭିଯୋଗ ଉପରେ ସଠିକ୍ ତଥ୍ୟ ରଖିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଗମନାଗମନ, ଆର.ଡି., ପି.ଡବ୍ଲୁ.ଡି., ଜଳସେଚନ, ବିଦ୍ୟୁତୀକରଣ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ଖାଦ୍ୟ ଯୋଗାଣ,ଖାଦ୍ୟ ସୁରକ୍ଷା ଯୋଜନା, ଅବକାରୀ ,ଜଙ୍ଗଲ ଓ ପରିବେଶ ସୁରକ୍ଷା, ଶିଶୁ ସୁରକ୍ଷା,ସାମାଜ କଲ୍ୟାଣ, ଖଣି, ଇତ୍ୟାଦି ବିଭାଗୀୟ ଯୋଜନାର ଅଗ୍ରଗତି, ସଫଳତା ଓ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ଉପରେ ସମୀକ୍ଷା କରିଥିଲେ । ସେହିପରି ଜିଲ୍ଲାର ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ବିଶେଷ କରି ଜିଲ୍ଲାରେ ଲୋକଙ୍କ ଆବଶ୍ୟକ ମୁତାବକ ଅନୁଯାୟୀ ପାନୀୟ ଜଳ ପ୍ରକଳ୍ପର ତ୍ୱରାନ୍ୱିତ କରିବା ସହିତ ସମସ୍ତ ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ସାଂସଦ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାର ଉନ୍ନତି ଓ ବିକାଶ ନିମନ୍ତେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଅଧିକ ଯତ୍ନବାନ ହୋଇ ନିଜ ନିଜ ବିଭାଗୀୟ କାର୍ଯ୍ୟ ସୁଚାରୁରୂପେ ତୁଲାଇବା ପାଇଁ ସାଂସଦ ପରାମର୍ଶ ଦେଇଥିଲେ । ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକର ଅଧ୍ୟକ୍ଷ, ସହରାଞ୍ଚଳ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଶ୍ରୀ ପାଢ଼ି ଧନ୍ୟବାଦ ଅର୍ପଣ କରିଥଲେ ।

## ଆନ୍ତଃରାଜ୍ୟ ମହିଳା ସୁନାଚେନ୍ ଲୁଟିଆ ଗ୍ୟାଙ୍ଗର ୬ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ପୋଲିସକୁ ଏକ ବଡ ସଫଳତା ମିଳିଛି । ଦୀର୍ଘ ୧୨ବର୍ଷ ଧରି ଓଡିଶା ସମେତ ପଶ୍ଚିମବଙ୍ଗ ଓ ଝାରଖଣ୍ଡରେ ସକ୍ରୀୟ ଥିବା ଏକ ଆନ୍ତଃରାଜ୍ୟ ମହିଳା ସୁନାଚେନ୍ ଲୁଟିଆ ଗ୍ୟାଙ୍ଗର ୬ଜଣ ସଦସ୍ୟାଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କ ନିକଟରୁ ୫୧.୭୫ ଗ୍ରାମର ତରଳା ଯାଇଥିବା ସୁନା ପ୍ଲେଟ, ନଗଦ ୬୨ହଜାର୪୦୦ଟଙ୍କା, ୩ଟି ମୋବାଇଲ ଫୋନ, ଚେନ୍ କଟର, ବହୁ ସଂଖ୍ୟାରେ ରଙ୍ଗୀନ ପଥର, ମୋତି ମାଳି, ଇମିଟେସନ୍ ଗହଣା, ଜାଲ ଭୋଟର କାର୍ଡ, ବିଭିନ୍ନ ହୋଟେଲର ଭିଜିଟିଂ କାର୍ଡ, ଏକ ଡାଏରୀ ଆଦି ଜବତ ହୋଇଛି । ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କୁ ୩ଦିନିଆ ରିମାଣ୍ଡରେ ଆଣି ପୋଲିସ ପଚରାଉଚରା କରିବ । ପଚରାଉଚରା ବେଳେ ଆଉ ଅଧିକ ତଥ୍ୟ ପଦାକୁ ଆସିବ । ଏହି ଗ୍ୟାଙ୍ଗରେ ଆଉ ଅଧିକ ଲୋକ ସାମିଲ ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ସମଲେଶ୍ୱରୀ ଘାଟ ନିକଟରେ ଗତ ୨୨ଜାନୁଆରୀ, ୨୦୨୬ରେ ଏକ ବିଶାଳ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ପ୍ରବଳ ଭିଡର ସୁଯୋଗ ନେଇ ୪ଜଣ ମହିଳା ଶ୍ରଦ୍ଧାଳୁଙ୍କ ଠାରୁ ୫ଟି ସୁନାଚେନ୍ ଲୁଟ୍ ହୋଇଥିଲା । ଅଭିଯୋଗ ପରେ କ୍ଷେତରାଜପୁର ଥାନା ପୋଲିସ ୩ଟି ପୃଥକ ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ସିସିଟିଭି ଫୁଟେଜ ଓ ବୈଷୟକି ଜ୍ଞାନକୌଶଳ ବ୍ୟବହାର କରି ପୋଲିସ ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରି ଭୁବନେଶ୍ୱରରୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଜି. ଭାନୁମତି(୫୨), ଖୋର୍ଦ୍ଧା ଜଟଣୀର ଦୀପା ଦାସ(୫୭), କଟକର କଲ୍ୟାଣୀ ଦାସ(୪୫), ପଶ୍ଚିମବଙ୍ଗର ପ୍ରିୟା ଦାସ(୪୫), ଏସ୍ ଥାରା(୪୦) ଓ ପୂଜା ସିଂ(୩୮) ବୋଲି ଜଣାପଡିଛି । ଏହି ଗ୍ୟାଙ୍ଗର ସଦସ୍ୟାମାନେ ବିଭିନ୍ନ ବଡଧରଣର ମେଳା, ଯାନିଯାତ୍ରା ଓ ଉତ୍ସବରେ ପଥର ଏବଂ ନକଲି ଗହଣା ବିକ୍ରେତା ସାଜି ଭିଡରେ ବୁଲିବା ସହ ସୁଯୋଗ ଦେଖି ସୁନାଚେନ୍ ଲୁଟ୍ କରୁଥିଲେ । ବିଗତ ଦିନରେ ବାଲିଯାତ୍ରା, ଧନୁଯାତ୍ରା, ମାଘମେଳା ଓ ଦୋଳ ପୂର୍ଣ୍ଣିମା ଆଦି ସ୍ଥାନକୁ ଟାର୍ଗେଟ କରିଥିଲେ । ତେବେ ସେମାନଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଛି ।

## ସିଭିଲ ସୋସାଇଟି ପୁନର୍ଗଠିତ

ଭବାନୀପାଟଣା, (ସବ୍ୟୁ): ସ୍ଥାନୀୟ ହିଲଟାଉନ ସ୍ଥିତ ହନୁମାନ ମନ୍ଦିର ପରିସର ମଧ୍ୟରେ ହିଲ ଟାଉନ ସିଭିଲ ସୋସାଇଟି ଭବାନୀପାଟଣାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସଦସ୍ୟ ରଜନୀକାନ୍ତ ବେହେରାଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ବୈଠକରେ ସର୍ବସହମତି କ୍ରମେ ଅଶୋକ କୁମାର ରାଉତଙ୍କୁ ସଭାପତି, ଜଗଦୀଶ ଚନ୍ଦ୍ର ମୁଣ୍ଡଙ୍କୁ ସଂପାଦକ



ଶୃକୁ ରାଠୋରଙ୍କୁ ଉପସଭାପତି, ପି ମହେଶ ରାଓଙ୍କୁ ସହ ସଂପାଦକ ଏବଂ କୋଷାଧକ୍ଷ ଭାବରେ ରଂଜିତ ମହାନ୍ତି ଙ୍କୁ ମନୋନୀତ କରାଯାଇଛି। ଏହି କ୍ରମରେ ବିଭିନ୍ନ ବିଭାଗରେ ମୋଟ ୩୫ ଜଣ ସଦସ୍ୟଙ୍କୁ ମନୋନୀତ କରାଯିା ସହ ବରିଷ୍ଠ ସଦସ୍ୟ ପ୍ରଫେସର ବିପିନ ବିହାରୀ ପଣ୍ଡାଙ୍କ ଦ୍ୱାରା ସମସ୍ତ ସଦସ୍ୟଙ୍କୁ ଶପଥ ପାଠ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପୂର୍ବତନ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ପୂର୍ବତନ ସମ୍ପାଦକ ଜିତେନ୍ଦ୍ର କୁମାର ମୁଣ୍ଡ ପରିଚାଳନା କରିଥିଲେ। ସୋସାଇଟିର ଉନ୍ନତିକରଣ, ନବୀକରଣ ଉପରେ ଆଲୋଚନା କରାଯାଇଥିଲା । ନୂତନ କର୍ମକର୍ତ୍ତାଙ୍କୁ କଳାହାଣ୍ଡି କେମିଷ୍ଟ ଏବଂ ଡ୍ରଗିଷ୍ଟ ଏସୋସିଏସନ ର ସାଧାରଣ ସମ୍ପାଦକ ନିକୁଞ୍ଜ ଦତ୍ତାଙ୍କ ସମେତ ବହୁ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

ଝାରସୁଗୁଡ଼ା,(ସବ୍ୟୁ): ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ଜିଲ୍ଲା ବିଜେଡ଼ି ପକ୍ଷରୁ ପାଳିତ ହୋଇଯାଇଛି ।ସକାଳେ ବଡ଼ମାଳ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବହୁ ନେତା ଓ ଦଳୀୟ କର୍ମୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଦଳର ବହୁ ନେତା ଓ କର୍ମୀ ଯୋଗଦେଇ ଓଡ଼ିଆ ସ୍ୱାଭିମାନ ଓ ସଂକଳ୍ପର କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକ ବୋଲି କହିବା ସହ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି କହିଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବଳିଷ୍ଠ ଅବଦାନ, ନାରୀ ସଶକ୍ତିକରଣ ଏବଂ ଓଡ଼ିଶାକୁ ଅଗ୍ରଣୀ ରାଜ୍ୟରେ ପରିଣତ କରିବାରେ ବିଜୁ ବାବୁଙ୍କ ବହୁମୂଲ୍ୟ ଅବଦାନ ଆମକୁ



ପ୍ରେରଣା ଯୋଗାଇ ଆସିଛି ବୋଲି କହିବା ସହ ତାଙ୍କ ପ୍ରଦର୍ଶିତ ମାର୍ଗରେ ଓଡ଼ିଆ ସ୍ୱାଭିମାନ ରକ୍ଷା ସହ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ବିଜୁ ଜନତା ଦଳ ବଦ୍ଧ ପରିକର ବୋଲି କହିଥିଲେ । ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ରବି ସିଂ, ଉପସଭାପତି ଅଶୋକ ଦାଶ, ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ, ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ସୁଭାଶିଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ପୱନ୍ ସିଂ ଯାଦବ, ପୱନ୍ ଶର୍ମା, ଭବାନୀ ସାହା, କାହ୍ନା ପୋଡ଼, କୁଶ ସେହୁଲ୍, ସତନ୍ତ୍ର ଶର୍ମା, ଥବିର ମିଶ୍ର, ସୁବାସ କେଡିଆ ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ରେମେଡ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସେଠାରେ ବିଜୁଙ୍କ ସ୍ମୃତିଚାରଣ ସହ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା । ଏହାପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଇଂ. ରୋହିତ



ପୂଜାରୀ, ବସନ୍ତ ମିଶ୍ର, ବେଣୁଧର ଦାଶ, ଆନନ୍ଦ ବଡଗାୟା. ସୁରୁବାବୁ ମେହେର, ସଞ୍ଜିବ ଷଡଙ୍ଗୀ, ଧର୍ମରାଜ ମରେଇ, ସତ୍ୟେନ୍ଦ୍ର ଦାସ, ଯୁବ ବିଜେଡି ସଭାପତି ପ୍ରଦୋଷ ମହାନ୍ତି, ଛାତ୍ର ବିଜେଡି ସଭାପତି ଶୁଭ୍ରାଂଶୁ ଶେଖର ପାଢୀ, ମହିଳା ବିଜେଡି ସଭାନେତ୍ରୀ ସଂଯୁକ୍ତା ମେହେର, ଦୁଲାଲ ରାୟ, ଉଷା ପ୍ରଧାନ, ଲିଲିମା ମଲ୍ଲିକ, ପଦ୍ମା ମହାନନ୍ଦ, କୁନ୍ତୀ ସିଂ ଓ ପ୍ରମିଳା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଆମ୍ବାଦଳା ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ରାୟଗଡା,(ସବ୍ୟୁ): ରାୟଗଡା ଜିଲ୍ଲା ଆମ୍ବାଦଳା ସରକାରୀ ହାଇସ୍କୁଲର ଜଣେ ଅଷ୍ଟମ ଶ୍ରେଣୀ ଆଦିବାସୀ ଛାତ୍ରୀଙ୍କ ହଷ୍ଟେଲ ଶୌଚାଳୟରେ ମୃତ୍ୟୁ ହୋଇଥିବା ନେଇ ଉତ୍ତେଜନା ଦେଖା ଦେଇଥିଲା। ମୃତ ଛାତ୍ରୀ ଗୀତା ମାଝି ଆମ୍ବାଦଳା ନିକଟସ୍ଥ କନ୍ଧ ବାଲିଯୋଡି ଗ୍ରାମର । ଗୀତାରାଣୀ ଆମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରି ମଙ୍ଗଳ ଭାଗ ହଷ୍ଟେଲରେ ରହୁଥିଲେ। ଗତ ଡିସେମ୍ବର ମାସରେ ରକ୍ତ ପରୀକ୍ଷାରୁ ରିପୋର୍ଟ ମିଳିଛି ଗୀତାରାଣୀଙ୍କ ସିକଲିନ ସେଲ ରୋଗରେ ପିଡୀତ ଥିବାରୁ ସେ ମଝିରେ ମଝିରେ ଜ୍ୱର ହେଉଥିବାରୁ ସେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୁଅନ୍ତି। ସୋମବାର ରାତି ପ୍ରାୟ ୯.୩୦ ସମୟରେ ସବୁ ଦିନଭଳି ହଷ୍ଟେଲରେ ସମସ୍ତଙ୍କ ସହ ଖାଇସାରିଥିଲା। ହେଲେ ଏହି ସମୟରେ ଝାଡା ଲାଗିବାରୁ ଶୌଚାଳୟ ଯାଇ ଗାଧୁଆ ଘରେ ଧୋଇ ହେଉଥିବା କିଛି ସମୟ ବିଳମ୍ବ ହେବାରୁ ଗୀତା ରୁମକୁ ଫେରିନଥିଲା। ସାଙ୍ଗମାନେ ଶୌଚାଳୟକୁ ଦେଖିବାକୁ ଗଲେ ସେଠାରେ ଅଚେତ ଅବସ୍ଥାରେ ଛାତ୍ରୀ ଗୀତା ପଡିଥିବା ଦେଖି ପିଲାମାନେ ସ୍କୁଲରେ ଡାକ ପକାଇଥିଲେଛ ସଙ୍ଗେସଙ୍ଗେ ହଷ୍ଟେଲ ମେଟ୍ରୋନ ଓ ହଷ୍ଟେଲ ପରିଚାଳକ ପୁଷ୍ପଲତା ଘଡେଇ ଆମ୍ବାଦଳା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଗୀତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପ୍ରଧାନ ଶିକ୍ଷକ କଳା ବାମନ ମୂର୍ତ୍ତି ହସପିଟିଲରେ ପହଞ୍ଚି ପଚାରି ବୁଝି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇ ସହାନୁଭୁତି ଦୃଷ୍ଟିରୁ ଶବସତ୍କାର ପାଇଁ ନିଜସ୍ୱ ଅର୍ଥ କିଛି ସାହାଯ୍ୟ କରିଥିବା ଆଲୋଚନା ହେଉଛି। ଏହାକୁ ନେଇ ଚାପା ଉତ୍ତେଜନା ସୃଷ୍ଟି ହେବାରୁ ଆମ୍ବାଦଳା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ପରେ ଅଧିକ ତଦନ୍ତ ଜାରି ରଖିଥିବା ପୁଲିସ ସୂତ୍ରରୁ ଜଣାପଡିଛି। ଉତ୍ୟକ୍ତ ଗ୍ରାମବାସୀ ପ୍ରଧାନ ଶିକ୍ଷକଙ୍କୁ ଦାୟୀ କରି ଟଣା ଉଟରା କରି ରଖିଥିଲେ। ପଲିସର ହସ୍ତକ୍ଷେପ ପରେ ଶାନ୍ତ ପଡିଥିଲା। ସରକାରୀ ଡାକ୍ତର ରିପୋର୍ଟ କହୁଛି ଚଳିତ ୧ ତାରିଖରେ ଅମ୍ବାଦୋଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରେ ଚିକିତ୍ସା କରାଯାଇଛି। ତାହା ପୂର୍ବରୁ ଗତ ୩୦ ଡିସେମ୍ବର ମାସରେ ଚିକିତ୍ସା କରିବା ସମୟରେ ସିକଲିନ ସେଲ ଥିବା ରିପୋର୍ଟ ଜଣାପଡ଼ିଥିଲା। ଏହି ସମସ୍ତ ରିପୋର୍ଟ ଦେଖିବା ପରେ ଜଣାପଡୁଛି ଏଥିରେ କାହାର ଭୁଲ ଥିବା ନଜର ଆସୁନାହିଁ କିନ୍ତୁ ଯେତେବେଳେ ପୋଲିସ ମାମଲାର ତଦନ୍ତ କରୁଛି ସମସ୍ତ ତଦନ୍ତ ପରେ ସତ୍ୟାସତ୍ୟ ଆସିବ।

## ଆଞ୍ଚଳିକ ଭାରତୀୟ ରୋଡିଆ ସମାଜ ବିକାଶ ପରିଷଦର ବାର୍ଷିକ ବୈଠକ

କୁଚିଣ୍ଡା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡରମା ପଞ୍ଚାୟତ ଶ୍ରୀଳପାଲି ଗ୍ରାମରେ ଆଞ୍ଚଳିକ ଭାରତୀୟ ରୋଡିଆ ସମାଜ ବିକାଶ ପରିଷଦର ସାଧାରଣ ବୈଠକ ଅଶୋକ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ଜିଲ୍ଲା ସାଧାରଣ ସମ୍ପାଦକ ସୁଶୀଲ କର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଭାବେ ରୁଦ୍ରନାରାୟଣ ସିଂଦେଓ, ବଡରମା ସରପଞ୍ଚ ବିଜୟ କୁମାର ନାଏକ, ଛତିଶଗଡ ରୋଡିଆ ସମାଜ ଯୁବ ସଭାପତି ସଞ୍ଜୟ ସିଂ, ରୋଡିଆ ସମାଜ ରାଜ୍ୟ ସଭାପତି ମଧୁସୂଦନ ସିଂ, ରାଉରକେଲା ସଭାପତି ସୋମନାଥ ସିଂ, ଆଞ୍ଚଳିକ ରୋଡିଆ ସମାଜ ସଭାପତି ଜୟନାଥ ସିଂ ପ୍ରମୁଖ ଯୋଗଦେଇ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରୋଡିଆ ସମାଜର ରୀତି ନୀତି ଅନୁଯାଇ ପୂଜା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବୈଠକକୁ ଜୟନାଥ ସିଂ ସଭାପତିତ୍ୱ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଗଣ ରୋଡିଆ ସମାଜର ବିଭିନ୍ନ ସମସ୍ୟା ଦିଗରେ ଆଲୋଚନା କରି ଏହାର ସମାଧାନ ଦିଗରେ ପଦକ୍ଷେପ ନେବୁ ବୋଲି କହିଥିଲେ। ରୋଡିଆ ସମାଜରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଦିଗରେ ପଛୁଆ ଥିବା ବେଳେ ରୋଡିଆ ସମାଜରେ ଆଦିବାସୀ ପରମ୍ପରା ଅନୁସରଣ କରୁଛନ୍ତି ହେଲେ ତାଙ୍କୁ ଅନୁସୂଚିତ ଜନ ଜାତିରେ ସାମିଲ ନ କରାଯାଇ ଓବିସି ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି ଯେଉଁଥି ପାଇଁ ରୋଡିଆ ସମାଜରେ ସର୍ବାଙ୍ଗୀନ ବିକାଶ ହୋଇପାରୁ ନାହିଁ ବୋଲି ଯୁବ ସଭାପତି ସଞ୍ଜୟ ସିଂ ନିଜ ବକ୍ତବ୍ୟରେ କହିଥିଲେ। ବଡରମା ଗ୍ରାମକୁ ଆଦର୍ଶ ଗ୍ରାମରେ ପରିଣତ କରାଯିବ ଏବଂ ବଡରମା ଗ୍ରାମ ଆଦର୍ଶ ଗ୍ରାମ ହେଲେ ଏହି ଗ୍ରାମପଞ୍ଚାୟତ ବାସୀଙ୍କୁ ମୌଳିକ ସୁଭିଧା ସହଜରେ ମିଳିପାରିବ ଭାରତକୁ ଏକ ବିକଶିତ ଦେଶରେ ପରିଣତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଅନୁଯାଇ ସବକା ସାଥ ସବକା ବିକାଶ ହେଲେ ହିଁ ବିକଶିତ ଭାରତର ଗଠନ ହୋଇପାରିବ ବୋଲି ବଡରମା ସରପଞ୍ଚ ବିଜୟ ନାଏକ ନିଜ ବକ୍ତବ୍ୟରେ କହିଥିଲେ। ରୋଡିଆ ସମାଜ ସାଧାରଣ ସମ୍ପାଦକ ଦଶରଥ ସିଂ ଅତିଥିଗଣଙ୍କୁ ଧନ୍ୟବାଦ ଅର୍ପଣକରୀ ସଭା ସମାପନ କରିଥିଲେ । ବୈଠକରେ ସମ୍ପାଦକ ଗଣେଶ ସିଂ, ସହ ସମ୍ପାଦକ ଅର୍ଜୁନ ସିଂ, ଶ୍ରବଣ ସିଂ, ଗଣେଶ ସିଂ ସହିତ ଅନ୍ୟ ମାନେ ସହଯୋଗ କରିଥିଲେ। ସେହିପରି ସମାଜ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା।

## ବଲାଙ୍ଗିରରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

ବଲାଙ୍ଗିର,(ସବ୍ୟୁ): ପ୍ରବାଦ ପୁରୁଷ ଜନନାୟକ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ବାର୍ଷିକ ବଲାଙ୍ଗିର ସ୍ଥିତ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପାର୍କ ଠାରେ ବିଜୁବାବୁଙ୍କ ପ୍ରତିମୁର୍ତ୍ତିରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ,ପୌରାଧ୍ୟକ୍ଷା ଲିକା ସାହୁଙ୍କ ଉପସ୍ଥିତିରେ ଜୟନ୍ତି ପାଳିତ ହୋଇଥିଲା । କାର୍ଯ୍ୟକ୍ରମରେ ବଲାଙ୍ଗିର ବିଜୁ ଜନତା ଦଳର ଉପସଭାପତି ନରସିଂହ ବାଗ , ଧ୍ରୁବ ଯୁଏଡ ସାଧାରଣ ସମ୍ପାଦକ ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା , ବରିଷ୍ଠ ନେତା ବୁଲୁ ରାଉତରାୟ , ଲକ୍ଷ୍ମଣ କୁମାର ମେହେର ଇରସାଦ ଖାନ, ନଗର ସଭାପତି ଶମ୍ଭୁ ନାଗ , ବିଧୁ ଭୂଷଣ ତ୍ରିପାଠୀ , ଚନ୍ଦ୍ରମଣି ତ୍ରିପାଠୀ , ଶିବ ପ୍ରସାଦ ବେହେରାଙ୍କ ଉପସ୍ଥିତି ସହିତ ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ,କାଉନସିଲର ଗଙ୍ଗାଧର ଚାନ୍ଦ,



କିଶୋର କୁମ୍ଭାର, ଲଲାଟେନ୍ଦୁ ପଟ୍ଟନାୟକ, ନନ୍ଦିନୀ ପୋଡ୍ଡ ,ସଞ୍ଜୁଲତା ଦନ୍ତା, ସସ୍ମିତା ନନ୍ଦ ପ୍ରତିମା ଛତ୍ରିଆ , ପିଙ୍କି କବାଟଙ୍କ ସମେତ ବଲାଙ୍ଗିର ବ୍ଲକ ସଭାପତି ନିହାର ରଞ୍ଜନ ସ୍ୱାଇଁ ଦେଓଗାଁ ବ୍ଲକ ସଭାପତି ଅଚ୍ୟୁତ ମିଶ୍ର ଙ୍କ ସହିତ ବଲାଙ୍ଗିର ବ୍ଲକ ଓ ଦେଓଗାଁବ୍ଲକ ର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହା ସହିତ ବଲାଙ୍ଗିର ର ବରିଷ୍ଠ ସଦସ୍ୟ ସନ୍ତୋଷ ଦନ୍ତା , ଛାତ୍ର ସଭାପତି ସୁମନ ନନ୍ଦ , ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଗୁଞ୍ଜି ଖାନ, ଦେବାଶିଷ ଲେଙ୍କା, ଜିତେନ୍ଦ୍ର ମିଶ୍ର , ଦିଲିପ ବଗର୍ତ୍ତୀ, ରମେଶ ବେହେରା , ସଞ୍ଜିବ ନାଥ , ସୁବ୍ରତ ଉପାଧ୍ୟାୟ ,ବଷ୍ଟି ଚାନ୍ଦ , ବଲାଙ୍ଗିର ଯୁବ ସଭାପତି ଆଶୀର୍ବାଦ ସାହୁ , ଦେଓଗାଁ ବ୍ଲକ ଛାତ୍ର ସଭାପତି ଦିପକ ବେହେରା, ବିରସେନ ସାହୁ , ସରୋଜ ସ୍ୱାଇଁ , ବନମାଳି ବାଗ ଉପସ୍ଥିତ ରହି ପ୍ରତିମୁର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁବାବୁଙ୍କ ସ୍ମୃତିଁଚାରଣ କରିଥିଲେ। ସୋସିଆଲ ମିଡିଆ ସଂଯୋଜକ ବିଭୁତି ଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ପଞ୍ଚମ ବୃତ୍ତି ପରୀକ୍ଷାରେ ଆରାଧ୍ୟା ଆରାଧନାଙ୍କ କୃତିତ୍ୱ

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା ସରସ୍ୱତୀ ଶିଶୁମନ୍ଦିରର ମେଧାବୀ ଛାତ୍ରୀ ଆରାଧ୍ୟା ଆରାଧନା ପାତ୍ର ଶିକ୍ଷାବର୍ଷ ୨୦୨୫-୨୬ ର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିବା ସହ ଅଂଚଳର ମଧ ଗୌରବ ବୃଦ୍ଧି କରିଛନ୍ତି । ସୂଚନା ଅନୁସାରେ ଶିକ୍ଷାବର୍ଷ ୨୦୨୫-୨୬ ର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କଣ୍ଟାମାଳ ଗୋଷ୍ଠି ଶିକ୍ଷା ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ୭ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଛନ୍ତି । ଏଥିରେ ପଲସାଗୋରା ସରସ୍ୱତୀ ଶିଶୁମନ୍ଦିର ର ଛାତ୍ରୀ ଆରାଧ୍ୟା ଆରାଧନା ପାତ୍ର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସମଗ୍ର ବ୍ଲକରୁ ପ୍ରଥମ ହୋଇ କୃତିତ୍ୱ ଅର୍ଜନ କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ରୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ ପୁଟେଲ ଓ ସମସ୍ତ ଗୁରୁଜୀ ଗୁରୁମା ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତର ଉନ୍ନତି କାମନା କରିଛନ୍ତି ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୁରନ୍ଦର ତରିଆଙ୍କ ପରଲୋକ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା(ବସ୍ତି)ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୁରନ୍ଦର ତରିଆ(୭୨)ଙ୍କ ସୋମବାର ରାତି ୮ଟା ୫ମିନିଟ ସମୟରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଗତ କିଛି ମାସ ଧରି ଅସୁସ୍ଥ ଥିବାରୁ ଚିକିତ୍ସିତ ହେଉଥିଲେ। ।ମୃତ୍ୟୁ ଶଯ୍ୟା ନିକଟରେ ବଡ଼ପୁଅ କଣ୍ଟାବାଞ୍ଜି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ତରିଆ,ସାନପୁଅ ମୁରିବାହାଲ ବିଦ୍ୟୁତ ବିଭାଗର ଏ ଗ୍ରେଡ ଲାଇନସମ୍ୟାନ୍ ଅଜିତ ତରିଆ, ଧର୍ମପତ୍ନୀ,ଦୁଇ ବୋହୂ, ନାତିନାତୁଣୀ, ପରିବାର ଓ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ଶ୍ରୀ ତରିଆ ଜଣେ ଛାତ୍ରବତ୍ସଳ ଶିକ୍ଷକ ରୂପେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ପ୍ରଧାନଶିକ୍ଷକ ରୂପେ ଅବସର ଗ୍ରହଣ କରିଥିଲେ। ସେ ମୁରିବାହାଲ ସାର୍ବଜନୀନ ଦୁର୍ଗାପୂଜା ମହୋତ୍ସବ କମିଟିର ଜଣେ ପ୍ରତିଷ୍ଠାତା ସଦସ୍ୟ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ମଧ ଜଣେ ପ୍ରତିଷ୍ଠାତା ସଦସ୍ୟ ଓ ଗୋପବନ୍ଧୁ ଯୁବକ ସଂଘର ଜଣେ ବରିଷ୍ଠ ଉପଦେଷ୍ଟା ଥିଲେ। ପରଲୋକ ଖବର ପାଇ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଓ ଗ୍ରାମବାସୀ ତାଙ୍କ ଶେଷ ଦର୍ଶନ କରି ଶବାଧାରରେ ସାମିଲ ହୋଇଥିଲେ। ମଙ୍ଗଳବାର ସକାଳେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ ପୁଅ ଅଶୋକ ତରିଆ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବିଜୁ ଜୟନ୍ତୀ ପାଳିତ

ପଦ୍ମପୁର,(ସବ୍ୟୁ): ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ଜନ ନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଟାଉନ ସଭାପତି ନବ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବ୍ଲକ୍ ଅଧ୍ୟକ୍ଷ ରଞ୍ଜିତା ସିଂ ବରିହା, ଏନ୍ ଏ ସି ଅଧ୍ୟକ୍ଷା ସାବିତ୍ରୀ ବାଗ, ଜିଲ୍ଲାପରିଷଦ ସଭ୍ୟ ସୁଶିଲ ମରେଇ, ରାଜବୋଡାସମ୍ବର ବ୍ଲକ ବିଜେଡି ସଭାପତି ଦୁଷ୍ମନ୍ତ ପଟେଲ,ଝାରବନ୍ଧ ବ୍ଲକ ବିଜେଡି ସଭାପତି ଯତୀନ୍ଦ୍ର ହାତୀ, ସିଦ୍ଧାର୍ଥ ମିଶ୍ର,ରାଜୁ ଘିବେଲା ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ସହ ସ୍ମୃତିଚାରଣ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରଶାନ୍ତ ମହାନ୍ତି, ଶଙ୍କର୍ଷଣ ନାଗ, ଧନମାଲି ହାତୀଙ୍କ ସମେତ ସମସ୍ତ କାଉନସିଲର, ପଞ୍ଚାୟତ ସଭାପତି ଓ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଆମପାଣି ଘାଟିରେ ଓଲଟିଲା ପାଉଡର ବୋଝେଇ ଟ୍ରକ

କୋକସରା,(ସବ୍ୟୁ): ୨୬ ନମ୍ବର ଜାତୀୟ ରାଜପଥର କଳାହାଣ୍ଡି - ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆମପାଣି ଘାଟିରେ ଭାରସାମ୍ୟ ହରାଇ ଏପି ୧୬ ଟିଜେ ୧୮୭୭ ନମ୍ବରର ଏକ ପାଉଡର ବୋଝେଇ ଟ୍ରକ ଓଲଟି ପଡିଛି। ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଓ ହେଲପର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବିଜୟୱାଡାରୁ ପାଉଡର ବୋଝେଇ ହୋଇ ଆସାମ ଅଭିମୁଖେ ଯାଉଥିବା ଏହି ଟ୍ରକ୍ ଟି ସୋମବାର ଆମପାଣି ଘାଟି ରାସ୍ତାର ଏକ ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡିଛି। ଦୁର୍ଘଟଣା ଫଳରେ ଗାଡ଼ି ଆଗପଟ ଚୁରମାର ହୋଇଥିବା ବେଳେ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଆମପାଣି ମେଡିକାଲରେ ଚିକିତ୍ସିତ କରାଯାଉଛି। ଘଟଣା ସ୍ଥଳରେ ଆମପାଣି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସୁକତେଲ ମହୋତ୍ସବ ଉଦଯାପିତ

# ଲୁପ୍ତପ୍ରାୟ ଲୋକ ଗୀତ ଓ ନୃତ୍ୟର ପୁନରୁଥାନର ଅନନ୍ୟ ମଞ୍ଚ

ବଲାଙ୍ଗିର,(ସବ୍ୟୁ): ସୁକତେଲ ମହୋତ୍ସବ କେବଳ ଏକ ଉତ୍ସବ ନୁହେଁ,ଏହା ଆମ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଦେବା ସହିତ ଲୁପ୍ତ ପ୍ରାୟ ଲୋକ ଗୀତ ଓ ନୃତ୍ୟକୁ ପ୍ରଚାର ପ୍ରସାର କରିବାର ଏକ ଅନନ୍ୟ ପ୍ରୟାସ ବୋଲି ବଲାଙ୍ଗିର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ଗ୍ରାମରେ ଚାଲିଥିବା ତୃତୀୟ ସୁକତେଲ ମହୋତ୍ସବର ଉଦଯାପନୀ ସଭାରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେସନାଲ ସଭର୍ସ ଫାଉଣ୍ଡେସନ,ବଲାଙ୍ଗିର,ସୁକତେଲ ମହୋତ୍ସବ କମିଟିର ମିଳିତ ସହଯୋଗ ତଥା ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ,ଓଡ଼ିଶା ସରକାରଙ୍କର ସହାୟତାରେ ଚାରିଦିନ ବ୍ୟାପି ଅନୁଷ୍ଠିତ ଏହି ମହୋତ୍ସବରେ ବିଭିନ୍ନ ଦିନରେ ଅନେକ ପ୍ରଶାସନିକ ଅଧିକାରୀ ତଥା ସମାଜସେବୀ,ସାଂସ୍କୃତିକ ସଂଗଠକ, ସଙ୍ଗୀତ ନିର୍ଦ୍ଦେଶକ ଯୋଗ ଦେଇଥିଲେ। ବରଗଡ଼, ସୋନପୁର, ବୌଦ୍ଧ,ବଲାଙ୍ଗିର ଜିଲ୍ଲାର ୩୦ରୁ ଉର୍ଦ୍ଧ୍ୱ ଦଣ୍ଡ କଳାକାର ନିଜର କଳା ପରିବେଷଣ କରିଥିଲେ। ଡାପ ପଏଁରି କଳା ପରିଷଦ, ଟିଟିଲାଗଡ଼,ମଧୁମିତ। ପରମଗୁରୁ,ସୁବର୍ଣ୍ଣପୁର,ସଙ୍ଗୀତ ସାଧନା,ଲୋଇସିଂହା, ରୁମକୁ ଝୁମାନା,ସୁବର୍ଣ୍ଣପୁର ପ୍ରଭୃତି ୬ ଗୋଟି ସାଂସ୍କୃତିକ ଦଳ ମହୋତ୍ସବରେ ଘୁମୁରା,ଡାପ,ଲୋକ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। କଂସ ଦରବାରରେ ଶୁଭମ ଘିବେଲା ଓ ତାଙ୍କ ଦଳ ଅଭିନୟ ମାଧ୍ୟମରେ ଲୋକଙ୍କର ମନ ଜିଣି ପାରିଥିଲେ। ତୃତୀୟ ସୁକତେଲ ମହୋତ୍ସବ ଅବସରରେ ବରିଷ୍ଠ ଶିକ୍ଷାବିତ ତଥା ସାଂସ୍କୃତିକ ସଂଗଠକ ଟଂକଧର ଛତ୍ରିଆ,ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠ ଶିଳ୍ପୀ ଶାଶ୍ୱତ କୁମାର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଣ୍ଡ କଳାକାର ଆନନ୍ଦ ଗୁର୍ଲା,ରିଙ୍କି ବାଗ ଓ ସୁଶୀଲ ନାଗଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା । ଉଦଯାପନୀ ସଭାରେ ସଭାପତିତ୍ୱ କରିଥିଲେ ଅଙ୍କୁର ପୁରୋହିତ । ଉପଦେଷ୍ଟା ମଳୟ ଆନନ୍ଦ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବରେ ଯୋଗ ଦେଇଥିଲେ ସୁପରିଚିତ କଣ୍ଠ ଶିଳ୍ପୀ,ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ଶାଶ୍ୱତ କୁମାର ତ୍ରିପାଠୀ ଓ ବଲାଙ୍ଗୀର ରାଜ ମିସ୍ତ୍ରୀ ସଂଘର ସଭାପତି ଶମ୍ଭୁ ନାଗ। ସଭା ସଂଯୋଜନା କରିଥିଲେ ଦେବାଶିଷ ପାଣ୍ଡିଆ। ଉଦଯାପନୀ ସନ୍ଧ୍ୟାରେ ଶ୍ରୀହରି କଳା ନିକେତନ,କଳାହାଣ୍ଡିର ଘୁମୁରା ନୃତ୍ୟ ଓ ସଂଜ୍ୟୋତ୍ କଳା କେନ୍ଦ୍ର, ବଲାଙ୍ଗିରର ଲୋକ ଗୀତ ଓ ନୃତ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ ଭକ୍ତ ପ୍ରଧାନ । କଂସ ଦରବାରରେ କଂସ ଅଭିନୟ କରୁଥିବା ଶୁଭମ ଘିବେଲା ଅପରାହ୍ନରେ ପାର୍ଶ୍ୱବର୍ତ୍ତି ଗ୍ରାମ ସିଆଲବାହାଲି ମାଗୁରବେଡ଼ା,ପଥରଖଣ୍ଡି ,କୁଟୁମଡୋଲା ଗ୍ରାମକୁ ନିଜ ରଥରେ ଯାଇ ପରିଦର୍ଶନ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଫାଉଣ୍ଡେସନର ସମ୍ପାଦକ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀ। ସୁକତେଲ ମହୋତ୍ସବ କମିଟିର ସଦସ୍ୟ । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଚିଙ୍କୁ ପ୍ରଧାନ,ପ୍ରସନ୍ନ ଗହୀର,ସତ୍ୟନାରାୟଣ ଗହୀର,ପ୍ରତାପ ସାହୁ ଓ ସୁରେଶ ବୁଡେକ,ସାନନ୍ଦ ଶିକା, ଶ୍ରୀମୟ ତ୍ରିପାଠୀ,ଦେବବ୍ରତ ସେଠ,ସୁରେଶ ମେହେର ,ବରୁଣ ରଣା,ସର୍ବଜିତ ତ୍ରିପାଠୀ,ବିଶ୍ୱଜିତ ନାଥ,ଦେବାଶିଷ ଦାଶ ଓ ହରେକୃଷ୍ଣ ବୁଡେକ । ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ ଏଭଳି ଆୟୋଜନର ପ୍ରଶଂସା କରିଥିଲେ। ଧ୍ୱଜାଚାରଣ ପରେ ମହୋତ୍ସବ ସମାପ୍ତିର ଘୋଷଣା କରାଯାଇଥିଲା ।

**AFFIDAVIT**

By virtue of an affidavit sworn before the Executive Magistrate Kalampur on date 27.02.2026. my daughter Sonam Kumari Nag D/o- Lokanath Nag Resident of village Tentulikhunti Po-Paruaguda Ps-Kalampur Dist-Kalahandi Odisha Pin No-766012. I declare that I have change my daughter name from Nrupa Manjari Nag to Sonam Kumari Nag for all relivent documents. Sonam Kumari Nag D/o-Lokanath Nag and Nrupa Manjari Nag D/o-Lokanath Nag is one and same person. Henceforth I shall be known as Sonam Kumari Nag far all purpose

Sd/-Sonam Kumari Nag

**(ଶ୍ରୀମଭଗବଦ୍ ଗୀତା ୨/୫୦)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ବୁଦ୍ଧିଯକ୍ତୋ ଜହାତୀହ ଉଭେ ସୁକୃତଦୃଷ୍କୃତେ ।**
**ତସ୍ମାଦ୍ୟୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମ୍ମସୁକୌଶଳମ୍ ॥ ୫୦ ॥**

(ବୁଦ୍ଧିଯୋଗ ଯୁକ୍ତବ୍ୟକ୍ତି ଶ୍ରେଷ୍ଠ, ଏଥିପାଇଁ କହୁଛନ୍ତି)– ସାମ୍ୟବୁଦ୍ଧିଯୁକ୍ତ ବ୍ୟକ୍ତି (ଜ୍ଞାନଯୋଗୀ) ଏହି ଜନ୍ମରେ ପାପ ଓ ପୁଣ୍ୟ ଦୁହିଁଙ୍କୁ (ଈଶ୍ୱର ପ୍ରସାଦରୁ) ତ୍ୟାଗ କରନ୍ତି, ସେହି ହେତୁରୁ ତୁମେ କର୍ମଯୋଗ କରିବାକୁ ଯତ୍ନବାନ୍ ହୁଅ, ଅନାସକ୍ତଭାବରେ କର୍ମ କରିନେବା ଚାତୁରୀକୁ ଯୋଗ ବୋଲାଯାଏ ॥ ୫୦॥

# ତୃତୀୟ ବିଶ୍ୱ ଯୁଦ୍ଧର ଆଶଙ୍କା

ଏହି ୨୦୨୬ ମସିହାରେ ବିଶ୍ୱର ମଧ୍ୟପ୍ରାଚ୍ୟରେ କେତେକ ରାଷ୍ଟ୍ର ଯୁଦ୍ଧ ମୁହାଁ ହୋଇଛନ୍ତି । ଆମେରିକା ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧରୁ ଏହି ସୂଚନା ସ୍ପଷ୍ଟ ହୋଇଛି । ପୂର୍ବରୁ ୨୦୧୪ରୁ ଆରମ୍ଭ ହୋଇ ରୁଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ସରିନାହିଁ । ଏବେ ଇସ୍ରାଏଲ ମଧ୍ୟ ଇରାନ ବିରୋଧରେ ଯୁଦ୍ଧ ଆରମ୍ଭ କରିଛି । ଦୀର୍ଘ ଆଠ ଦିନରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଥିଲେ ମଧ୍ୟ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଯୁଦ୍ଧ ଥମିବାର ସମ୍ଭାବନା ଅତି କ୍ଷୀଣ ବୋଲି ମନେ ହୋଇଛି । ଏହିସବୁ ଯୁଦ୍ଧ ଯୋଗୁଁ ଆହୁରି ଅନେକ ରାଷ୍ଟ୍ର ପ୍ରଭାବିତ ହେବେ । ଯାହା ଜଣାପଡୁଛି, ତୃତୀୟ ବିଶ୍ୱଯୁଦ୍ଧ ଅବଶମ୍ଭାବୀ । ମାତ୍ର ବିଶ୍ୱରେ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଶ୍ୱର ଏକମାତ୍ର ରାଷ୍ଟ୍ର ଭାରତ ତାହାର ନୀତି ଓ ଆଦର୍ଶ ବଳରେ ଏପରି ଯୁଦ୍ଧସବୁକୁ ବନ୍ଦ ରଖିବାକୁ ଆହ୍ୱାନ ଦେଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁଦ୍ଧ ବନ୍ଦ କରି ଶାନ୍ତି ସ୍ଥାପନ ସକାଶେ ଯେଉଁ ନିବେଦନ କରିଛନ୍ତି, ସମଗ୍ର ବିଶ୍ୱ ତାହାକୁ ଗୁରୁତ୍ୱ ନ ଦେଉ ପଛେ, ତାହାର ପ୍ରଭାବ ରହିଛି । ଏ କଥାକୁ ବିଶ୍ୱ ଦିନେ ନା ଦିନେ ଉପଲବ୍ଧି କରିବ, ଏଥିରେ ସନ୍ଦେହ ନାହିଁ ।

ଏହି ଦୁଇ ତିନ ଦିନ ତଳର କଥା । ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ କଥାବାର୍ତ୍ତା କରିବାକୁ ଚାହିଁଥିଲେ । ମାତ୍ର ଉଭୟ ରାଷ୍ଟ୍ର ମଧ୍ୟରେ କଥାବାର୍ତ୍ତା ସମ୍ଭବ ହୋଇ ପାରିଲା ନାହିଁ । ଇସ୍ରାଏଲ ଏହାର କାରଣ ହୋଇପାରେ । ଏହି ଉଭୟ ରାଷ୍ଟ୍ର ମଧ୍ୟରେ ତେଣୁ ଯୁଦ୍ଧ ଆରମ୍ଭ ହେଲା । ଏହି ଯୁଦ୍ଧ ଫଳରେ ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛନ୍ତି ଏବଂ ତୈଳ ସଙ୍କଟ ଦେଖାଦେଇଛି । ଇରାନର ରାଷ୍ଟ୍ରମୁଖ୍ୟ ଖେମନାଇଙ୍କ ହତ୍ୟା ଓ ଏହା ପୂର୍ବରୁ ଭେନଜୁଏଲା ରାଷ୍ଟ୍ରମୁଖ୍ୟ ଓ ତାଙ୍କ ପତ୍ନୀଙ୍କୁ ଜବରଦସ୍ତ ଆମେରିକା ଅଣାଯାଇ ସେମାନଙ୍କୁ ବନ୍ଦୀ କରି ରଖାଯିବା ଘଟଣାରେ ଆମେରିକା ଅବଶ୍ୟ ସମଗ୍ର ବିଶ୍ୱରେ ନିନ୍ଦିତ ହୋଇଛି । ଇତି ମଧ୍ୟରେ ଚୀନ ଆମେରିକାର ଯୁଦ୍ଧ ପ୍ରମତ୍ତ ମନୋବୃତ୍ତିକୁ ନାପସନ୍ଦ କରିଛି । ରୁଷର ପ୍ରତିକ୍ରିୟା ଏ ସମ୍ପର୍କରେ ଜଣା ପଡ଼ିନାହିଁ ।

**ଏହିସବୁ ଯୁଦ୍ଧ ଯୋଗୁଁ ଆହୁରି ଅନେକ ରାଷ୍ଟ୍ର ପ୍ରଭାବିତ ହେବେ । ଯାହା ଜଣାପଡୁଛି, ତୃତୀୟ ବିଶ୍ୱଯୁଦ୍ଧ ଅବଶମ୍ଭାବୀ । ମାତ୍ର ବିଶ୍ୱରେ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଶ୍ୱର ଏକମାତ୍ର ରାଷ୍ଟ୍ର ଭାରତ ତାହାର ନୀତି ଓ ଆଦର୍ଶ ବଳରେ ଏପରି ଯୁଦ୍ଧସବୁକୁ ବନ୍ଦ ରଖିବାକୁ ଆହ୍ୱାନ ଦେଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁଦ୍ଧ ବନ୍ଦ କରି ଶାନ୍ତି ସ୍ଥାପନ ସକାଶେ ଯେଉଁ ନିବେଦନ କରିଛନ୍ତି, ସମଗ୍ର ବିଶ୍ୱ ତାହାକୁ ଗୁରୁତ୍ୱ ନ ଦେଉ ପଛେ, ତାହାର ପ୍ରଭାବ ରହିଛି । ଏ କଥାକୁ ବିଶ୍ୱ ଦିନେ ନା ଦିନେ ଉପଲବ୍ଧି କରିବ, ଏଥିରେ ସନ୍ଦେହ ନାହିଁ ।**

ଇରାନ ପକ୍ଷରୁ ଆମେରିକା ବିରୋଧରେ ଡ୍ରୋନ ଯୋଗେ ଆକ୍ରମଣ ଆରମ୍ଭ ହେବା ପରେ ସାଉଦି ଆରବ ତାହାର ତୈଳ ଯୋଗାଣ ବ୍ୟବସ୍ଥାକୁ ସ୍ଥଗିତ ରଖିଛି । ଇତିମଧ୍ୟରେ ଭାରତ ମହାସାଗରରେ ଇରାନର ଯୁଦ୍ଧ ଜାହାଜକୁ ବୁଡାଇ ଦେବା ଫଳରେ ଅନ୍ତତଃ ୮୭ ଜଣ ପ୍ରାଣ ହରାଇଥିବା କୁହାଯାଉଛି । ଏହା ପୂର୍ବରୁ ଆମେରିକା ପକ୍ଷରୁ ବୋମା ନିକ୍ଷେପ କରାଯାଇ ଥିବାରୁ ଇରାନର ଗୋଟିଏ ସ୍କୁଲ ଧ୍ୱଂସ ହୋଇ ଯାଇଥିଲା ଏବଂ ପ୍ରାୟ ୧୬୦ ଜଣ ନିହତ ହୋଇଥିବା କଥା ମଧ୍ୟ କୁହା ଯାଉଥିଲା । ଭାରତ ମହାସାଗରରେ ଇରାନର ଯୁଦ୍ଧ ଜାହାଜକୁ ଆମେରିକା ବୁଡାଇ ଦେବାଦ୍ୱାରା ଭାରତ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି । ଏବେ କାନାଡା ମଧ୍ୟ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେବାକୁ ଯିବ ବୋଲି ଶୁଣାଯାଉଛି ।

ଭାରତରେ ପେଟ୍ରୋଲ ଓ ଡିଜେଲର ଅଭାବ ଦେଖାଦେଇପାରେ କିମ୍ବା ଚଢ଼ା ଦରରେ ଏ ସବୁ ଭାରତରେ ବିକ୍ରୀ ହୋଇପାରେ । ଆମଦାନୀ ଓ ରପ୍ତାନୀ କ୍ଷେତ୍ର ମଧ୍ୟ ଏହି ଯୁଦ୍ଧଦ୍ୱାରା ପ୍ରଭାବିତ ହେବ, ଏଥିରେ ସନ୍ଦେହ ନାହିଁ । ମଧ୍ୟ ପ୍ରାଚ୍ୟରେ ଅନେକ ଭାରତୀୟ ରହିଛନ୍ତି । ସେମାନେ କିପରି ନିରାପଦରେ ଭାରତକୁ ଫେରି ଆସି ପାରିବେ, ସେଥିପାଇଁ ଭାରତ ସରକାର ଉଦ୍ୟମ ଜାରି ରଖିଛନ୍ତି । ଏହି ଯୁଦ୍ଧ ଭାରତ ସମେତ ଅନେକ ରାଷ୍ଟ୍ରକୁ ଅଯଥାରେ ଅସୁବିଧାରେ ପକାଇଛି । ଏ କଥା ସତ ଯେ ଆମେରିକା ଦୀର୍ଘ ମିଆଦି ଯୁଦ୍ଧର ଯୋଜନା ଚାହୁଁନାହିଁ । ଆମେରିକାର ଆଇନ ପ୍ରଣେତାମାନେ ଏହି ଯୁଦ୍ଧ ବିରୋଧରେ ମତ ଦେଇଛନ୍ତି ଏବଂ ଡୋନାଲ୍ଡ ଟ୍ରମ୍ପ ଏହି ଯୁଦ୍ଧକୁ ଆଗକୁ ନ ବଢାଇବା ଲାଗି ଚାହିଁଛନ୍ତି । ଇତିମଧ୍ୟରେ ଇରାନ ଇସ୍ରାଏଲ ଆଡକୁ କ୍ଷେପଣାସ୍ତ୍ର ନିକ୍ଷେପ କରିବାକୁ ଉଦ୍ୟମ ଆରମ୍ଭ କରିଛି । ଏହା ପୂର୍ବରୁ ଇସ୍ରାଏଲ ମଧ୍ୟ 'ୱେଭ ଅଫ୍ ଷ୍ଟ୍ରାଇକ' (ନିକ୍ଷେପର ଲହରୀ) ନାମକ ଏକ ନୂତନ ଯୁଦ୍ଧ କୌଶଳର ଆଶ୍ରୟ ନେଇ ତେହେରାନର ସାମରିକ ଘାଟିକୁ ଧ୍ୱଂସ କରିବାକୁ ଉଦ୍ୟମ ଆରମ୍ଭ କରିଛି । ବିବିସି ରେଡିଓକୁ ଏକ ବାର୍ତ୍ତା ଦେଇ ଇରାନ କହିଛି ଯେ ଇରାନର ରାଜଧାନୀ ତେହେରାନ ପ୍ରାୟ ଖାଲି ହୋଇ ଯାଇଛି ଏବଂ ଯେଉଁମାନେ ରହି ଯାଇଛନ୍ତି, ସେମାନେ ଯେପରି ସ୍ୱାଭାବିକ ଜୀବନଯାପନ କରନ୍ତି, ସେଥିପାଇଁ ଉଦ୍ୟମ ଜାରି ରହୁ ।

ଏ ଯୁଦ୍ଧର ଅବସାନ ପାଇଁ ବିଶ୍ୱରେ ସବୁ ରାଷ୍ଟ୍ର ଏକତ୍ର ହୁଅନ୍ତୁ ଓ ତୁରନ୍ତ ପଦକ୍ଷେପ ନିଅନ୍ତୁ । ଏହା ହିଁ ପ୍ରାର୍ଥନା ଈଶ୍ୱରଙ୍କ ନିକଟରେ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିକଶିତ ଓଡିଶାର ବିକାଶ ଇଞ୍ଜିନ ହେବ ସ୍ୱାସ୍ଥ୍ୟ ବଜେଟ



**ଡ. ମୁକେଶ ମହାଲିଙ୍ଗ**

**(କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର)**

ରାଜ୍ୟର ସମଗ୍ର ଉନ୍ନତିର ମୂଳ ଆଧାର ହେଉଛି ଜନସାଧାରଣଙ୍କର ସୁସ୍ଥମୟ ଜୀବନ। ସୁସ୍ଥ ନାଗରିକ ହେଉଛନ୍ତି ଉତ୍ପାଦନଶୀଳ ସମାଜର ମୂଳ ଶକ୍ତି ଏବଂ ଏହି ଶକ୍ତିକୁ ସୁନିଶ୍ଚିତ କରିବାର ପ୍ରମୁଖ ମାଧ୍ୟମ ହେଉଛି ସୁଦୃଢ଼ ସ୍ୱାସ୍ଥ୍ୟ ବ୍ୟବସ୍ଥା। ଆଜିର ଦିନରେ କେବଳ ସାମାଜିକ ସୁରକ୍ଷା, ଶିଳ୍ପ କିମ୍ବା ପୁଞ୍ଜିନିବେଶ ମାତ୍ର ଉନ୍ନତିର ମାପଦଣ୍ଡ ନୁହେଁ ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟ ଏକ ରାଜ୍ୟକୁ ଦୀର୍ଘକାଳୀନ ଉନ୍ନତି ଦିଗରେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ସେହି ପରିପ୍ରେକ୍ଷୀରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ସହ ସମନ୍ୱୟ ରଖି ପ୍ରସ୍ତୁତ ଚଳିତ ବର୍ଷର ବଜେଟ କେବଳ ଆୟ-ବ୍ୟୟର ହିସାବ ନୁହେଁ ବରଂ ଏହା ରାଜ୍ୟର ଲୋକଙ୍କ ଆଶା, ଆକାଂକ୍ଷା ଓ ଭବିଷ୍ୟତ ଉନ୍ନତିର ଏକ ସ୍ପଷ୍ଟ ରୋଡମ୍ୟାପ୍ । ବିକଶିତ ଓଡିଶା-୨୦୩୬ ଓ ବିକଶିତ ଭାରତ- ୨୦୪୭ର ସ୍ୱପ୍ନକୁ ସାକାର କରିବା ତଥା ରାଜ୍ୟର ସାମଗ୍ରିକ ବିକାଶ ଓ ଲୋକ କଲ୍ୟାଣକୁ କେନ୍ଦ୍ରବିନ୍ଦୁ କରି ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିବା ସହ ସ୍ୱାସ୍ଥ୍ୟ ବିଭାଗ ପାଇଁ ଏହାର ୭.୫%ରୁ ଅଧିକ ଅର୍ଥାତ ୨୩ ହଜାର ୧୮୨ କୋଟିର ବିପୁଳ ବ୍ୟୟବରାଦ କରିବା ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଆମ ସରକାରର ସମ୍ବେଦନଶୀଳତାକୁ ଦର୍ଶାଉଛି। ସମାଜର ସର୍ବନିମ୍ନ ସ୍ତରରେ ଥିବା ବ୍ୟକ୍ତି ପାଖରେ ଗୁଣାତ୍ମକ ଚିକିତ୍ସା ସୁବିଧା ପହଞ୍ଚାଇବା ଏବଂ ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସୁଦୃଢ଼ୀକରଣ ଲକ୍ଷ ନେଇ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ ଅଧିନରରେ ଭିତ୍ତିଭୂମିର ବିକାଶ ପାଇଁ ୫,୦୦୮ କୋଟି ଟଙ୍କାର ବ୍ୟବସ୍ଥା କରାଯିବ। ବଢୁଥିବା ରୋଗୀଙ୍କ ସଂଖ୍ୟା ଓ ଜରୁରୀକାଳୀନ ଆବଶ୍ୟକତାକୁ ପୁରଣ କରିବା ପାଇଁ ଆମ ସ୍ୱାସ୍ଥ୍ୟ ସେବା କ୍ଷମତାର ବଡ଼ ସମ୍ପ୍ରସାରଣ ଆରମ୍ଭ ହେବାକୁ ଯାଉଛି। ଏହି କ୍ରମରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ (ଏସସିବି)ର ପୁର୍ନବିକାଶ ପାଇଁ ୧୦୦୦ କୋଟି, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁର (ଏମକେସିଜି) ଏବଂ ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା (ଭିମସାର)ର ପୁର୍ନବିକାଶ ପାଇଁ ୬୦୦ କୋଟି କରାଯାଇଥିବା ବେଳେ ରାଜ୍ୟର ବିଭିନ୍ନ ଭେଷଜ ମହାବିଦ୍ୟାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆହୁରି ୫ ହଜାର ଆଇପିଡି ଶଯ୍ୟା ବୃଦ୍ଧି କରାଯିବ। ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ଭେଣ୍ଟିଲେଟର ଓ କେନ୍ଦ୍ରୀୟ ତଦାରଖ ସୁବିଧା ସହ ୧ ହଜାର ଉନ୍ନତ ଗୁରୁତର ଚିକିତ୍ସା ବିଭାଗ (ଆଇସିୟୁ) ଏବଂ ୫୦୦ ଉଚ୍ଚ ନିର୍ଭରଶୀଳ ଚିକିତ୍ସା ବିଭାଗ (ହାଇ ଡିପେଣ୍ଡେନ୍ସି ୟୁନିଟ୍/ଏଚଡିୟୁ) ସ୍ଥାପନ କରିବା ସହ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକରେ ୧୮୦୦ ଆଇପିଡି ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କରାଯିବ । ଏଥିପାଇଁ ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ମଧ୍ୟ ଆମ ସରକାର ପଦକ୍ଷେପ ଗ୍ରହଣ କରିବେ। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଚିକିତ୍ସା ସେବାର ବିସ୍ତାର କରିବା ନିମନ୍ତେ ପଞ୍ଚାୟତ ସ୍ତରରେ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ୧୭୬ କୋଟି ବ୍ୟୟରେ ୧୮୦୭ଟି ନୂତନ ସ୍ୱାସ୍ଥ୍ୟ ଉପ କେନ୍ଦ୍ର ନିର୍ମାଣ କରାଯିବା ଫଳରେ ରାଜ୍ୟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡ଼ିକର ସୁଦୃଢ଼ ନେଟୱାର୍କ ସ୍ଥାପନ ହେବ। ଗରିବ ଓ ମଧ୍ୟବିତ୍ତ ପରିବାରବର୍ଗଙ୍କୁ ଚିକିତ୍ସା ଭାର ଜନିତ ଆର୍ଥିକ ସଙ୍କଟରୁ ମୁକ୍ତ କରି ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ସମନ୍ୱିତ କାର୍ଯ୍ୟାନ୍ୱୟନ ପାଇଁ ୪,୨୭୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ରାଜ୍ୟ ଓ ରାଜ୍ୟ ବାହାରେ ୩୨ ହଜାରରୁ ଅଧିକ ତାଲିକାଭୁକ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ଏହି ସୁବିଧା ଉପଲବ୍ଧ ରହିଥିବା ବେଳେ ୧.୦୩ କୋଟି ପରିବାରର ପ୍ରାୟ ୩.୪ କୋଟି ବ୍ୟକ୍ତି ବିଶେଷଙ୍କୁ ନଗଦ ବିହୀନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଔଷଧ, ଟିକା ତଥା ଚିକିତ୍ସା ସମ୍ବନ୍ଧୀୟ ମାଗଣା ବିତରଣ ପାଇଁ ନିରାମୟ ଯୋଜନାକୁ ସମ୍ପ୍ରସାରିତ କରିବାକୁ ୭୮୬ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ନିଃଶୁଳ୍କ ରୋଗ ନିରୂପଣ, ସିଟି ସ୍କାନ, ଏକ୍ସ-ରେ, ଅଲ୍ଟ୍ରାସାଉଣ୍ଡ, ଏମ୍ଆରଆଇ ତଥା ଉଚ୍ଚମାନର ଡାୟାଲିସିସ୍ ପାଇଁ ନିଦାନ ଯୋଜନାରେ ୩୭୧ କୋଟି ବ୍ୟୟ କରାଯିବ। ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଓ ସଚେତନତା ପହଞ୍ଚାଇବା ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଆଶା କର୍ମୀମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ସ୍ୱାସ୍ଥ୍ୟ ସହାୟ ଯୋଜନା ୧୮୩ କୋଟି ଘୋଷଣା ହୋଇଛି । ଜରୁରୀକାଳୀନ ସେବାକୁ ମଜଭୁତ କରିବା ପାଇଁ ୪୨୮ଟି ଆମ୍ବୁଲାନ୍ସ ରାଜ୍ୟବାସୀ ସେବାରେ ଲୋକାର୍ପଣ ହୋଇଥିଲା ବେଳେ ଆମ୍ବୁଲାନ୍ସ ସେବା ପାଇଁ ଆହୁରି ୧୯୮ କୋଟି ଟଙ୍କା ବଜେଟରେ ରହିଛିଛ ମାତୃ ଓ ଶିଶୁର ସ୍ୱାସ୍ଥ୍ୟରେ ସୁଧାର, ଟୀକାକରଣ କାର୍ଯ୍ୟକ୍ରମ, ସଂକ୍ରାମକ ରୋଗ ନିୟନ୍ତ୍ରଣ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୧,୯୫୮ କୋଟି ଟଙ୍କା ପ୍ରାବଧାନ ହୋଇଥିବା ହିଁ ସ୍ୱାସ୍ଥ୍ୟସେବାକୁ ତୃଣମୂଳ ସ୍ତରରେ ସାର୍ବଜନୀନ କରିବା ପାଇଁ ଆମ ସରକାର ପ୍ରତିବଦ୍ଧତା। ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସବୁବେଳେ ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ଗୁରୁତ୍ୱ ଦେଇଆସିଛନ୍ତି, ତେଣୁ ୧୪୦ କୋଟି ଟଙ୍କା ବ୍ୟୟରେ ଗଜପତି, ରାୟଗଡ଼ା ଓ ମାଲକାନଗିରିରେ ତିନୋଟି ନୂତନ ଆୟୁର୍ବେଦିକ ଭେଷଜ ମହାବିଦ୍ୟାଳୟ ଏବଂ ନୟାଗଡ଼ ଓ ନୂଆପଡ଼ାରେ ଦୁଇଟି ନୂତନ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହି ପାଞ୍ଚୋଟି ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଶିକ୍ଷାର ସମ୍ପ୍ରସାରଣ, ଗୁଣାତ୍ମକ ଚିକିତ୍ସା ଏବଂ ଆୟୁଷ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଏହା ବ୍ୟତୀତ ଆୟୁଷ ଚିକିତ୍ସା କ୍ଷେତ୍ରରେ ଗବେଷଣା, ଶିକ୍ଷା ଓ ମାନବ ସମ୍ବଳର ଚାହିଦା ପୂରଣ କରିବାକୁ ୨୦୨୭ ସୁଦ୍ଧା ସ୍ନାତକ ଓ ସ୍ନାତକୋତ୍ତର ସିଟ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ୧୨୪ କୋଟି ବ୍ୟୟ ଅଟକଳ କରାଯାଇଛି। ରାଜ୍ୟରେ ଆୟୁଷ ଔଷଧର ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ବଜେଟର ବ୍ୟବସ୍ଥା ହୋଇଛି। ଶରୀର, ମନ ଓ ଆତ୍ମାର ସମନ୍ୱୟ ରଖି ସୁସ୍ଥ ଓ ସକ୍ରିୟ ଜୀବନ ପାଇଁ ମାସକୁ ଆଠୋଟି ଯୋଗ ଅଧିବେଶନକୁ ବୃଦ୍ଧି କରି ୨୦ଟି ଶିକ୍ଷାମୂଳକ ଯୋଗ ଅଧିବେଶନ କରାଯିବ। ଲୁପ୍ତପ୍ରାୟ ଚେରମୂଳି ଔଷଧର ରକ୍ଷାଣାବେକ୍ଷଣ ଓ ମାନକୀକରଣ, କର୍କଟ ଚିକିତ୍ସା ଉପରେ ଗବେଷଣା, ବାୟୋଲୋଜିର ବିକାଶ, ଉନ୍ନତ ଥେରୋପି ଉତ୍ପାଦ, ଚିକିତ୍ସା ଉପକରଣ କ୍ଷେତ୍ରରେ ନୂତନ ଉଦ୍ଭାବନ ସହ ଶିକ୍ଷା ଓ ଶିଳ୍ପାନୁଷ୍ଠାନର ସହଭାଗୀତାକୁ ସହାୟତା ତଥାଉନ୍ନତ ଗବେଷଣା ଏବଂ ଶିକ୍ଷା ଅଭିବୃଦ୍ଧିକୁ ପ୍ରୋତ୍ସାହନ ପାଇଁ ଏକ ଫାର୍ମା ବାୟୋଟେକ ଗବେଷଣା ଏବଂ ନବସୃଜନ କେନ୍ଦ୍ର ସ୍ଥାପନ କରାଯିବ। ଏହା ଓଡ଼ିଶାରେ ଫାର୍ମା ଗବେଷଣାକୁ ନବଦିଗନ୍ତ ଦେବ। ସ୍ୱତନ୍ତ୍ର ଜରୁରୀକାଳୀନ ଚିକିତ୍ସା ଏବଂ ପୁର୍ନ ଥଇଥାନ ସେବା ପାଇଁ ପୁରୀ, ବୁର୍ଲା, ବ୍ରହ୍ମପୁର ଓ କ୍ୟାପିଟାଲ ହସ୍ପିଟାଲରେ ଚାରିଗୋଟି ନୂତନ ବର୍ନ୍ ୟୁନିଟ୍ ପାଇଁ ୨୦୦ କୋଟି ବ୍ୟତୀତ ଅଗ୍ନି ନିରାପତ୍ତା ପାଇଁ ୪୭୩ କୋଟି ବ୍ୟୟବରାଦ କରାଯାଇଛି। ସରକାର ବିତରଣ କରୁଥିବା ଔଷଧର ଗୁଣବତ୍ତା ସହ ଔଷଧ ଯୋଗାଣ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେସନ ଲିମିଟେଡର ଏକ କେନ୍ଦ୍ରୀୟ ଔଷଧ ଓ ଚିକିତ୍ସା ଉପକରଣ ପଣ୍ୟାଗାର ସ୍ଥାପିତ ହେବ। ଏହା ଔଷଧ ବିତରଣ ବ୍ୟବସ୍ଥାରେ ପାରଦର୍ଶିତା ବଢ଼ାଇବ। ରାଜ୍ୟରେ ବିଶେଷଜ୍ଞ ଡାକ୍ତର ମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆଗାମୀ ଦୁଇ ବର୍ଷ ମଧ୍ୟରେ ୫୦୦ ସ୍ନାତକୋତ୍ତର ସିଟ୍ ବୃଦ୍ଧି କରିବାକୁ ଆମେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ଏବଂ ଯେଉଁ ଜିଲ୍ଲା ମାନଙ୍କରେ ଏଭଳି ସୁବିଧା ଉପଲବ୍ଧ ନାହିଁ ସେଠାରେ ନର୍ସିଂ, ପାରାମେଡିକାଲ ଓ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ପାଠ୍ୟକ୍ରମ ଆରମ୍ଭ କରାଯିବ। ନୟାଗଡ଼ରେ ୫ ଶହ ଏକର ବିଶିଷ୍ଟ ଓଡ଼ିଶା ଫାର୍ମା ପାର୍କ ଏବଂ ଖୋର୍ଦ୍ଧାଠାରେ ୨୦୦ ଏକର ବିଶିଷ୍ଟ ଓଡ଼ିଶା ମେଡଟେକ୍ ପାର୍କ ପ୍ରତିଷ୍ଠା ଫଳରେ ଯୁବବର୍ଗଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ରାଜ୍ୟରେ ବର୍ତ୍ତମାନ କର୍କଟ ରୋଗ ଜନସ୍ୱାସ୍ଥ୍ୟ ଆହ୍ୱାନ ଭାବେ ଉଭା ହୋଇଛି। ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରୁଥିବା ଲୋକଙ୍କ ସଂଖ୍ୟା ପ୍ରତିବର୍ଷ ବଢ଼ି ଚାଲିଛି । ଉତ୍କୃଷ୍ଟ କର୍କଟ ଚିକିତ୍ସା ସେବା ଯୋଗାଇବା ପାଇଁ କର୍କଟ ଚିକିତ୍ସାଳୟ ମାଧ୍ୟମରେ ଏହାର ଆଗୁଆ ନିରୂପଣ, ସମୟୋଚିତ ଚିକିତ୍ସା, ବ୍ୟକ୍ତିଗତ ଯତ୍ନ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ଏହି କ୍ଷେତ୍ରରେ ଗବେଷଣା ଏବଂ ନବ ସୃଜନର ଆବଶ୍ୟକତା ରହିଛି, ତେଣୁ ଓଡ଼ିଶା କର୍କଟ ଚିକିତ୍ସା ଯୋଜନାକୁ ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ଭାବେ ରୁପାନ୍ତରିତ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାର ଆଗୁଆ ଚିକିତ୍ସା ପାଇଁ ଡିଜିଟାଲ ହବ୍ ଆଣ୍ଡ ସ୍ପୋକ୍ ମଡେଲ ମାଧ୍ୟମରେ ବ୍ୟାପକ ଗୋଷ୍ଠୀ ସଚେତନତା, ଗ୍ରାମାଞ୍ଚଳ ସ୍ତରରେ ପୂର୍ବନିର୍ଣ୍ଣୟ ପରୀକ୍ଷା (ସ୍କ୍ରିନିଙ୍ଗ), କର୍କଟ ପରିକ୍ଷା ଶିବିର କରାଯିବ । ଏହି ଅଭିଯାନ ମାଧ୍ୟମରେ ଉନ୍ନତ ମାନର କର୍କଟ ଚିକିତ୍ସା ପାଇଁ ବଜେଟରେ ୩୧୧ କୋଟି ଟଙ୍କା ରଖାଯାଇଛି । କର୍କଟ ରୋଗୀଙ୍କୁ ସୁଲଭ ଓ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇବାରେ ଏହା ବୈପ୍ଳବିକ ପରିବର୍ତ୍ତନ ଆଣିବ । ଏହି ଅଭିଯାନ ଅଧୀନରେ କିଶୋରୀମାନଙ୍କୁ ସର୍ଭାଇକାଲ୍ କର୍କଟରୁ ରକ୍ଷା କରିବା ପାଇଁ ମାଗଣା ଏଚପିଭି ଟୀକାକରଣ କାର୍ଯ୍ୟକ୍ରମ ମଧ୍ୟ ସାମିଲ ରହିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶବ୍ୟାପୀ ଜାତୀୟ ଏଚପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ ଗତ ଫେବୃଆରୀ ୨୮ ତାରିଖରେ ହୋଇଯାଇଛି । ଓଡ଼ିଶାରେ ୧୪ ରୁ ୧୫ ବୟସ ମଧ୍ୟରେ ଥିବା ପ୍ରାୟ ୩ ଲକ୍ଷ ୩୬ ହଜାର କିଶୋରୀଙ୍କୁ ଏହି ଟିକା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ରକ୍ତ ଜନିତ, ବଂଶଗତ ହିମୋଫିଲିଆ ରୋଗର ନିରାକରଣ ଓ ଏଥିରେ ଆକ୍ରାନ୍ତ ଥିବା ବ୍ୟକ୍ତିର ରକ୍ତସ୍ରାବକୁ ବନ୍ଦ ରହିବା ପାଇଁ ଫ୍ୟାକ୍ଟର-୮ ଟିକାର ସବୁବେଳେ ଅଭାବ ପରିଲକ୍ଷିତ ହେଉଥିଲା କିନ୍ତୁ ଆମ ସରକାର ଏହି ରୋଗର ସମୂଳେ ବିନାଶ ପାଇଁ ଫ୍ୟାକ୍ଟର-୮ ଟିକାର ନିଃଶୁଳ୍କ ବ୍ୟବସ୍ଥା କରିବାକୁ ଯାଉଛନ୍ତି। ରାଜ୍ୟରେ ରକ୍ତର ଅଭାବକୁ ଦୂର କରିବା ପାଇଁ ଆରମ୍ଭ ହେବ ଅଟଳ ରକ୍ତଦାନ ଅଭିଯାନ । ଏହା ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବ ଏବଂ ରକ୍ତଦାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ ହେବ । ଏହି ଯୋଜନା ଅନ୍ତର୍ଗତ ସମସ୍ତ ଭେଷଜ ମହାବିଦ୍ୟାଳୟରେ ରକ୍ତ ଭଣ୍ଡାର ପ୍ରତିଷ୍ଠା ସହ ସମସ୍ତ ରକ୍ତ ଭଣ୍ଡାରର ଉନ୍ନତି ତଥା ଆଧୁନିକୀକରଣ କରାଯିବା ସହ ରକ୍ତ ସଂଗ୍ରହ ପାଇଁ ୫୦ଟି ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ କ୍ରୟ କରାଯିବ । ଚଳିତ ବର୍ଷର ସ୍ୱାସ୍ଥ୍ୟ ବଜେଟ୍ କେବଳ ଖର୍ଚ୍ଚ ନୁହେଁ, ଏହା ହେଉଛି ଓଡ଼ିଶାର ଭବିଷ୍ୟତ ପାଇଁ ଏକ ଦୀର୍ଘକାଳୀନ ନିବେଶ । ଏହି ବଜେଟ ଲୋକାଭିମୁଖୀ ଶାସନ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବାର ସନ୍ଦେଶ ବହନ କରେ ତେଣୁ ଏହା ମାଧ୍ୟମରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟର ଉନ୍ନତି ସହ ରାଜ୍ୟର ଆର୍ଥିକ ଗତିଶୀଳତା ମଧ୍ୟ ବଢ଼ିବ। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଭାଷାରେ 'ଆରୋଗ୍ୟଂ ପରମଂ ଧନମ୍' ଦର୍ଶନରେ ଅନୁପ୍ରାଣିତ ଆମ ସରକାରର ନିତି ହେଉଛି ହୋଇ ସୁସ୍ଥ ଓଡ଼ିଶା ବିକଶିତ ଓଡ଼ିଶା। ଏହି ସ୍ୱାସ୍ଥ୍ୟ ବଜେଟ ବିକଶିତ ଓଡିଶା ବିକାଶ ଇଞ୍ଜିନର ଆଧାରଶିଳା ହେବ ଏହି ଦୃଷ୍ଟିକୋଣ ସହ ମୁଁ ଏହି ବଜେଟକୁ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ନିକଟରେ ଉତ୍ସର୍ଗୀକୃତ କରୁଛି ।

## ଆଜିର ଅନୁଚିନ୍ତା :

# ରଙ୍ଗମଞ୍ଚର ନାଟକ ସରିଲେ...



**ରତ୍ନାକର ରାଉତ**

ନିଜକୁ ଜଣେ ବ୍ୟକ୍ତି, ଗୋଟେ ଶରୀର ନ ଭାବି ବରଂ ଭାବିବାକୁ ହେବ ପ୍ରତ୍ୟେକ ଏକ ସଚେତନତା, ଶକ୍ତିପୁଞ୍ଜ ମଧ୍ୟରେ ଚେତନାର ଜାଗ୍ରତ ଅବସ୍ଥାରେ ବିଦ୍ୟମାନ ବିଶୁଦ୍ଧ ସତ୍ତା । ତା ପରେ ଆପେ ଆପେ ବଦଳିଯିବ ସଂପ୍ରତି ସଂସାରର ସବୁ କଥିତ ପରିଭାଷା ।

ଯାହାର ସୃଷ୍ଟି ହୁଏ, ତା'ର ବିନାଶ ହୁଏ । ଯିଏ ଜନ୍ମ ହୁଏ, ସେ ମରେ । ଯିଏ ନିତ୍ୟ, ଚିରନ୍ତନ, ସଦା ବିଦ୍ୟମାନ ତାର ନା ଜନ୍ମ ଅଛି ନା ମୃତ୍ୟୁ । ସେ ଅଜନ୍ମା । ଚେତନା ଅଜନ୍ମା । ସଚେତନତା ତାର ଉତ୍ତରିତ ଜାଗ୍ରତ ଅବସ୍ଥା । ଏ ଭାବରେ ବିଭୋର ହେଲେ କିଏ ବଡ଼ କିଏ ସାନ? କିଏ ସମ୍ରାଟ କିଏ ଫକୀର? କେଉଁ ପାର୍ଥିବ ସଂପଦ, ସ୍ୱୀକୃତି, କୃତିତ୍ୱରେ ଉଲ୍ଲସିତ ହେବ ମଣିଷ ?

କିଏ ଶତ୍ରୁ କିଏ ମିତ୍ର? କିଏ ଆତ୍ମୀୟ କିଏ ଅନାତ୍ମୀୟ? କିଏ ପ୍ରତିଦ୍ୱନ୍ଦୀ, କିଏ ସମାଲୋଚକ, କିଏ ହିଂସୁକ, କିଏ ନିନ୍ଦୁକ, କିଏ ପ୍ରତାରକ, ପ୍ରବଞ୍ଚକ, କିଏ ପ୍ରଶଂସକ, କିଏ ସମର୍ଥକ, ପୁଣି କିଏ ବନ୍ଧୁ, ପରମ ଆତ୍ମୀୟ?

ସମୟ ସହିତ ବଦଳୁଥାଏ ସଂପର୍କ । ନାଟକର ଭିନ୍ନ ଭିନ୍ନ ଭୂମିକାରେ ସଭିଏଁ ଅବତୀର୍ଣ୍ଣ । ରଙ୍ଗମଞ୍ଚରେ ନାଟକର ସଫଳ ରୂପାୟନ ହିଁ ନିର୍ଦ୍ଦେଶକର ଉଦ୍ଦେଶ୍ୟ, ତାର ଏକାନ୍ତ ଆଭିମୁଖ୍ୟ,ଐକାନ୍ତିକ ଇଛା ।

**ସମୟ ସହିତ ବଦଳୁଥାଏ ସଂପର୍କ । ନାଟକର ଭିନ୍ନ ଭିନ୍ନ ଭୂମିକାରେ ସଭିଏଁ ଅବତୀର୍ଣ୍ଣ । ରଙ୍ଗମଞ୍ଚରେ ନାଟକର ସଫଳ ରୂପାୟନ ହିଁ ନିର୍ଦ୍ଦେଶକର ଉଦ୍ଦେଶ୍ୟ, ତାର ଏକାନ୍ତ ଆଭିମୁଖ୍ୟ,ଐକାନ୍ତିକ ଇଛା ।**

ନାଟକ ଶେଷ ହୁଏ, ଯବନିକା ପତନରେ ମଞ୍ଚ ଅନ୍ଧାର ହୋଇଯାଏ । ଗ୍ରୀନ୍ ରୁମକୁ ଫେରିଯାଆନ୍ତି ଅଭିନେତା ଓ ଅଭିନେତ୍ରୀ । ଚାଲେ ପୋଷାକ ବଦଳାବଦଳି, ରଙ୍ଗ ଧୂଆଧୋଇ, ପ୍ରସାଧନର ପ୍ରଲେପନ ପ୍ରକ୍ଷାଳନ । ପୁଣି ନୂତନ ନାଟକକୁ ଅପେକ୍ଷା, ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ ଅପେକ୍ଷା । ରଙ୍ଗମଞ୍ଚର ଆଲୋକ, ସାଜସଜ୍ଜାକୁ ଅପେକ୍ଷା । ମାତ୍ର ସମସ୍ତଙ୍କର କଣ ଭୂମିକା ଥାଏ ନୂଆ ନାଟକରେ? ଯିଏ ଭୂମିକା ପାଏ ସେ ତାହା ନିଭେଇବାକୁ ରଙ୍ଗମଞ୍ଚକୁ ଫେରେ । ଯିଏ ନ ପାଏ ଭୂମିକା, ସେ ଅନ୍ତରାଳରେ ଅପେକ୍ଷା କରେ ସେହି ମହାର୍ଘ ମୁହୂର୍ତ୍ତକୁ । ପୁଣି ଥରେ ଫେରିବକି ନାହିଁ ମଞ୍ଚକୁ ସେ ନିଷ୍ପତ୍ତି ସଦାକାଳେ ସେହି ନିର୍ଦ୍ଦେଶକର । କେଉଁ ଅଭିନେତା ଚାହେଁ ମଞ୍ଚଠାରୁ ଦୂରେଇ ଯିବାକୁ ଅବା ମଞ୍ଚ ତାକୁ ଦୂରେଇ ଦେଉ ଚିରକାଳ ।

ଏମିତି ସଂସାର ରଙ୍ଗମଞ୍ଚରେ ଗୋଟେ ପରେ ଗୋଟେ ଜୀବନ ନାଟକ ମଞ୍ଚସ୍ଥ ହେଉଥାଏ । ଅଭିନୀତ ଜୀବନ ନାଟକରେ ଯିଏ ଯାହାର ଭୂମିକା ନିଭେଇ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରେ ନାୟକ, ନାୟିକା, ପାର୍ଶ୍ୱ ନାୟକ, ପାର୍ଶ୍ୱ ନାୟିକା, ଖଳ ନାୟକ, ଖଳ ନାୟିକା, ବିଦୂଷକ, ସହଯୋଗୀ ଅଭିନେତା, ସହଯୋଗୀ ଅଭିନେତ୍ରୀ, ସୂତ୍ରଧର ସଭିଏଁ ଆପଣା ଆପଣା ଚରିତ୍ରକୁ ସଫଳ ଭାବେ ପରିବେଷଣ କରି ପ୍ରେକ୍ଷାଳୟରେ ସମବେତ ଦର୍ଶକଙ୍କୁ କ୍ଷଣେ କାଳ ବିମୋହିତ ଓ ଚକିତ କରନ୍ତି ଏବଂ ନାଟକ ସରିଲେ ଯିଏ ଯାହା ବାଟରେ ଫେରିଯାଆନ୍ତି ଅପେକ୍ଷା ନ କରି ଦର୍ଶକଙ୍କ ଘନ ଘନ କରତାଳି, ନିନ୍ଦା, ପ୍ରଶଂସା, ତିରସ୍କାର, ପୁରସ୍କାର ଓ ସାବାସୀର ସମ୍ମୋହନରେ ବିବଶ ହୋଇ ଶ୍ରେୟ ନେବାକୁ ।

ରଙ୍ଗମଞ୍ଚରେ ନାଟକ ସରିଲେ ଏସବୁ ଉଚ୍ଚାଟନ ଓ ଆଲୋଡନର ଶେଷ ହୁଏ । ସୃଷ୍ଟି ତତ୍ତ୍ୱର ଏହି ଗୂଢ଼ ରହସ୍ୟ ନିଖୁଣ ଭାବରେ ପ୍ରକଟିତ ହୋଇଛି କବି କଣ୍ଠରେ ନିମ୍ନୋକ୍ତ ପଂକ୍ତିରେ,

*'କେହି ରହି ନାହିଁ ରହିବେ ନାହିଁଟି/*
*ଭବ ରଙ୍ଗ ଭୂମିତଳେ/*
*ସର୍ବେ ନିଜ ନିଜ ଅଭିନୟ ସାରି/*
*ବାହୁଡ଼ିବେ କାଳ ବଳେ ।'*

ମାତ୍ର ସେହି ଅଦୃଶ୍ୟ, ଅବ୍ୟକ୍ତ, ଅଜ୍ଞାତ ନିର୍ଦ୍ଦେଶକ ଥାଏ ମଞ୍ଚ ଆଢୁଆଳରେ । ସେମିତି ଅବିଶ୍ରାନ୍ତ ମଞ୍ଚ ପରିଚାଳନା କରୁଥାଏ । ତା ନିର୍ଦ୍ଦେଶନାରେ ନାଟକ ପରେ ନାଟକ ପ୍ରଦର୍ଶନ ନିରନ୍ତର ଅବ୍ୟାହତ ରହିଥାଏ । ପୁରୁଣା ଅଭିନେତା ଅଭିନେତ୍ରୀଙ୍କ ସ୍ଥାନରେ ନୂଆ ନୂଆ ଅଭିନେତା ଅଭିନେତ୍ରୀ ମଞ୍ଚ ମଣ୍ଡନ କରୁଥାଆନ୍ତି, ଶୂନ୍ୟସ୍ଥାନ ଅବିରତ ପୂରଣ ହେଉଥାଏ । କାହା ଅବର୍ତ୍ତମାନରେ ନା କେବେ ଶୂନ୍ୟହୁଏ ରଙ୍ଗମଞ୍ଚ ନା କେବେ ବନ୍ଦହୁଏ ଅଭିନୟ । କାହାର ଭୂମିକା ଏଠି ସବୁବେଳେ ଅପରିହାର୍ଯ୍ୟ ନୁହେଁ । ସବୁ ସାମୟିକ, କ୍ଷଣସ୍ଥାୟୀ ଓ ଅଳୀକ ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର –୭୬୭(ପାର୍ଟ)**
**ଜୟଦୁର୍ଗା ନଗର,ଭୁବନେଶ୍ୱର,**
**ପିନ୍–୭୫୧୦୦୬,**
**ମୋ– ୯୪୩୭୩୮୨୨୮୧**

# ପରୋପକାରାୟ ସ୍ୱର୍ଗାୟ

**ପ୍ରଭାତ କୁମାର ମହାପାତ୍ର**

ଥରେ ମହାନ୍ ଦାର୍ଶନିକ କନ୍‌ଫ୍ୟୁସୀୟସଙ୍କ ନିକଟକୁ ସେ ଦେଶର ମହାରାଜ ଆସି କହିବାକୁ ଲାଗିଲେ,ଚାରି ଆଡ଼େ ବେଇମାନି ଅରାଜକତା ସହ ଛଳ,କପଟ,ହିଂସା ବଢ଼ି ବଢ଼ି ଗଲାଣି । ଆମ ଦେଶରେ କଣ ଏମିତି କେହି ନାହାନ୍ତି,ଯାହା ନିକଟରେ ସଦାଚାର ଥିବ ତଥା ଗୁଣରେ ଦେବତାଙ୍କ ଠାରୁ ମଧ ମହାନ୍ ହୋଇଥିବେ ?କନ୍‌ଫ୍ୟୁସୀୟସ ଉତ୍ତର ଦେଲେ,କାହିଁକି ନୁହେଁ ମହାରାଜ ?ଜଣେ ତ ସ୍ୱୟଂ ଆପଣ ଅଟନ୍ତି କାରଣ ସତ୍ୟକୁ ଜାଣିବା ପାଇଁ ଚେଷ୍ଟା କରୁଥିବା

## ସ୍ୱଚ୍ଛ ହୃଦୟ

**ତୁମ ହୃଦୟରେ ଯଦି ସବୁଜ ସୁନ୍ଦର ବୃକ୍ଷ ରୋପଣ କରିବ, ତେବେ ଈଶ୍ୱର ପକ୍ଷୀ ହୋଇ ଉଡ଼ ଆସିବେ ସେଥିରେ ବସା ବାନ୍ଧିବା ପାଇଁ**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

**ନିଷ୍କାମ ପ୍ରେମ ଓ ଭକ୍ତିପୂର୍ଣ୍ଣ ସମର୍ପଣର ପ୍ରତୀକ ହେଉଛି ହୋଲି । ସେହି ଦିବ୍ୟାତିଦିବ୍ୟ ଲୀଳାକୁ ସ୍ମରଣ କରି ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାକୁ ଦୋଳା ବା ବିମାନରେ ବସାଇ ନଗର ପରିକ୍ରମା କରାଯାଉଥିବାରୁ ଏହି ପର୍ବର ନାମ 'ଦୋଳପର୍ବ' । ବସନ୍ତର ଆଗମନରେ ଧରାପୃଷ୍ଠରେ ଦେଖାଦିଏ ଅନେକ ପରିବର୍ତ୍ତନ । ବୃକ୍ଷମାନଙ୍କରେ ପତ୍ରଝଡା ପରେ ନବ ପଲ୍ଲବର କୋମଳ ମଧୁରିମା, ଫୁଲରେ ଫୁଲରେ ନାନା ବର୍ଣ୍ଣ ଓ ନାନା ବାସ୍ନା, ମନ ଆଉ ଦେହରେ ବୋଲି ହୋଇଯାଏ ଫଗୁଣର ସ୍ପର୍ଶ । ବସନ୍ତ ଋତୁ ପରିବର୍ତ୍ତନର ଅୟମାରମ୍ଭ । ଏହାର ପଦପାତରେ ପୃଥିବୀ ମନମୋହକ ରୂପ ଧାରଣ କରେ ।**

# କ୍ୟାପିଟାଲ ନର୍ସରୀରେ ମେଗା ଆୟୁଷ ହେଲ୍‌ଥ କ୍ୟାମ୍ପ



ଭୁବନେଶ୍ୱର, (ସବ୍ୟୁ) : ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧିନରେୟୁନିଟ୍ -୨ ସ୍ଥିତ କ୍ୟାପିଟାଲ ନର୍ସରୀ(ଆରବୋରି କଲଚର) ପରିସରରେ ୫ ତାରିଖ ଦିନ ୮.୩୦ ରୁ ଦିନ ୨ ଟା ପର୍ଯ୍ୟନ୍ତ ଆୟୁଷ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ସ୍ଥିତ ସରକାରୀ ଆୟୁର୍ବେଦିକ ହସ୍ପିଟାଲ ଓ ରାଜଧାନୀ ବୃକ୍ଷପାଳନ କର୍ମଚାରୀ ସଂସ୍ଥା ଆନୁକୂଲ୍ୟରେ ଏକ ବିଶାଳ ଆୟୁଷ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୦୦ ରୁ ଉର୍ଦ୍ଧ୍ୱ ମାଳି, କର୍ମଚାରୀ, ଅଧିକାରୀ ଓ ଜନସାଧାରଣ ଭାଗ ନେଇଥିଲେ । ୪୦ ପ୍ରକାରରୁ ରକ୍ତ ପରୀକ୍ଷା, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସମସ୍ତ ରୋଗ ପାଇଁ ମାଗଣା ଆୟୁର୍ବେଦିକ ଔଷଧ ବିତରଣ କରାଯାଇଥିଲା । ବିଭାଗର ନିର୍ଦ୍ଦେଶକ ବିଜୟ କୁମାର ପୃଷ୍ଟି, ଅତିରିକ୍ତ ମହିଳା ନିର୍ଦ୍ଦେଶକ ଅଞ୍ଜନ କୁମାର ଦାସ, ସରକାରୀ ଆୟୁର୍ବେଦିକ ହସ୍ପିଟାଲର ଉପଅଧିକ୍ଷକ ଡା.ଚିତ୍ତରଞ୍ଜନ ବେହେରା ଓ କ୍ୟାପିଟାଲ ନର୍ସରୀର ଅଧୀକ୍ଷକ ଜୟନ୍ତ କୁମାର ଜେନାଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ । ଉଦ୍ୟାନ କୃଷି ଅଧିକାରୀ ମନୋଜ କୁମାର ମହାନ୍ତି, ସ୍ୱସ୍ତିକ କୁମାର ଚୌଧୁରୀ,ବୃକ୍ଷପାଳନ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ହାଡିବନ୍ଧୁ ଦାସ, ସଭାପତି ବାଉରୀ ବନ୍ଧୁ ମହାରଣା ଉପସ୍ଥିତ ରହି ଏହି ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ ।

# କ୍ଲାସ ରୁମ କଣ୍ଟ୍ରୋଲ ରୁମ୍, ଲାଞ୍ଜିଗଡରେ ମହିଳାଙ୍କୁ ସଶକ୍ତ କରୁଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର (ସବ୍ୟୁ): ସଶକ୍ତିକରଣ ସେତେବେଳେ ସଫଳ ହୋଇଥାଏ ଯେତେବେଳେ ଏହା ଶିକ୍ଷା, ଆତ୍ମବିଶ୍ୱାସ-ନିର୍ମାଣ ଏବଂ ନିଜ ଘର ନିକଟରେ କ୍ୟାରିୟର ଗଢ଼ିବାର ସୁଯୋଗ ତୃଣମୂଳ ସ୍ତରରୁ ଆରମ୍ଭ ହୋଇଥାଏ । ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଶିକ୍ଷା କ୍ଷେତ୍ରରେ ନିବେଶ ସହିତ ଘର ନିକଟରେ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି କାର୍ଯ୍ୟ କରୁଛି । ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏବଂ ଶିଳ୍ପ ଆବଶ୍ୟକତା ମୁତାବକ ଦକ୍ଷତା ବିକାଶ ରାସ୍ତା ଖୋଲିବା ଦ୍ୱାରା, କମ୍ପାନୀ ଏହି ଅଞ୍ଚଳର ଯୁବତୀମାନଙ୍କ ପାଇଁ କଷ୍ଟକର ବୋଲି କୁହାଯାଉଥିବା କ୍ୟାରିୟରରେ ଗଠନରେ ସକ୍ଷମ କରୁଛି । ପ୍ରିୟଙ୍କା ମହାକୁଡଙ୍କ ଯାତ୍ରା ଏହାର ଏକ ଉଦାହରଣ। ଲାଞ୍ଜିଗଡ଼ରେ ଜନ୍ମଗ୍ରହଣ କରି ବଢ଼ିଥିବା ପ୍ରିୟଙ୍କା ବେଦାନ୍ତ ଡିଏଭି ଇଣ୍ଟରନ୍ୟାସନାଲ ସ୍କୁଲରେ ଅଧ୍ୟୟନ କରିଥିଲେ, ଯାହା ଏହି ଅଞ୍ଚଳର ପ୍ରଥମ ଇଂରାଜୀ ମାଧ୍ୟମ ବିଦ୍ୟାଳୟ । ଏକ ସମୟରେ ଯେତେବେଳେ ଇଂରାଜୀ-



ମାଧ୍ୟମ ଶିକ୍ଷା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଅପହଞ୍ଚ ଥିଲା ସେତେବେଳେ ଏହି ବିଦ୍ୟାଳୟ ବ୍ୟାପକ ଶିକ୍ଷା ଅଭିବୃଦ୍ଧିର ଏକ ପ୍ରବେଶ ଦ୍ୱାର ହୋଇଥିଲା । ପ୍ରିୟଙ୍କା ବି.ଏସ୍.ସି. ଶେଷ କରିବା ପରେ ଭୁବନେଶ୍ୱରର ମହର୍ଷି ମହାବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନ (ସମ୍ମାନ) ରେ ତାଙ୍କ ଶିକ୍ଷାର ଯାତ୍ରା ଜାରି ରଖିଥିଲେ ଏବଂ ବର୍ତ୍ତମାନ ଦୂର ନିରନ୍ତର ଶିକ୍ଷା ମାଧ୍ୟମରେ ବାୟୋଟେକ୍ନୋଲୋଜିରେ ସ୍ନାତକୋତ୍ତର କରୁଛନ୍ତି । ବର୍ଷ ବର୍ଷ ଧରି ଏହି ଅନୁଷ୍ଠାନ ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି କରିଛି, ଯାହା ଏହି ଅଞ୍ଚଳର ଲୋକଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଦାନର ଏକ ମାଧ୍ୟମ ହୋଇପାରିଛି । ପ୍ରିୟଙ୍କାଙ୍କ ପାଇଁ, ଏହା କେବଳ ଉଚ୍ଚ ଶିକ୍ଷା ନୁହେଁ ବରଂ ବୃତ୍ତିଗତ ମହତ୍ୱାକାଂକ୍ଷା ପାଇଁ ମଧ୍ୟ ମୂଳଦୁଆ ପକାଇଥିଲା । ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ିବାରେ ସେ ତାଙ୍କ ପରିବାରର ପ୍ରଥମ ସଦସ୍ୟା ହୋଇଥିଲେ, ଯାହା ତାଙ୍କ ପରିବାର ସହିତ ଏହି ଅଞ୍ଚଳରେ ଶିକ୍ଷାର ଗୁରୁତ୍ୱକୁ ବଢାଇ ଥିଲା । ଆଜି ତାଙ୍କ ଭଉଣୀ କଟକରେ ଆଇନ ପାଠ ପଢୁଛନ୍ତି ଏବଂ ତାଙ୍କ ଭାଇ ଭୁବନେଶ୍ୱରରେ ଇଞ୍ଜିନିୟରିଂ ପଢୁଛନ୍ତି । ସେ ବର୍ତ୍ତମାନ ବେଦାନ୍ତର ଆଲୁମିନା ରିଫାଇନାରୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ, ଡିଷ୍ଟ୍ରିବ୍ୟୁଟେଡ୍ କଣ୍ଟ୍ରୋଲ୍ ସିଷ୍ଟମ୍ (ଡିସିଏସ) ରେ କାର୍ଯ୍ୟ କରନ୍ତି, ଯାହାକୁ କାରଖାନାର ସ୍ନାୟୁ କେନ୍ଦ୍ର ଭାବରେ ବିବେଚନା କରାଯାଏ । ଜଣେ କଣ୍ଟ୍ରୋଲ୍ ରୁମ୍ ଅପରେଟର ଭାବରେ, ପ୍ରିୟଙ୍କା ରିଅଲ୍-ଟାଇମ୍ ଡିଜିଟାଲ୍ ସିଷ୍ଟମ ମାଧ୍ୟମରେ ତାପମାତ୍ରା, ଚାପ, ପ୍ରବାହ ଏବଂ ସ୍ତର ଭଳି ଗୁରୁତ୍ୱପୂର୍ଣ୍ଣ ପାରାମିଟରଗୁଡ଼ିକୁ ନିରନ୍ତର ନିରୀକ୍ଷଣ କରନ୍ତି । ସେ ସତର୍କ ସୂଚନା ଉପରେ ନଜର ରଖିବା ସହିତ ଶୂନ୍ୟ ଓଭରଫ୍ଲୋ ଏବଂ ଶୂନ୍ୟ ଟ୍ରିପ୍ ଅବସ୍ଥା ବଜାୟ ରଖିବା କାର୍ଯ୍ୟ କରନ୍ତି ଏବଂ କୌଣସି ଭୁଲ୍ ହେବା ପୂର୍ବରୁ ପ୍ରତିରୋଧକ ଏବଂ ସଂଶୋଧନାତ୍ମକ ପଦକ୍ଷେପ ଗ୍ରହଣ କରନ୍ତି । ଏହି ଭୂମିକା ପାଇଁ ସଠିକତା, ବିଶ୍ଳେଷଣାତ୍ମକ ଚିନ୍ତାଧାରା, ଶୀଘ୍ର ନିଷ୍ପତ୍ତି ନେବା ଏବଂ କ୍ଷେତ୍ର ଅପରେଟର ଏବଂ ନିୟନ୍ତ୍ରକମାନଙ୍କ ସହିତ ଘନିଷ୍ଠ ସମନ୍ୱୟ ଆବଶ୍ୟକ, ବିଶେଷକରି ଆରମ୍ଭହେବା, ବନ୍ଦହେବା ଏବଂ ଜରୁରୀକାଳୀନ ପରିସ୍ଥିତି ସମୟରେ । ଏକ ମୁଖ୍ୟ ଉତ୍ପାଦନ କଣ୍ଟ୍ରୋଲ୍ ରୁମରେ ତାଙ୍କର ଉପସ୍ଥିତି ଏକ ଶାନ୍ତ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ପ୍ରତିଫଳିତ କରେ ।

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

# ବୋର୍ଡର ପୂର୍ବତନ ଉପ ସଭାପତିଙ୍କ ସମେତ ୮ ଅଭିଯୁକ୍ତଙ୍କୁ ଜାମିନ

କଟକ,(ସବ୍ୟୁ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ହାଇକୋର୍ଟ ଆଜି ୮ ଜଣ ଅଭିଯୁକ୍ତଙ୍କୁ ସର୍ତ୍ତ ମୂଳକ ଜାମିନ୍ ପ୍ରଦାନ କରିଛନ୍ତି । ବୋର୍ଡର ପୂର୍ବତନ ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତିଙ୍କ ସମେତ ରାମ୍‌ଜୀ ପ୍ରସାଦ ଗୁପ୍ତା, ବିଜୟ କୁମାର ମିଶ୍ର, ଜୟନ୍ତ କୁମାର ରାଉତ, ଅଜୟ କୁମାର ସାହୁ,ପ୍ରଶାନ୍ତ କୁମାର ଖମାରୀ, ସନାତନ ବିଷୋୟୀ ଏବଂ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କୁ ହାଇକୋର୍ଟ ଏହି ଜାମିନ୍ ପ୍ରଦାନ କରିଛନ୍ତି । ଜାମିନ୍‌ରେ ଥିବାବେଳେ ଅଭିଯୁକ୍ତମାନେ ତଦନ୍ତରେ ସହଯୋଗ କରିବେ । ତଦନ୍ତକାରୀ ଅଧିକାରୀ ଯେତେବେଳେ ଚାହିଁବେ ସେତେବେଳେ ହାଜର ହେବେ । ସାକ୍ଷୀଙ୍କୁ ପ୍ରଭାବିତ କରିବେନି ବୋଲି କେତେକ ସର୍ତ୍ତ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଆଜି ଏହି ଜାମିନ୍ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ବୋର୍ଡ ପକ୍ଷରୁ ପ୍ରସ୍ତୁତ ହେଉଥିବା ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା । ଏହି ପ୍ରଶ୍ନପତ୍ରର କପି ଜିତନ ମହାରଣା ନିଜ ପେନ୍‌ଡ୍ରାଇଭରେ ନେଇ ଅନ୍ୟମାନଙ୍କୁ ବାଣ୍ଟିଥିଲେ ବୋଲି ଅଭିଯୋଗ ହୋଇଥିଲା । ଏଥିରେ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ନେଇ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଥିଲା । ଏହି ଘଟଣାରେ କ୍ରାଇମବ୍ରାଞ୍ଚ ବୋର୍ଡର ଉପସଭାପତି ଶ୍ରୀ ମହାନ୍ତିଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା । ଇତିମଧ୍ୟରେ ଅଭିଯୁକ୍ତମାନଙ୍କ ବିରୋଧରେ ନିମ୍ନ ଅଦାଲତରେ ଚାର୍ଜସିଟ୍ ଦାଖଲ ହୋଇ ସାରିଛି । ଆଜି ଅଦାଲତରେ ଅଭିଯୁକ୍ତମାନଙ୍କ ପକ୍ଷରୁ ଯୁକ୍ତିରେ ଦର୍ଶାଯାଇଥିଲା ଯେ, ଅଭିଯୁକ୍ତମାନଙ୍କ ବିରୋଧରେ ଯେଉଁସବୁ ଦଫାରେ ମାମଲା ରୁଜୁ ହୋଇଛି ସେଥିରେ ସର୍ବାଧିକ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ହୋଇପାରେ । ତେଣୁ ଅଭିଯୁକ୍ତମାନଙ୍କୁ ଜମିନ୍ ପାଇଁ ପ୍ରାର୍ଥନା କରାଯାଇଥିଲା । ଅଦାଲତ ଏହି ଯୁକ୍ତିକୁ ଗ୍ରହଣ କରି ଅଭିଯୁକ୍ତମାନଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି । ଅଭିଯୁକ୍ତମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ବିଷ୍ଣୁପ୍ରସାଦ ତ୍ରିପାଠୀ, ଆଇନଜୀବୀ ଧୀରେନ୍ଦ୍ର କୁମାର ଦାଶ ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି ।

## ୬ରେ ନ୍ୟାୟ ସଂହିତା ପ୍ରଦର୍ଶନୀ

# ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା

ଭୁବନେଶ୍ୱର, (ସବ୍ୟୁ) : ନୂତନ ଅପରାଧିକ ଆଇନରେ ଐତିହାସିକ ସଂଶୋଧନ ଓ ନୂତନ ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣ ମଧ୍ୟରେ ସଚେତନା ସୃଷ୍ଟି କରିବା ପାଇଁ ଓଡିଶା ପୋଲିସ ପକ୍ଷରୁୟୁନିଟ୍ -୩ ସ୍ଥିତ ପ୍ରଦର୍ଶନୀ ପଡିଆରେ ନ୍ୟାୟ ସଂହିତା ପ୍ରଦର୍ଶନୀ ଆୟୋଜନ କରାଯାଉଛି । ୬ ତାରିଖରେ ସ୍ୱରାଷ୍ଟ୍ର ଓ ସହକାରୀ ମନ୍ତ୍ରୀ ଅମିତ ଶାହ ପ୍ରଦର୍ଶନକୁ ଉଦଘାଟନ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ । ଏହି ପ୍ରଦର୍ଶନୀ ଜନସାଧାରଣ ନିମନ୍ତେ ମାର୍ଚ୍ଚ ୭ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଡିଜିପି ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି ।

ଭୁବନେଶ୍ୱର ପୋଲିସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡିଜିପି କହିଲେ ଯେ, ଭାରତ ସରକାରଙ୍କ ଦ୍ୱାରା ପ୍ରଦର୍ଶିତ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଓ ସାକ୍ଷ ସଂହିତାକୁ ସଂଶୋଧନ କରାଯାଇଛି । ଏହି ନୂତନ ଆଇନଗୁଡିକ ୧ ଜୁଲାଇ ୨୦୨୪ ରୁ କାର୍ଯ୍ୟକାରୀ ହୋଇଛି । ଯାହା ଫଳରେ ଔପନ୍ୟାସିକ ଯୁଗରେ ପ୍ରଚଳିତ ଥିବା ଦଣ୍ଡ ବ୍ୟବସ୍ଥା ଏବେ ନ୍ୟାୟ ସଂହିତାକୁ ପରିବର୍ତ୍ତନ ହୋଇଛି ବୋଲି ଶ୍ରୀ ଖୁରାନିଆ କହିଥିଲେ । ପୀଡିତାଙ୍କ ଅଧିକାରୀ ଓ ସମ୍ମାନକୁ ପ୍ରାଥମିକତା ଦିଆଯାଇ ସମୟ ସୀମା ମଧ୍ୟରେ



ତଦନ୍ତ ଓ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ହେଉଛି ନୂତନ ଆଇନର ମୂଳ ଲକ୍ଷ୍ୟ । ଏନ୍‌ଏଏଫଆଇଏସ୍ ଦ୍ୱାରା ବାୟୋ ମେଟ୍ରିକ ପରିଚୟ, ମୋବାଇଲ ଫରେନସିକ୍‌ୟୁନିଟ୍, ପ୍ରଯୁକ୍ତି ବିଦ୍ୟା ସହାୟତାରେ ତଦନ୍ତ ପ୍ରକ୍ରିୟା ଆଦି ସଂକ୍ରାନ୍ତରେ ବିଶଦ ଭାବେ ପ୍ରଦର୍ଶନୀରେ ଉପସ୍ଥାପନ କରାଯିବ । ଏହା ବ୍ୟତୀତ ପ୍ରଦର୍ଶନୀରେ ଅପରାଧ ସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷାମୂଳକ ଶୈଳୀରେ ପ୍ରଦର୍ଶିତ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି । ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ ଟି ଷ୍ଟଲରେ ଅପରାଧ ସ୍ଥଳ, ୧୧୨ ଜରୁରୀ କାଳୀନ ସହାୟତା, ଥାନାର କାର୍ଯ୍ୟପ୍ରଣାଳୀ, ହସ୍ପିଟାଲ ସମନ୍ୱୟ, ଫରେନସିକ୍ ପ୍ରୟୋଗଶାଳା, ପବ୍ଲିକ ପ୍ରସିକ୍ୟୁସନ୍, ଜିଲ୍ଲା ଅଦାଲତ, କାରାଗର ଓ ହାଇକୋର୍ଟର କାର୍ଯ୍ୟ ଶୈଳୀ ସମ୍ପର୍କରେ ସାଧାରଣ ଲୋକମାନେ ଅବଗତ ହୋଇପାରିବେ ବୋଲି ଡିଜିପି ଶ୍ରୀ ଖୁରାନିଆ ଆଶାବ୍ୟକ୍ତ କରିଛନ୍ତି ।

ନୂତନ ଆଇନରେ ପ୍ରଯୁକ୍ତିବିଦ୍ୟା ଓ ବୈଜ୍ଞାନିକ ତଦନ୍ତକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ସେହି ଅନୁଯାୟୀ ଗୁରୁତର ଅପରାଧରେ ଫରେନସିକ୍ ତଦନ୍ତ ଡିଜିଟାଲ ପ୍ରମାଣ ସ୍ୱୀକୃତି ଓ ସମୟସୀମା ମଧ୍ୟରେ ତଦନ୍ତ ପ୍ରକ୍ରିୟାକୁ ଜୋର ଦିଆଯାଇଛି । ଗୁରୁବାର ଏହି ସାମ୍ବାଦିକ ସମ୍ମିଳନୀରେ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟ ତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା ଉପସ୍ଥିତ ଥିଲେ ।

# ସର୍ବାଧିକ ସଫଳ ଯକୃତ ପ୍ରତିରୋପଣ କରି କିମ୍‌ସର ରେକର୍ଡ

ଭୁବନେଶ୍ୱର, (ସବ୍ୟୁ): ଭାରତରେ ଯକୃତ ରୋଗ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ପାଲଟିଛି । ଲିଭର ସିରୋସିସ୍, ଯକୃତ ଠିକ୍ ଭାବେ କାମ ନ କରିବା ଓ ଯକୃତ ରୋଗର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ରୋଗୀଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି । ସେଭଳି କ୍ଷେତ୍ରରେ ଅଧିକାଂଶ ରୋଗୀଙ୍କ ପାଇଁ ଯକୃତ ପ୍ରତିରୋପଣ ଏକମାତ୍ର ବିକଳ୍ପ ଓ ଜୀବନ ରକ୍ଷାକାରୀ ଚିକିତ୍ସା ଭାବେ ଉଭା ହୋଇଛି । ଏଭଳି ପରିସ୍ଥିତିରେ ଓଡ଼ିଶାରେ ସର୍ବାଧିକ ସଂଖ୍ୟକ ସଫଳ ଯକୃତ ପ୍ରତିରୋପଣ କରି କିମ୍‌ସ ରେକର୍ଡ କରିଛି । ଦକ୍ଷ ବିଶେଷଜ୍ଞ ଓ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ସହ ଉନ୍ନତ ଯନ୍ତ୍ରପାତି ସହଯୋଗରେ କିମ୍‌ସ ସଫଳତାର ସହ ଯକୃତ ପ୍ରତିରୋପଣ କରିଚାଲିଛି । ହାଇଦ୍ରାବାଦର ପ୍ରସିଦ୍ଧ ଏଆଇଜି ହସପିଟାଲ ସହଯୋଗରେ କିମସ ଲିଭର ଟ୍ରାନ୍ସପ୍ଲାଣ୍ଟେସନ୍ ୟୁନିଟ୍ କ୍ଲିନିକାଲ୍ ଦକ୍ଷତା, ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ ପ୍ରମାଣ ଭିତ୍ତିକ ପ୍ରୋଟୋକଲଗୁଡ଼ିକୁ ସମନ୍ୱିତ କରି ସାମଗ୍ରିକ ଏବଂ ରୋଗୀ-କୈନ୍ଦ୍ରିକ ସେବା ପ୍ରଦାନ କରିଥାଏ । ଫଳରେ ଓଡ଼ିଶା ଓ ପଡ଼ୋଶୀ ରାଜ୍ୟର ରୋଗୀମାନେ ଦୂରଦୂରାନ୍ତକୁ ନଯାଇ ଅତି ନିକଟରେ ଉନ୍ନତ ସେବା ପାଇ




ପାରୁଛନ୍ତି । ଏ ନେଇ ବରିଷ୍ଠ ସର୍ଜନ ଡା ସତ୍ୟ ପ୍ରକାଶ ରାୟ ଚୌଧୁରୀ ସୂଚନା ଦେଇଛନ୍ତି, ଯକୃତ ପ୍ରତିରୋପଣ କ୍ଷେତ୍ରରେ ଓଡ଼ିଶାରେ ଏକ ଅଗ୍ରଣୀ ଅନୁଷ୍ଠାନରେ ପରିଣତ ହୋଇଛି କିମ୍‌ସ । କିମ୍‌ସରେ ସର୍ବାଧିକ ଯକୃତ ପ୍ରତିରୋପଣ ସହ ଓଡ଼ିଶାର ପ୍ରଥମ କାଡାଭେରିକ୍ ଯକୃତ ପ୍ରତିରୋପଣ, ପ୍ରଥମ ଶିଶୁ ଯକୃତ ପ୍ରତିରୋପଣ ଓ ପ୍ରଥମ ଲାପାରୋସ୍କୋପିକ୍ ଡୋନର ହେପାଟେକ୍ଟୋମି ସମେତ କିମ୍‌ସ ଅନେକ ପ୍ରଥମ ସଫଳତା ହାସଲ କରିଥିବା ଡା. ରାୟ ପ୍ରକାଶ କରିଛନ୍ତି । ଏହି ସଫଳତାଗୁଡ଼ିକ କେବଳ ଶଲ୍ୟ ଚିକିତ୍ସାର ଉତ୍କର୍ଷତାକୁ ପ୍ରତିଫଳିତ କରେ ନାହିଁ ବରଂ ନବସର୍ଜନା, ଅଙ୍ଗଦାତା ସୁରକ୍ଷା ଏବଂ ନୀତିଗତ ପ୍ରତିରୋପଣ ଅନୁଶୀଳନ ପ୍ରତି ମଧ୍ୟ ପ୍ରତିଫଳିତ କରେ । ପୂର୍ବରୁ ଉନ୍ନତ ଯକୃତ ପ୍ରତିରୋପଣ ଦିଲ୍ଲୀ, ମୁମ୍ବାଇ ଆଦି ସହରକୁ ଯିବାକୁ ପଡୁଥିଲା । ଏବେ କିମ୍‌ସରେ ଉନ୍ନତ ଯନ୍ତ୍ରପାତି ସୁବିଧା, ଅନୁଭୂତି ସମ୍ପନ୍ନ ଦକ୍ଷ ବିଶେଷଜ୍ଞ ଓ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ପାଇଁ କିମ୍‌ସରେ ସଫଳ ଯକୃତ ପ୍ରତିରୋପଣ ହୋଇପାରୁଛି । ଏଥିରେ ଲିଭର ସିରୋସିସ୍, ଲିଭର ଫେଲ୍ୟୁଅର ଓ ଲିଭର କର୍କଟ ସମେତ ଜଟିଳ ଯକୃତ ରୋଗରେ ପୀଡିତ ରୋଗୀଙ୍କ ପାଇଁ ଉନ୍ନତ ସେବା ଯୋଗାଇ ଦିଆଯାଇପାରୁଛି । ଏହି ପ୍ରକ୍ରିୟାରେ ଯକୃତର ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଓ ଚିକିତ୍ସାଠାରୁ ଆରମ୍ଭ କରି ଉନ୍ନତ ଶଲ୍ୟଚିକିତ୍ସା ତଥା ପ୍ରତିରୋପଣ ପରବର୍ତ୍ତୀ ଦୀର୍ଘ କାଳୀନ ଯତ୍ନ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି । କିମ୍‌ସ ଯକୃତ ପ୍ରତିରୋପଣ ଦଳରେ ଅଭିଜ୍ଞ ହେପାଟୋଲୋଜିଷ୍ଟ, ପ୍ରତିରୋପଣ ସର୍ଜନ, ଆ ନା ସ୍ଥେ ସି ଓ ଲୋ ଜି ଷ୍ଟ, ଇଣ୍ଟେନ୍‌ସିଭିଷ୍ଟ, ରେଡିଓଲୋଜିଷ୍ଟ, ପାଥୋଲୋଜିଷ୍ଟ, ପ୍ରତିରୋପଣ ସଂଯୋଜକ ଓ ଉତ୍ସର୍ଗୀକୃତ ନର୍ସିଂ କର୍ମଚାରୀ ଅଛନ୍ତି । ଏହା ସହ ଏହି ବ୍ୟବସ୍ଥାରେ ଉନ୍ନତ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍, ଆଧୁନିକ ଅସ୍ତ୍ରୋପଚାର ଥିଏଟର ଓ ବ୍ୟାପକ ଡାଇଗ୍ନୋଷ୍ଟିକ୍ ସୁବିଧା ରହିଛି ।

## ଛୁରୀ ଭୁସି ସ୍ତ୍ରୀକୁ ହତ୍ୟା, ସ୍ୱାମୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଭରତପୁର ଥାନା ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିରେ ସ୍ତ୍ରୀକୁ ସ୍ୱାମୀ ଛୁରୀ ଭୁସି ହତ୍ୟା କରିଛି । ପୋଲିସ ଅଭିଯୁକ୍ତ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଫୁଲେଶ୍ୱରୀ ବସ୍ତିରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ଗତ ଦେଢ ବର୍ଷ ହେବ ଭଡାକୁ ରହିଆସୁଥିଲେ । ପୂର୍ଣ୍ଣଚନ୍ଦ୍ର ସେପରି କିଛି ଆଖିଦୃଷ୍ଟିଆ କାମ କରୁନଥିଲା ବେଳେ ସ୍ତ୍ରୀ ସାବିତ୍ରୀ ଏକ ରେଷ୍ଟୁରାଣ୍ଟରେ କାମ କରୁଥିଲେ । ମଙ୍ଗଳବାର ଦିନ କୌଣସି କାରଣରୁ ସ୍ୱାମୀ -ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେବାରୁ ପରିବା କଟା ଛୁରୀରେ ସାବିତ୍ରୀକୁ ଆକ୍ରମଣ କରିଥିଲା ସ୍ୱାମୀ ପୂର୍ଣ୍ଣଚନ୍ଦ୍ର । ଜୀବନ ବିକଳରେ ସାବିତ୍ରୀ ଚିତ୍କାର କରି ଘରୁ ବାହାରି ରାସ୍ତାକୁ ଚାଲିଯାଇ ସାହାଯ୍ୟ ମାଗିବା ସମୟରେ ପଡିଯାଇଥିଲେ । ସ୍ଥାନୀୟ ଲୋକମାନେ ସାବିତ୍ରୀକୁ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ନେବା ସହ ସ୍ୱାମୀ ପୂର୍ଣ୍ଣଚନ୍ଦ୍ରକୁ ଧରି ପୋଲିସ ଜିମା ଦେଇଥିଲେ ।



ଆସାମର ରାଜ୍ୟସଭା ପ୍ରାର୍ଥୀ ଯୋଗେନ୍ ମୋହନ, ତେରାସ୍ ଗୋୱାଲା ଓ ପ୍ରମୋଦ ବୋର ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରୁ ଛନ୍ତି । ଉପସ୍ଥିତ ଅଛନ୍ତି ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଆସାମ ନିର୍ବାଚନ ପ୍ରଭାରୀ ବୈଜୟନ୍ତ ପଣ୍ଡା ।

# ୟୁନିଭରସିଟି ଅଫ୍ ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ, ଏସ୍ ଆଣ୍ଡ ଟି ମଧ୍ୟରେ ଏମ୍‌ଓୟୁ



ଭୁବନେଶ୍ୱର, (ସବ୍ୟୁ): ଦି ୟୁନିଭରସିଟି ଅଫ୍ ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ (ୟୁଡବ୍ଲ୍ୟୁଏ) ଏବଂ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି (ଏସ୍ ଆଣ୍ଡ ଟି) କ୍ଲଷ୍ଟର୍ସ ଭାରତର ସମସ୍ତ ରାଷ୍ଟ୍ରୀୟ ବିଜ୍ଞାନ ଓ ପ୍ରଯୁକ୍ତି (ଏସ୍ ଆଣ୍ଡ ଟି) କ୍ଲଷ୍ଟର ବିଧିବ୍ୟବସ୍ଥାରେ ଏକ ସୁସଂହତ, ଦୀର୍ଘସୂତ୍ରୀ ସହଯୋଗୀତା ସ୍ଥାପନ କରିବାକୁ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ରେ

ସ୍ୱାକ୍ଷର କରିଛନ୍ତି । ଏହି ସହଭାଗୀତା ୟୁଡବ୍ଲୁଏକୁ ଭାରତର ସଂଘୀୟ ବିଜ୍ଞାନ ଓ ନବସୃଜନ ବ୍ୟବସ୍ଥା ସହିତ ଏକତ୍ରିତ କରାଉଛି, ଯାହା ରାଷ୍ଟ୍ରୀୟ ବିକାଶ ଏବଂ ଭାରତ- ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବା ସମସ୍ତ ଅଗ୍ରାଧିକାର କ୍ଷେତ୍ରଗୁଡିକରେ ଲକ୍ଷ୍ୟଭିତ୍ତିକ ସହଯୋଗୀତାକୁ ସମର୍ଥ କରାଇବ । ଦି ଅଫିସ ଅଫ୍ ଦି ପ୍ରିନସିପାଲ ସାଇଣ୍ଟିଫିକ ଆଡଭାଇଜର ପ୍ରଧାନମନ୍ତ୍ରୀ ଏବଂ କ୍ୟାବିନେଟର ସର୍ବୋଚ୍ଚ ସ୍ତରୀୟ ବୈଜ୍ଞାନିକ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଛି ଏବଂ ଏହା ବିଜ୍ଞାନ, ପ୍ରଯୁକ୍ତି, ନବସୃଜନ ଏବଂ ଗବେଷଣା ନୀତିଗୁଡିକ ଉପରେ ରଣକୌଶଳାତ୍ମକ ଦିଗ୍‌ଦର୍ଶନ ଯୋଗାଇ ଦେଉଛି । ପିଏସ୍‌ଏ ଅଫିସ ଅଧୀନରେ ଭାରତ ବେଙ୍ଗାଲୁରୁ, ପୁନେ, ଚଣ୍ଡିଗଡ, ଭୁବନେଶ୍ୱର, ବିଶାଖାପଟନମ୍ ଏବଂ ହାଇଦରାବାଦ ସମେତ ସମସ୍ତ ପ୍ରମୁଖ ନସବୃଜନ ସ୍ଥଳରେ ଆଠଟି ଏସ୍ ଆଣ୍ଡ ଟି କ୍ଲଷ୍ଟର ସ୍ଥାପନ କରିଛି ।

## ମହିଳା ଦିବସ ଅବସରରେ

# "ତରକ୍କି କି ତୈୟାରୀ' ଅଭିଯାନର ଶୁଭାରମ୍ଭ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ତରକୀ ତୟାରୀ ଅଭିଯାନ ଆରମ୍ଭ କରିଛି ଯାହା ଜାତୀୟ ପ୍ରଗତି ଉପରେ ଆଧାରିତ । ଏହି ପଦକ୍ଷେପରେ କିରଣ ବେଦୀ ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଅରୁଣିମା ସିହ୍ନାଙ୍କ ପରି ଚିନ୍ତାଧାରାକୁ କର୍ମଚାରୀଙ୍କ ସହ ଜଡ଼ିତ କରିବା ଲାଗି ଏକତ୍ରିତ କରେ ।

ଭାରତର ଧାତୁ, ଖଣି ଓ ଉତ୍ପାଦନ କ୍ଷେତ୍ରରେ ପ୍ରଚଣ୍ଡ ଅଭିବୃଦ୍ଧି ସତ୍ତ୍ୱେ ମହିଳମାନେ ଯଥେଷ୍ଟ କମ ପ୍ରତିନିଧିତ୍ୱ କରୁଛନ୍ତି, ବେଦାନ୍ତ ଆଲୁମିନିୟମ ମହିଳାମାନଙ୍କୁ କେବଳ ଅନ୍ତର୍ଭୁକ୍ତ ନକରି ନେତୃତ୍ୱ ନେବା ଲାଗି କାର୍ଯ୍ୟ କରୁଛି । ଏହାର ମୂଳରେ ତରକୀ ତୟାରୀ ଆକାଂକ୍ଷାକୁ ରୂପ ଦେବା ପାଇଁ ପ୍ରୟାସ କୁହାଯାଇପାରେ । ବେଦାନ୍ତ ଆଲୁମିନିୟମରେ ମହିଳାମାନେ ବର୍ତମାନ କାର୍ଯ୍ୟ ଶକ୍ତିର ୨୧%, ୨୦୩୦ ସୁଦ୍ଧା ୩୦% ପ୍ରତିନିଧିତ୍ୱ ହାସଲ କରିବାର ଆଶା ରହିଛି । ଏହି



ପରିବର୍ତନକୁ ତ୍ୱରାନ୍ୱିତ କରିବା ପାଇଁ କମ୍ପାନି ପ୍ରବେଶ ସ୍ତର ଭୂମିକାରେ ୫୦% ମହିଳାଙ୍କୁ ନିଯୁକ୍ତି ଦେବା ପ୍ରାଥମିକ ଲକ୍ଷ୍ୟ ପୂରଣ ସହ ବିଭିନ୍ନ ପ୍ରତିଭାକୁ ପୋଷଣ ନିଶ୍ଚିତ କରୁଛି ।

ମହିଳାଙ୍କ ଉନ୍ନତି ପାଇଁ ବେଦାନ୍ତ ଆଲୁମିନିୟମ ପ୍ରତିବଦ୍ଧତା ଏହାର କାର୍ଯ୍ୟରୁ ପରିଲକ୍ଷିତ ହୁଏ । କମ୍ପାନି ଏହାର ଝାରସୁଗୁଡ଼ା କାରଖାନାରେ ପ୍ରଥମ ମହିଳା ପରିଚାଳିତ ପଟଲାଇନ କମିଶନ କରିଛି ଏବଂ ପର୍ଯ୍ୟାୟ କ୍ରମେ ବୈଷୟିକ ତାଲିମ ଓ ସଂରଚନା କ୍ଷମତା ବିକାଶ ଜରୀଆରେ ଗୁରୁତ୍ୱପୂର୍ଣ୍ଣ ସ୍ମେଲଟିଂ ଓ ଉତ୍ପାଦନ ଭୂମିକାରେ ୧୦୦ରୁ ଅଧିକ ମହିଳାଙ୍କୁ ନିୟୋଜିତ କରିଛି । ଏହା ପ୍ରଥମ ମହିଳା ଲୋକୋମୋଟିଭ ଇଂଜିନକୁ ମଧ୍ୟ ପରିଚିତ କରିଛି ଏବଂ ଅଗ୍ନିବାହିନୀରେ ମହିଳା ଦଳଙ୍କୁ ୧୦୦ରୁ ଅଧିକ ପ୍ରଶିକ୍ଷିତ ମହିଳାଙ୍କୁ ନିଯୁକ୍ତି ଦେଇଛି । ଯାହା ବେଦାନ୍ତ ଆଲୁମିନିୟମର ପ୍ରକୃତରେ ଅନ୍ତର୍ଭୁକ୍ତ ଏବଂ ଭବିଷ୍ୟତ ଲାଗି ପ୍ରସ୍ତୁତ କର୍ମଶକ୍ତି ଗଠନ ଉପରେ ଧ୍ୟାନକୁ ପ୍ରତିଫଳିତ କରେ ।

ବେଦାନ୍ତ ଆଲୁମିନିୟମର କାର୍ଯ୍ୟ କ୍ଷେତ୍ର ଓ ପଡ଼ୋଶୀ ସଂପ୍ରଦାୟକୁ ବ୍ୟାପୀ ଏକମାସ ବ୍ୟାପୀ ଉଚ୍ଚ ପ୍ରଭାବଶାଳୀ କାର୍ଯ୍ୟକଳାପ ମାଧ୍ୟମରେ ତରକୀ ତୟାରୀ ପାଳନ କରିବ । ଏହି କାର୍ଯ୍ୟକ୍ରମ ମହିଳାମାନଙ୍କ ସହିତ ଆଦାନ ପ୍ରଦାନ ଅଧିବେଶନ, ସ୍ୱୀକୃତି ସମାରୋହ, ଟାଉନହଲ, ସଂସ୍କୃତିକ ସଂପର୍କ, କର୍କଟ ସଚେତନତା ଓ ମାନସିକ କଲ୍ୟାଣ ଅଧିବେଶନ, ସ୍ୱାସ୍ଥ୍ୟ ଶିବିର ଓ କର୍ମଚାରୀ ସ୍ୱେଚ୍ଛାସେବୀ ପଦକ୍ଷେପ ଅନ୍ତର୍ଭୁକ୍ତ । ଜାମଖାନି, ଘୋଘରପାଲି ଓ କୁରଳୋଇମାଇନ ସ୍ଥାନ ଗୁଡ଼ିକରେ ପ୍ରସାର ପ୍ରୟାସରେ ୧୭୦୦ରୁ ଅଧିକ ମହିଳାଙ୍କୁ ନେଇ ସାମୁହିକ ଉତ୍ସବ ଓ ଆଗଧାଡ଼ିର ସ୍ୱାସ୍ଥ୍ୟ କର୍ମି ଆଶା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରିବାର ଯୋଜନା ରହିଛି । ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଧାତୁ ଓ ଖଣି ଭାରତର କମ କାର୍ବନ ଭବିଷ୍ୟତରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ଓ ଏଥିପାପାଇଁ ମହିଳା ଅଂଶଗ୍ରହଣକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆମେ ବିଶ୍ୱାସ କରୁଯେ ବିବିଧତା, ସମାନତା ଓ ଅନ୍ତର୍ଭୁକ୍ତି କେବଳ ସାଂସ୍କୃତିକ ମୂଲ୍ୟବୋଧ ନୁହେଁ ବରଂ ରଣନୈତିକ ଶକ୍ତି ଯାହା ଆମର ବ୍ୟବସାୟକୁ ଅଧିକ ଅଭିନବ, ସ୍ଥିର ଓ ଭବିଷ୍ୟତ ଲାଗି ପ୍ରସ୍ତୁତ କରିଥାଏ ।

# ମଧ୍ୟପ୍ରାଚ୍ୟରେ ଜଳ ସଙ୍କଟ ଆଶଙ୍କା

**ଦୁବାଇ:** ମଧ୍ୟପ୍ରାଚ୍ୟରେ ଯୁଦ୍ଧର ନିଆଁ ତେଜିବାରେ ଲାଗିଛି। ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ, ସାଉଦି ଆରବ, ଦୁବାଇ, କତାର ଓ ବାହାରିନ ଭଳି ସମଗ୍ର ଉପସାଗରୀୟ ଅଞ୍ଚଳର ପାନୀୟ ଜଳ ଉତ୍ସ ଉପରେ ଇରାନ ଆକ୍ରମଣ କରିବାର ଆଶଙ୍କା ସୃଷ୍ଟି ହୋଇଛି। ଯଦି ଏପରି ହୁଏ ତେବେ ଏହିସବୁ ଦେଶଗୁଡ଼ିକ ଭାରି ସଙ୍କଟର ସମ୍ମୁଖୀନ ହେବା ନିଶ୍ଚିତ।ଏହି ଦେଶଗୁଡ଼ିକରେ ମଧୁର ଜଳର ଉତ୍ସ ନାମମାତ୍ର କିମ୍ବା ପ୍ରାୟତଃ ନାହିଁ କହିଲେ ଅତ୍ୟୁକ୍ତି ହେବନି। ଏପରି ପରିସ୍ଥିତିରେ, ଏହି ଦେଶଗୁଡ଼ିକ ଏପରି ସୁବିଧା ନିର୍ମାଣ କରିଛନ୍ତି ଯାହା ଲୁଣିଆ ପାଣିକୁ ମଧୁର ପାଣିରେ ପରିଣତ କରେ। ଏହି ସୁବିଧାଗୁଡ଼ିକ ସମଗ୍ର ଉପସାଗରୀୟ ଅଞ୍ଚଳର ଜୀବନରେଖା। ତେଣୁ ଯଦି ଇରାନର ଆକ୍ରମଣରେ ଏହି ସୁବିଧାଗୁଡ଼ିକ ନଷ୍ଟ ହୋଇଯାଏ, ତେବେ ସମଗ୍ର ଉପସାଗରୀୟ ଅଞ୍ଚଳ ପୁଣି ଏକ ମରୁଭୂମିରେ ପରିଣତ ହୋଇପାରେ।ରିପୋର୍ଟରେ କୁହାଯାଇଛି ଯେ ଯଦି ଇରାନ ସହିତ ଯୁଦ୍ଧ ବହୁତ ଦିନ ଧରି ଜାରି ରହେ, ତେବେ ଇରାନ ଉପସାଗରୀୟ ଦେଶଗୁଡ଼ିକରେ ଶକ୍ତି କେନ୍ଦ୍ର, ବିମାନବନ୍ଦର ଓ ଜଳ ପ୍ଲାଣ୍ଟ ଭଳି ଦୁର୍ବଳ ଲକ୍ଷ୍ୟସ୍ଥଳଗୁଡ଼ିକୁ ଟାର୍ଗେଟ କରି ପ୍ରତିଶୋଧ ନେଇପାରେ। ଇରାନ ଯେକୌଣସି ମୂଲ୍ୟରେ ଏହି ଯୁଦ୍ଧ ଜିତିବାକୁ ଚାହିଁବ। ଯଦି ଆକ୍ରମଣ ହୁଏ, ତାହେଲେ ଉପସାଗରରେ ପାନୀୟ ଜଳ ଉତ୍ସଗୁଡ଼ିକୁ ବନ୍ଦ କରିଦିଆଯାଇପାରେ। ସାଉଦି ଆରବ ଉପକୂଳରେ ଥିବା ଜୁବୈଲ ଡିସାଲିନେସନ୍ ପ୍ଲାଣ୍ଟ ଇରାନ ଆକ୍ରମଣରେ ବିଶେଷ ଭାବରେ ପ୍ରଭାବିତ ହୋଇପାରେ। ଏହି ୫୦୦ କିଲୋମିଟର ଲମ୍ବା ପାଇପଲାଇନ ରିୟାଦକୁ ପ୍ରାୟ ୯୦% ଜଳ ଯୋଗାଣ କରେ।

# ଆମେରିକାକୁ ସହଯୋଗ କରିବ ବ୍ରିଟେନ୍

**ଇଂଲଣ୍ଡ:** ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଆଗାମୀ ଦିନରେ ବ୍ରିଟେନ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ଇରାନର କ୍ଷେପଣାସ୍ତ୍ର ଭଣ୍ଡାରକୁ ଧ୍ୱଂସ କରିବା ପାଇଁ ବ୍ରିଟିଶ ବିମାନ ଘାଟିରେ ଆମେରିକା ତାର 'ବି-୨' ଷ୍ଟିଲ୍ଥ ବୋମାବର୍ଷକ ବିମାନକୁ ମୁତୟନ କରିବାକୁ ପ୍ରସ୍ତୁତ ହେଉଛି। କିଛି ଦିନ ମଧ୍ୟରେ ପରମାଣୁ ଅସ୍ତ୍ର ବହନ କରିବାରେ ସକ୍ଷମ ଏହି 'ବି-୨' ଷ୍ଟିଲ୍ଥ ବୋମାବର୍ଷକ ବିମାନଗୁଡ଼ିକ ବ୍ରିଟେନର ଡିଏଗୋ ଗାର୍ସିଆ କିମ୍ବା ଫେୟାରଫୋର୍ଡ ବିମାନ ଘାଟିରେ ପହଞ୍ଚିବେ। ଇରାନର ଗଭୀର ଭୂତଳ ବଙ୍କର ଓ ଆଭ୍ୟନ୍ତରୀଣ ଅସ୍ତ୍ରଶସ୍ତ୍ର ଭଣ୍ଡାରଗୁଡ଼ିକୁ ଧ୍ୱଂସ କରିବା ଏହି ବିମାନର ପ୍ରଥମିକ ଲକ୍ଷ୍ୟ ରହିବ।ଆମେରିକା-ଇସ୍ରାଏଲ ଓ ଇରାନ ଯୁଦ୍ଧରେ ବ୍ରିଟେନର ସମ୍ପୃକ୍ତି ଯୁଦ୍ଧ ସ୍ଥିତିକୁ ଆହୁରି ବିଗାଡ଼ିଦେବ। ଏଭଳି ପରିସ୍ଥିତିରେ ଅନ୍ୟ ଦେଶ ବି ଯୁଦ୍ଧରେ ସାମିଲ ହେବାର ସମ୍ଭାବନା ଉପୁଜିବ। ଇରାନ ପୂର୍ବରୁ ଆମେରିକା ଏୟାରବେସ୍ ଥିବା ଦେଶଗୁଡ଼ିକ ଉପରେ ଆକ୍ରମଣ କରିସାରିଛି। ଫଳସ୍ୱରୂପ ବ୍ରିଟେନ ବି ଭୟ କରୁଛି ଯେ ଇରାନ ତା' ଉପରେ ବି ଆକ୍ରମଣ କରିପାରେ, ଯାହା ସମ୍ପୂର୍ଣ୍ଣ ସମ୍ଭବ। ତେଣୁ ଭବିଷ୍ୟତ କଥା ଚିନ୍ତା କରି ବ୍ରିଟେନ୍ ଏବେ ଆମେରିକାକୁ ସହଯୋଗ କରିବାକୁ ରାଜି ହୋଇଛି। ଯେବେକି ପୂର୍ବରୁ ଆମେରିକାକୁ ସହଯୋଗ କରିବାକୁ ମନା କରିଦେଇଥିଲା, ଯେଉଁଥିପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସନ୍ତୋଷ ପ୍ରକାଶ କରିଥିଲେ।

## ଇସ୍ରାଏଲକୁ ଇରାନର ଚେତାବନୀ

# ପରମାଣୁ ବୋମା ପ୍ଲାଣ୍ଟକୁ ଉଡାଇ ଦେବୁ



**ତେହେରାନ:** ଇରାନ ଚେତାବନୀ ଦେଇଛି ଯେ, ଯଦି ଶାସନ ପରିବର୍ତ୍ତନର ପ୍ରୟାସ କରାଯାଏ, ତେବେ ଇସ୍ରାଏଲର ଡିମୋନା ପରମାଣୁ ସ୍ଥଳ ଉପରେ ଆକ୍ରମଣ କରାଯିବ। ଇରାନର ଅର୍ଦ୍ଧ-ସରକାରୀ ଆଇଏସ୍ଏନ୍ଏ ସମାଚାର ଏଜେନ୍ସି ଜଣେ ଇରାନୀ ସାମରିକ ଅଧିକାରୀଙ୍କ ଉଦ୍ଧୃତି ଦେଇ ଏହା କହିଛି। ଇରାନୀ ସାମରିକ ଅଧିକାରୀଙ୍କ ଚେତାବନୀ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବାରମ୍ବାର ଶାସନ ପରିବର୍ତ୍ତନର ଚେତାବନୀ ଦେଉଛନ୍ତି। ଯଦିଓ କିଛି ଅଧିକାରୀ କହିଛନ୍ତି ଯେ, ସର୍ତ୍ତ ପୂରଣ ହୋଇଛି ବୋଲି କହି ଡୋନାଲ୍ଡ ଟ୍ରମ୍ପ ହଠାତ୍ ଯୁଦ୍ଧରୁ ଓହରି ଯାଇପାରନ୍ତି। ଜେରୁସାଲେମ ପୋଷ୍ଟ ବରିଷ୍ଠ ଇସ୍ରାଏଲୀ ଅଧିକାରୀଙ୍କ ଉଦ୍ଧୃତି ଦେଇ କହିଛି, ଇରାନରେ ସରକାରର ପ୍ରକୃତ ପରିବର୍ତ୍ତନ ସମ୍ଭବ ନହେବା ପର୍ଯ୍ୟନ୍ତ ଟ୍ରମ୍ପ ଯୁଦ୍ଧ କରିବେ। ଜଣେ ବରିଷ୍ଠ ଇସ୍ରାଏଲୀ ଅଧିକାରୀ ଜେରୁସାଲେମ ପୋଷ୍ଟକୁ କହିଛନ୍ତି, ଟ୍ରମ୍ପ ଏହି ପଦକ୍ଷେପ ସହିତ ଆଗକୁ ବଢ଼ିବାକୁ ଚାହୁଁଛନ୍ତି। ସେ ପୂର୍ବରୁ ଲକ୍ଷ୍ୟ ଚିହ୍ନଟ କରିସାରିଛନ୍ତି। ସେ ସରକାର ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ଏବଂ ତାଙ୍କର ଯୁଦ୍ଧ ଗତି କମ୍ କରିବାର କରିବାର କୌଣସି ଉଦ୍ଦେଶ୍ୟ ନାହିଁ। ଆମେରିକା ଏବଂ ଇସ୍ରାଏଲୀ ଅଧିକାରୀମାନେ କହିଛନ୍ତି, ଇରାନ ସରକାର ବର୍ତ୍ତମାନ ପରିସ୍ଥିତିକୁ ପରିଚାଳନା କରିବା ପାଇଁ ସଂଘର୍ଷ କରୁଛନ୍ତି। ଡିମୋନା ନ୍ୟୁକ୍ଲିୟର ସାଇଟ୍ ଆନୁଷ୍ଠାନିକ ଭାବରେ ଶିମୋନ ପେରେସ୍ ନେଗେଭ୍ ନ୍ୟୁକ୍ଲିୟର ରିସର୍ଚ୍ଚ ସେଣ୍ଟର ଭାବରେ ଜଣାଶୁଣା, ଇସ୍ରାଏଲର ନେଗେଭ୍ ମରୁଭୂମିରେ ଅବସ୍ଥିତ ଏକ ଅତ୍ୟନ୍ତ ଗୁପ୍ତ ନ୍ୟୁକ୍ଲିୟର ସୁବିଧା। ଏହାର ନିର୍ମାଣ କାର୍ଯ୍ୟ ୧୯୫୦ ଦଶକରେ ଆରମ୍ଭ ହୋଇଥିଲା। ଇସ୍ରାଏଲ ଏହାକୁ ଗୁପ୍ତ ଫରାସୀ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ନିର୍ମାଣ କରିଥିଲା। ପ୍ରାରମ୍ଭରେ, ଏହାର ପରିଚୟ ଲୁଚାଇବା ପାଇଁ, ଏହାକୁ ବିଶ୍ୱ ସମ୍ମୁଖରେ ଏକ କପଡ଼ା କାରଖାନା ଭାବରେ ବର୍ଣ୍ଣନା କରାଯାଇଥିଲା। ଇସ୍ରାଏଲ ଏହାକୁ ଆନୁଷ୍ଠାନିକ ଭାବରେ ଏକ ଗବେଷଣା କେନ୍ଦ୍ର ଭାବରେ ବର୍ଣ୍ଣନା କରେ ଯାହା ବିଜ୍ଞାନ, ସ୍ୱାସ୍ଥ୍ୟ ଏବଂ କୃଷିରେ ନ୍ୟୁକ୍ଲିୟର ଶକ୍ତିର ବ୍ୟବହାର ଉପରେ କାର୍ଯ୍ୟ କରିଥାଏ। କିନ୍ତୁ ଅନ୍ତର୍ଜାତୀୟ ବିଶେଷଜ୍ଞ ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ଅନୁସାରେଏହା ଇସ୍ରାଏଲର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମର କେନ୍ଦ୍ର। ଏହା ପ୍ଲୁଟୋନିୟମ୍ ଉତ୍ପାଦନ କରୁଥିବା ଅନୁମାନ କରାଯାଇଥାଏ। ଯାହା ପରମାଣୁ ବୋମା ତିଆରି ପାଇଁ ବ୍ୟବହୃତ ହୁଏ। ସାମ୍ପ୍ରତିକ ସାଟେଲାଇଟ୍ ଚିତ୍ରଗୁଡ଼ିକ ପ୍ରକାଶ କରିଛି ଯେ ଏହି ସ୍ଥାନରେ ନୂତନ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ଅଞ୍ଚଳ ବିଶ୍ୱର ସବୁଠାରୁ ସୁରକ୍ଷିତ ଅଞ୍ଚଳ ମଧ୍ୟରୁ ଗୋଟିଏ, ସୁରକ୍ଷା ଏତେ କଡ଼ା ଯେ ବିମାନ ମଧ୍ୟ ଉଡ଼ାଣ ନିଷେଧ।

# ଇସ୍ତଫା ଦେଲେ ପ.ବଙ୍ଗ ରାଜ୍ୟପାଳ

**କୋଲକାତା:** ଆଉ କିଛି ମାସ ପରେ ପଶ୍ଚିମବଙ୍ଗରେ ହେବ ବିଧାନସଭା ନିର୍ବାଚନ। କିନ୍ତୁ ଏହାର ଠିକ ପୂର୍ବରୁ ବେଙ୍ଗଲର ରାଜ୍ୟପାଳ ସିଭି ଆନନ୍ଦ ବୋଷ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜର



ଇସ୍ତଫାପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇ ଦେଇଛନ୍ତି। ହେଲେ ହଠାତ୍ ଶ୍ରୀ ବୋଷ କାହିଁକି ଇସ୍ତଫା ଦେଲେ, ସେକଥା ସ୍ପଷ୍ଟ ହୋଇନାହିଁ। ଶ୍ରୀ ବୋଷ ସାଢ଼େ ୩ ବର୍ଷ ହେଲା ବେଙ୍ଗଲର ରାଜ୍ୟପାଳ ଭାବେ କାମ କରୁଥିଲେ। ଏହି ସାଢ଼େ ୩ ବର୍ଷ ଭିତରେ ଅନେକ ଥର ପଶ୍ଚିମବଙ୍ଗ ସରକାରଙ୍କ ସହ ତାଙ୍କର ତିକ୍ତତା ଲାଗି ରହିଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସମୟରେ ବେଙ୍ଗଲ ସରକାରଙ୍କୁ ଶ୍ରୀ ବୋଷ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ କରିବାର ନଜିର ମଧ୍ୟ ରହିଛି। ଇସ୍ତଫା ପରେ ସେ ପିଟିଆଇକୁ କହିଛନ୍ତି ଯେ ଅଫିସରେ ସେ ଅନେକ ସମୟ ବିତାଇ ସାରିଛନ୍ତି। ଏବେ ତାଙ୍କୁ ଆଉ ଅଫିସରେ ରହିବାର ଇଚ୍ଛା ନାହିଁ। ଅନ୍ୟପକ୍ଷରେ ତାମିଲନାଡୁର ରାଜ୍ୟପାଳ ଆରଏନ ରବି ବେଙ୍ଗଲର ରାଜ୍ୟପାଳ ହେବେ ବୋଲି ଖୋଦ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ୍ସରେ ପୋଷ୍ଟ କରିଛନ୍ତି। ଏ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଅବଗତ କରାଯାଇଥିବା ମମତା ଦାବି କରିଛନ୍ତି। ବେଙ୍ଗଲ ଭଳି ତାମିଲନାଡୁରେ ମଧ୍ୟ ଖୁବଶୀଘ୍ର ବିଧାନସଭା ନିର୍ବାଚନ ହେବ। ସେଠାରେ ମଧ୍ୟ ଡିଏମକେ ସରକାରଙ୍କ ସହ ରାଜ୍ୟପାଳ ରବିଙ୍କ ତିକ୍ତତା ଲାଗି ରହିଛି। ମମତା କହିଛନ୍ତି ଯେ ସିଭି ଆନନ୍ଦ ବୋଷଙ୍କ ଅଚାନକ ଇସ୍ତଫାରେ ସେ ସ୍ତବ୍ଧ। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ କଲ କରି ଆରଏନ ରବିଙ୍କୁ ବେଙ୍ଗଲ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିବା କହିଛନ୍ତି। ହେଲେ ରାଜ୍ୟପାଳଙ୍କ ନିଯୁକ୍ତି ପୂର୍ବରୁ ତାଙ୍କ ସହ ବିଚାର କରାଯାଇ ନଥିବାରୁ ମମତା ଅସନ୍ତୋଷ ପ୍ରକାଶ କରିଛନ୍ତି।

# କୁର୍ଦିଶ ଓ ଆମେରିକାକୁ ଟାର୍ଗେଟ

**ତେହେରାନ:** ପଡ଼ୋଶୀ ଇରାକରେ ଥିବା ଆମେରିକା ଓ ଇସ୍ରାଏଲ ସପକ୍ଷବାଦୀ କୁର୍ଦିଶ ଗ୍ରୁପକୁ ଟାର୍ଗେଟ କରିଛି ଇରାନ। ଏଥିସହ ଇରାକରେ ଥିବା ଆମେରିକା ସେନାର ମୁଖ୍ୟାଳୟକୁ ମଧ୍ୟ ଇରାନ ପକ୍ଷରୁ ଟାର୍ଗେଟ କରାଯାଇଛି। ଏହାବାଦ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ମହାଯୁଦ୍ଧର ୬ଷ୍ଠ ଦିନରେ ଇରାନ ମିସାଇଲ ଓ ଡ୍ରୋନ ଦ୍ୱାରା ଆମେରିକା ଓ ଇସ୍ରାଏଲକୁ ଟାର୍ଗେଟ କରିଛି। ଫଳରେ ୩ ଦେଶ ମଧ୍ୟରେ ଜାରି ରହିଥିବା ଲଢ଼େଇ ଭୟଙ୍କର ରୂପ ଧାରଣ କରିଛି।ଇରାନର ପ୍ରେସ ଟିଭି ରିପୋର୍ଟ କରିଛି ଯେ ଗୁରୁବାର ଭୋର ସମୟରୁ ତେହରାନ ସେନା ଇରାନ ବିରୋଧୀ ବିଦ୍ରୋହୀ ସଂଗଠନକୁ ଟାର୍ଗେଟ କରିଛି। ହେଲେ ଆକ୍ରମଣ କେଉଁ ସ୍ଥାନରେ ହୋଇଛି, ନିର୍ଦ୍ଦିଷ୍ଟ ଭାବେ ତା'ର ସୂଚନା ଦେଇନାହିଁ। ଇରାନର ଗୁଇନ୍ଦା ମନ୍ତ୍ରଣାଳୟର କହିବା କଥା ଯେ ବିଦ୍ରୋହୀ ସଂଗଠନ ପଶ୍ଚିମ ସୀମା ଦେଇ ଇରାନରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ।କିନ୍ତୁ ସେମାନଙ୍କୁ ଟାର୍ଗେଟ କରାଯାଇଛି। ଆକ୍ରମଣରେ ବିଦ୍ରୋହୀ ସଂଗଠନ ବ୍ୟାପକ କ୍ଷତି ସହିଛି। ଇସ୍ରାଏଲ ଓ ଆମେରିକା ସହ ମିଶି କୁର୍ଦିଶ ଫୋର୍ସ ଇରାନ ମାଟିରେ ଆକ୍ରମଣ ଯୋଜନା କରୁଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୧୬୦ ଦେଶରେ ପେଣ୍ଟାଗନର ଲକ୍ଷେ ସୈନ୍ୟ ନିୟୋଜିତ



**ୱାଶିଂଟନ:** ପରିବର୍ତ୍ତିତ ବିଶ୍ୱସ୍ତରୀୟ ସୁରକ୍ଷା ପରିସ୍ଥିତି ମଧ୍ୟରେ ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ନିଜର ସାମରିକ ଶକ୍ତି ଏବଂ ପ୍ରସ୍ତୁତିର ଏକ ବିରାଟ ବିବରଣୀ ଉପସ୍ଥାପନ କରିଛି। ବର୍ତ୍ତମାନ, ବିଶ୍ୱର ୧୬୦ ବିଭିନ୍ନ ଦେଶରେ ୧ ଲକ୍ଷ ୮ ହଜାରରୁ ଅଧିକ ଆମେରିକୀୟ ସୈନିକ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଏହି ସୈନିକମାନେ କେବଳ ଆମେରିକାର ସ୍ୱାର୍ଥକୁ ସୁରକ୍ଷା ଦେଉଛନ୍ତି ନାହିଁ, ବରଂ ବିଶ୍ୱ ସ୍ତରରେ ଉଭା ହେଉଥିବା ନୂତନ ସୁରକ୍ଷା ଚ୍ୟାଲେଞ୍ଜର ମଧ୍ୟ ମୁକାବିଲା କରୁଛନ୍ତି। ଏହି ନିୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଇରାନ, ଚୀନ୍ ଏବଂ ରୁଷ ଭଳି ଦେଶଗୁଡ଼ିକର ସମ୍ଭାବ୍ୟ ଚ୍ୟାଲେଞ୍ଜକୁ ପ୍ରଭାବଶାଳୀ ଭାବରେ ମୁକାବିଲା କରିବା ଏବଂ ଅନ୍ତର୍ଜାତୀୟ ସ୍ଥିରତା ବଜାୟ ରଖିବା।ଏକ ସିନେଟ୍ କମିଟି ସମ୍ମୁଖରେ ସାକ୍ଷ୍ୟ ଦେଇ, ଆମେରିକୀୟ ସେନାର ଉପାଧ୍ୟକ୍ଷ ଜେନେରାଲ କ୍ରିଷ୍ଟୋଫର ଲାନେଭ କହିଛନ୍ତି, ଆମର ସୈନ୍ୟମାନେ ବର୍ତ୍ତମାନ ସାରା ବିଶ୍ୱରେ ସକ୍ରିୟ ଅଛନ୍ତି। ଏହି ସାହସୀ ସୈନିକମାନେ ପଶ୍ଚିମ ଗୋଲାର୍ଦ୍ଧର ସୁରକ୍ଷା ସୁନିଶ୍ଚିତ କରୁଛନ୍ତି, ଏବଂ ଇରାନ ତଥା ଏହାର ଆଞ୍ଚଳିକ ହଯୋଗୀମାନଙ୍କ ଦ୍ୱାରା କ୍ଷେପଣାସ୍ତ୍ର ଓ ବିପଦପୂର୍ଣ୍ଣ ଡ୍ରୋନ୍ ଆକ୍ରମଣକୁ ପ୍ରତିରୋଧ କରୁଛନ୍ତି। ସେମାନେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି, ନିଜ ଜୀବନକୁ ବାଜି ଲଗାଇ, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ସୁରକ୍ଷା ଦେବା ସହିତ ଶତ୍ରୁ କାର୍ଯ୍ୟକଳାପ ଉପରେ ସତର୍କ ନଜର ରଖିଛନ୍ତି। ଆଡମିରାଲ ଜେମ୍ସ କିଲବି ଆଇନ ପ୍ରଣୟନକାରୀମାନଙ୍କୁ ସୂଚନା ଦେଇଛନ୍ତି ଯେ ଆମେରିକା ନୌସେନା ଏବେ ଏହାର ଜାହାଜଗୁଡ଼ିକୁ ଆଧୁନିକୀକରଣ କରିବା ଏବଂ ଯୁଦ୍ଧଜାହାଜ ମରାମତିରେ ଦୀର୍ଘ ବିଳମ୍ବ ହ୍ରାସ କରିବା ଉପରେ ଧ୍ୟାନ ଦେଉଛି। ଭବିଷ୍ୟତର ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ବାୟୁସେନା ପ୍ରତିବର୍ଷ ପ୍ରାୟ ୧,୫୦୦ ନୂତନ ପାଇଲଟଙ୍କୁ କଠୋର ତାଲିମ ଦେଉଛି ଯାହା ଦ୍ୱାରା ଆବଶ୍ୟକ ହେଲେ ଶତ୍ରୁ ବିରୁଦ୍ଧରେ ଶୀଘ୍ର ଏବଂ ସଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ବି-୨୧ ବୋମାବର୍ଷୀ ଭଳି ନୂତନ ଯୁଦ୍ଧ ପ୍ରଣାଳୀର ବିକାଶ ଏବଂ ବିଦ୍ୟମାନ ବିମାନର ଆଧୁନିକୀକରଣ ଆମେରିକୀୟ ସେନାର ଭବିଷ୍ୟତ ରଣନୈତିକ ପ୍ରସ୍ତୁତିର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଦୃଢ଼ ଉପାଦାନ ପାଲଟିଛି। ମହାକାଶ ବାହିନୀର ବରିଷ୍ଠ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ଆଜିର ଆଧୁନିକ ଯୁଦ୍ଧରେ, ମହାକାଶର ଭୂମିକା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ, ସମ୍ବେଦନଶୀଳ ଏବଂ ନିର୍ଣ୍ଣାୟକ ହୋଇଯାଇଛି। ସମ୍ପ୍ରତି, କ୍ଷେପଣାସ୍ତ୍ର ସତର୍କତା, ସଠିକତା ନାଭିଗେସନ୍ ଏବଂ ମହାକାଶ ନିରୀକ୍ଷଣ ପାଇଁ ଅନେକ ନୂତନ, ଉନ୍ନତ ଉପଗ୍ରହ ଉତକ୍ଷେପଣ କରାଯାଇଛି, ଯାହା ଶତ୍ରୁର ପ୍ରତ୍ୟେକ ଛୋଟ ଏବଂ ବଡ଼ ଗତିବିଧିକୁ ସମୟାନୁସାରେ ଚିହ୍ନଟ କରିବାରେ ସକ୍ଷମ ହୋଇଛି। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଚୀନ୍ର କ୍ରମବର୍ଦ୍ଧିଷ୍ଣୁ ଆକ୍ରମଣାତ୍ମକ ସାମରିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ, ମାରିନ୍ କର୍ପସ ଏବଂ ଆମେରିକା ନୌସେନା ସତର୍କତା ବୃଦ୍ଧି କରୁଛନ୍ତି। ଏହା ଆମେରିକାର ସହଯୋଗୀମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ନିଶ୍ଚିତତା ପ୍ରଦାନ କରୁଛି।

# ପ୍ରଗତି ଓ ବିକାଶ ମାସ୍କଟ ଶୁଭାରମ୍ଭ କଲେ ଶାହ



**ନୂଆଦିଲ୍ଲୀ:** କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ଆନୁଷ୍ଠାନିକ ଭାବରେ ୨୦୨୭ ଜନଗଣନା ପାଇଁ ଚାରୋଟି ଡିଜିଟାଲ୍ ଉପକରଣ ସହ ମାସ୍କଟ୍ - ପ୍ରଗତି (ମହିଳା) ଏବଂ ବିକାଶ (ପୁରୁଷ) ଉନ୍ମୋଚନ କରିଛନ୍ତି। ସେଣ୍ଟର ଫର ଡେଭଲପମେଣ୍ଟ ଅଫ୍ ଆଡଭାନ୍ସଡ୍ କମ୍ପ୍ୟୁଟିଂ (ସି-ଡିଏସି) ସାରା ଦେଶରେ ଗଣନା କାର୍ଯ୍ୟକୁ ସହଜ କରିବା ପାଇଁ ଉନ୍ନତ ଡିଜିଟାଲ୍ ପ୍ଲାଟଫର୍ମ ବିକଶିତ କରିଛି। ଏହି ଅବସରରେ କେନ୍ଦ୍ର ଗୃହ ସଚିବ ଏବଂ ଭାରତର ରେଜିଷ୍ଟ୍ରାର ଜେନେରାଲ ତଥା ଜନଗଣନା କମିଶନରଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ଜୁନ୍ ୧୬, ୨୦୨୫ରେ ଜନଗଣନା ୨୦୨୭ ପାଇଁ ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରିଥିଲେ। ଏହା ପରେ, ଜନଗଣନା ୨୦୨୭ ପ୍ରକ୍ରିୟା ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଥିଲା। ଦୁଇ ପର୍ଯ୍ୟାୟ ଜନଗଣନା ୨୦୨୭ ହେଉଛି ବିଶ୍ୱର ସର୍ବବୃହତ ଜନଗଣନା ପ୍ରୟାସ। ପ୍ରଥମ ଥର ପାଇଁ, ଜନଗଣନା ଡିଜିଟାଲ୍ ଭାବରେ କରାଯିବ, ଏବଂ ପ୍ରଥମ ଥର ପାଇଁ, ସ୍ୱୟଂ-ଗଣନାର ବିକଳ୍ପ ମଧ୍ୟ ପ୍ରଦାନ କରାଯାଉଛି। ମାସ୍କଟ ପ୍ରଗତି ଏବଂ ବିକାଶ ପ୍ରଗତି (ମହିଳା ଗଣନାକାରୀ) ଏବଂ ବିକାଶ (ପୁରୁଷ ଗଣନାକାରୀ) ମାସ୍କଟକୁ ଜନଗଣନା-୨୦୨୭ର ବନ୍ଧୁତ୍ୱପୂର୍ଣ୍ଣ, ସମ୍ପର୍କଯୁକ୍ତ ଚେହେରା ଭାବେ ଉନ୍ମୋଚନ କରାଯାଇଥିଲା। ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସଂକଳ୍ପକୁ ପୂରଣ କରିବାରେ ମହିଳା ଏବଂ ପୁରୁଷଙ୍କ ସମାନ ଅଂଶଗ୍ରହଣର ପ୍ରତୀକ ମଧ୍ୟ ଏହି ମାସ୍କଟ୍। ଏହି ମାସ୍କଟ୍ ମାଧ୍ୟମରେ, ୨୦୨୭ ଜନଗଣନା ସମ୍ବନ୍ଧୀୟ ସୂଚନା, ଉଦ୍ଦେଶ୍ୟ ଏବଂ ପ୍ରମୁଖ ବାର୍ତ୍ତା ସମାଜର ବିଭିନ୍ନ ବର୍ଗରେ ଏକ ପ୍ରଭାବଶାଳୀ ଏବଂ ନାଗରିକ ଅନୁକୂଳ ଢଙ୍ଗରେ ପ୍ରସାରିତ ହେବ।

# ଆମେରିକାର ସୁପର-ରାଡାର ଧ୍ୱଂସ

**ତେହେରାନ୍:** ଇସ୍ରାଏଲ ଓ ଆମେରିକା ଆକ୍ରମଣର ଜବାବରେ ଉପସାଗରୀୟ ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରିବା ରଣନୀତିରେ ଇରାନ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଇରାନ କତାରରେ ଥିବା ଏକ ଆମେରିକୀୟ ଘାଟିରେ କୋଟି କୋଟି ଡଲାର ମୂଲ୍ୟର ସର୍ବବୃହତ ରାଡାରକୁ ଧ୍ୱଂସ କରିଦେଇଛି। ସାଟେଲାଇଟ୍ ଚିତ୍ରଗୁଡ଼ିକ ଘାଟିର ବ୍ୟାପକ କ୍ଷତିକୁ ଦର୍ଶାଇଛି।ଇରାନର ଏକ-ପାଖିଆ ଆକ୍ରମଣରେ ଡ୍ରୋନ୍ କିମ୍ବା ଅନ୍ୟ ପ୍ରୋଜେକ୍ଟାଇଲ୍, କତାରରେ ଥିବା ଆମେରିକୀୟ ମହାକାଶ ବାହିନୀର "ଏଏନ୍/ଏଫପିଏସ୍-୧୩୨" (ବ୍ଲକ୍ ୫) ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ରାଡାର ସିଷ୍ଟମକୁ କ୍ଷତି ପହଞ୍ଚାଇଛି। ଏହା କେବଳ ଆମେରିକା ପାଇଁ ସାମରିକ କ୍ଷତି ନୁହେଁ ବରଂ ଏକ ଆର୍ଥିକ ବିପର୍ଯ୍ୟୟ ମଧ୍ୟ ଆଣିଛି। ଇରାନୀ ଆକ୍ରମଣରେ ନଷ୍ଟ ହୋଇଥିବା ଆମେରିକୀୟ ରାଡାରର ମୂଲ୍ୟ ୧.୧ ବିଲିୟନ ଡଲାର ବୋଲି ଜଣାପଡ଼ିଛି।

# ୬ ଦିନରେ ୨୭ ହଜାର କୋଟି ଖର୍ଚ୍ଚ

**ଜେରୁସେଲମ:** ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଜାରି ରହିଛି। ୬ ଦିନ ମଧ୍ୟରେ ଉଭୟ ପକ୍ଷ ପରସ୍ପର ଉପରେ ଲଗାତାର ଆକ୍ରମଣ କରୁଛନ୍ତି। ଏହି ସଂଘର୍ଷରେ ଶହ ଶହ ଲୋକ ପ୍ରାଣ ହରାଇଛନ୍ତି, କିନ୍ତୁ କୌଣସି ଦେଶ ଯୁଦ୍ଧ ବନ୍ଦ କରିବା ପାଇଁ ପଦକ୍ଷେପ ନେଇନାହାନ୍ତି। ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବରେ ଇରାନ ଉପରେ ଆକ୍ରମଣ କରୁଛନ୍ତି, ଯେତେବେଳେ ଇରାନ ଏକୁଟିଆ ପ୍ରତିଶୋଧ ନେଉଛି। ଏହି ଯୁଦ୍ଧ ଇସ୍ରାଏଲର ଅର୍ଥନୀତି ଉପରେ ଗମ୍ଭୀର ପ୍ରଭାବ ପକାଇଛି।

ଇସ୍ରାଏଲର ଅର୍ଥ ମନ୍ତ୍ରଣାଳୟ ଅନୁଯାୟୀ, ଇରାନ ସହିତ ଚାଲିଥିବା ଯୁଦ୍ଧ ଦେଶକୁ ପ୍ରତି ସପ୍ତାହରେ ପ୍ରାୟ ୯ ବିଲିୟନ ଶେକେଲ (ପ୍ରାୟ ୨.୯୩ ବିଲିୟନ ଆମେରିକୀୟ ଡଲାର) କ୍ଷତି ପହଞ୍ଚାଇପାରେ। ଭାରତୀୟ ମୁଦ୍ରାରେ ପ୍ରତି ସପ୍ତାହରେ ଏହା ପ୍ରାୟ ୨୭,୦୦୦କୋଟି ଟଙ୍କା ହେବ। ଏହାର ଅର୍ଥ ହେଉଛି ଯେ, ଯୁଦ୍ଧ ଇସ୍ରାଏଲ ପାଇଁ ମଧ୍ୟ ଏକ ବଡ଼ ଆର୍ଥିକ ବୋଝ ପାଲଟିଛି। ଯଦି ଯୁଦ୍ଧ ଜାରି ରହେ, ତେବେ ଆର୍ଥିକ କ୍ଷତି ଆହୁରି ବୃଦ୍ଧି ପାଇପାରେ।

# ଭାରତର ଅସ୍ୱୀକାର

**ନୂଆଦିଲ୍ଲୀ:** ଇରାନ ସହିତ ଇସ୍ରାଏଲ-ଆମେରିକା ଯୁଦ୍ଧରେ ନାଟୋ ଦେଶଗୁଡ଼ିକ ଆମେରିକାକୁ ସମର୍ଥନ କରୁଛନ୍ତି। ଯେତେବେଳେ ଚୀନ୍ ଇରାନକୁ ସମର୍ଥନ କରିଛି। ଏହି ସମୟରେ, ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ଆମେରିକା ଇରାନ ଉପରେ ଆକ୍ରମଣ କରିବା ପାଇଁ ଭାରତୀୟ ବନ୍ଦରଗୁଡ଼ିକୁ ବ୍ୟବହାର କରୁଛି। ତେବେ ଭାରତ ଏହି ରିପୋର୍ଟର ଦାବିକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାନ କରି ଏହାକୁ ଭିତ୍ତିହୀନ ବୋଲି କହିଛି। ପୂର୍ବତନ ଆମେରିକୀୟ ସେନା କର୍ଣ୍ଣେଲ ଡଗଲାସ ମ୍ୟାକଗ୍ରେଗର ଆମେରିକୀୟ ନ୍ୟୁଜ୍ ଚ୍ୟାନେଲ୍ ୱାନ୍ ଆମେରିକା ନ୍ୟୁଜ୍ ନେଟୱାର୍କ ସହିତ ଏକ ସାକ୍ଷାତକାରରେ କହିଛନ୍ତି।

# ହର୍ମୁଜ ପ୍ରଣାଳୀରେ ଫସିଲେ ୧୧୦୯ ଭାରତୀୟ ନାବିକ



**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ, ୩୭ଟି ଭାରତୀୟ ଜାହାଜ ଓ ୧,୧୦୯ ଜଣ ଭାରତୀୟ ନାବିକ ହର୍ମୁଜ୍ ପ୍ରଣାଳୀ ପାଖରେ ଫସି ରହିଛନ୍ତି। ଇରାନର ଚେତାବନୀ ପରେ, ଏହି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥରେ ଜାହାଜ ଚଳାଚଳ ହ୍ରାସ କରାଯାଇଛି, ଯାହା ଭାରତକୁ ପ୍ରଭାବିତ କରିବା ସହିତ ଫସିରହିଥିବା ନାବିକଙ୍କ ସୁରକ୍ଷା ଓ ଦେଶର ଯୋଗାଣ ଶୃଙ୍ଖଳାକୁ ନେଇ ଚିନ୍ତା ସୃଷ୍ଟି କରିଛି। ଭାରତୀୟ ଜାତୀୟ ଜାହାଜ ମାଲିକ ସଂଘ (ଆଇଏନଏସଏ) ଏକ ବିବୃତ୍ତି ଜାରି କରି କହିଛି ଯେ ଏହି ଜାହାଜଗୁଡ଼ିକ ପାରସ୍ୟ ଉପସାଗର ଏବଂ ଓମାନ ଉପସାଗର ପାଖରେ ଅଟକି ରହିଛନ୍ତି। ଏହି ଜାହାଜଗୁଡ଼ିକ ମଧ୍ୟରୁ କିଛି ମାଲ ଲୋଡିଂ ଅପେକ୍ଷାରେ ଅଛି, ତ ଅନ୍ୟଗୁଡ଼ିକ ପୂର୍ବରୁ ଲୋଡିଂ ହୋଇସାରିଛି। ସଂଘ ଭାରତ ସରକାରଙ୍କୁ ହସ୍ତକ୍ଷେପ କରିବାକୁ ନିବେଦନ କରିଛି। ସରକାର ଏହି ଜାହାଜଗୁଡ଼ିକୁ ସୁରକ୍ଷିତ ଭାବରେ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଅନୁମତି ଦେବା ପାଇଁ ପଦକ୍ଷେପ ନେବା ଉଚିତ। ସଂଗଠନ ଏହା ମଧ୍ୟ କହିଛି ଯେ ଅନେକ ଜାହାଜ ନିର୍ଦ୍ଦେଶ ଅପେକ୍ଷାରେ ଅଛନ୍ତି, ଏବଂ ଭାରତୀୟ ନାବିକଙ୍କ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ। ଅପରପକ୍ଷରେ, ହର୍ମୁଜ୍ ପ୍ରଣାଳୀକୁ ଇରାନ ବନ୍ଦ କରିନଥିବା ଇରାନୀ ବ୍ରିଗେଡିୟର ଜେନେରାଲ କେୟୁମାର୍ସ ହେଡାରି ଦାବି କରିଛନ୍ତି। ସେ କହିଛନ୍ତି, ଆପଣ ଏହା ମଧ୍ୟ କହିପାରିବେ ଯେ ଆମେରିକା ଏହାକୁ ବନ୍ଦ କରିଦେଇଛି। ଆମେ କେବଳ ହର୍ମୁଜ୍ ରେ ଆମର ସାମୁଦ୍ରିକ ଅଧିକାରକୁ କାର୍ଯ୍ୟକାରୀ କରୁଛୁ। ଏହି କରିଡର ଦେଇ ଯାଉଥିବା ଜାହାଜଗୁଡ଼ିକୁ ଅନ୍ତର୍ଜାତୀୟ ନିୟମ ଅନୁସାରେ ପରିଚାଳନା କରାଯାଏ।

# ରାଜ୍ୟସଭା ପାଇଁ ପ୍ରାର୍ଥୀପତ୍ର ଦାଖଲ କଲେ ନୀତିଶ କୁମାର



**ପାଟନା:** ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଗୁରୁବାର ରାଜ୍ୟସଭା ନିର୍ବାଚନ ପାଇଁ ତାଙ୍କର ନାମାଙ୍କନ ଦାଖଲ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସମେତ ଅନେକ ବରିଷ୍ଠ ଏନଡିଏ ନେତା ଉପସ୍ଥିତ ଥିଲେ।ଗତବର୍ଷ ବିଧାନସଭା ନିର୍ବାଚନ ପରେ, ନୀତିଶ କୁମାର ଫେବୃଆରି ୨୭ ତାରିଖରେ ରେକର୍ଡ ଭାବେ ଦଶମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଥିଲେ। ରାଜ୍ୟସଭାରେ ପ୍ରବେଶ କରିବାର ତାଙ୍କର ହଠାତ୍ ନିଷ୍ପତ୍ତି ରାଜନୈତିକ ମହଲରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ନାମାଙ୍କନ ଦାଖଲ କରିବା ପୂର୍ବରୁ, ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଇନଷ୍ଟାଗ୍ରାମରେ ପୋଷ୍ଟ କରି ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି, ଆପଣମାନେ ମୋ ପ୍ରତି ନିରନ୍ତର ଆପଣଙ୍କର ବିଶ୍ୱାସ ଏବଂ ସମର୍ଥନ ବଜାୟ ରଖିଛନ୍ତି, ସେଥିପାଇଁ ମୁଁ ସମ୍ପୂର୍ଣ୍ଣ ନିଷ୍ଠାର ସହିତ ବିହାର ଏବଂ ଆପଣମାନଙ୍କ ସମସ୍ତଙ୍କର ସେବା କରିଛି। ଆପଣଙ୍କ ବିଶ୍ୱାସ ଏବଂ ସମର୍ଥନ ଯୋଗୁ ହିଁ ବିହାର ଆଜି ବିକାଶ ଏବଂ ସମ୍ମାନର ଏକ ନୂତନ ଦିଗ ଉପସ୍ଥାପନ କରୁଛି। ଏଥିପାଇଁ, ମୁଁ ପୂର୍ବରୁ ଅନେକ ଥର ମଧ୍ୟ ଆପଣଙ୍କ ପ୍ରତି ମୋର କୃତଜ୍ଞତା ପ୍ରକାଶ କରିଛି।ମୁଁ ମୋର ସଂସଦୀୟ କ୍ୟାରିଅର ଆରମ୍ଭ କରିବା ଦିନଠାରୁ, ମୋର ବିହାର ବିଧାନସଭାର ଉଭୟ ଗୃହ ଏବଂ ସଂସଦର ଉଭୟ ଗୃହର ସଦସ୍ୟ ହେବା ପାଇଁ ଇଚ୍ଛା ଥିଲା। ଏହି ପରିପ୍ରେକ୍ଷୀରେ, ମୁଁ ଏହି ନିର୍ବାଚନରେ ରାଜ୍ୟସଭାର ସଦସ୍ୟ ହେବାକୁ ଚାହୁଁଛି।ମୁଁ ଆପଣଙ୍କୁ ସମ୍ପୂର୍ଣ୍ଣ ଆନ୍ତରିକତାର ସହିତ ଆଶ୍ୱସ୍ତି ଦେବାକୁ ଚାହୁଁଛି ଯେ, ଆପଣଙ୍କ ସହିତ ଏହି ସମ୍ପର୍କ ଭବିଷ୍ୟତରେ ମଧ୍ୟ ଜାରି ରହିବ, ଏବଂ ଏକ ବିକଶିତ ବିହାର ଗଠନ ପାଇଁ ଏକାଠି କାମ କରିବାର ମୋର ସଂକଳ୍ପ ଅକ୍ଷୁର୍ଣ୍ଣ ରହିବ। ଯେକୌଣସି ନୂତନ ସରକାର ଗଠନ ହେଲେ ମଧ୍ୟ ମୋର ପୂର୍ଣ୍ଣ ସମର୍ଥନ ଏବଂ ମାର୍ଗଦର୍ଶନ ରହିବ। ନୀତିଶ କୁମାରଙ୍କ ଘୋଷଣା ପରେ, ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଆଲୋଚନା ଜୋର ଧରିଛି।

# ସାନିଆଙ୍କୁ ବିବାହ କଲେ ଅର୍ଜୁନ



ମୁମ୍ବାଇ,୫।୩(ଏଜେନ୍ସି): କ୍ରିକେଟ ଭଗବାନ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ବିବାହ କରିଛନ୍ତି । ସେ ସାନିଆ ଚାନ୍ଦୋକଙ୍କ ହାତ ଧରିଛନ୍ତି । ଏହା ପୂର୍ବରୁ ଗତ ୩ ତାରିଖରେ ମହାଲକ୍ଷ୍ମୀ ରେସ କୋର୍ସରେ ମେହେନ୍ଦି ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିବାହରେ ଅତିଥି ଭାବେ ଅନେକ ପ୍ରମୁଖ ବ୍ୟକ୍ତିଙ୍କୁ ଦେଖିବାକୁ ମିଳିଛି । ଭାରତୀୟ ଦଳର ପୂର୍ବତନ ଅଧିନାୟକ ଏମଏସ ଧୋନୀ ଅର୍ଜୁନଙ୍କ ବିବାହରେ ଯୋଗଦେଇଥିଲେ । ଭାରତୀୟ ଦଳର ପୂର୍ବତନ ଦ୍ରୁତ ବୋଲର ତଥା ବର୍ତ୍ତମାନର ଚୟନକର୍ତ୍ତା ଅଜିତ ଅଗରକର, ପୂର୍ବତନ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ମଧ୍ୟ ପତ୍ନୀଙ୍କ ସହ ବିବାହ ଉତ୍ସବରେ ନଜର ଆସିଥିଲେ । ଆଜିଙ୍କ୍ୟ ରାହାଣେ, ଅନିଲ କୁମ୍ବଲେ, ସୁରେଶ ରାଇନା, ଭେଙ୍କଟେଶ ପ୍ରସାଦ, ଆକାଶ ଚୋପ୍ରା ଓ ୟୁସଙ୍କ ଭଳି ବହୁ ପୂର୍ବତନ କ୍ରିକେଟର ଯୋଗଦେଇଥିଲେ । ଏହି ବିବାହ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ଅନେକ ରାଜନୈତିକ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଅର୍ଜୁନ ତେନ୍ଦୁଲକରଙ୍କ ପତ୍ନୀ ସାନିଆ ଚାନ୍ଦୋକ ଜଣେ ଉଦ୍ୟୋଗୀ । ସେ ମୁମ୍ବାଇର ଶିଳ୍ପପତି ରବି ଘାଇଙ୍କ ନାତୁଣୀ । ସାନିଆଙ୍କର ଏକ ପେଟ୍ କେୟାର ବ୍ରାଣ୍ଡ ଅଛି । ଏହା ପୋଷା ପ୍ରାଣୀମାନଙ୍କର ଚର୍ମର ଯତ୍ନ, ବୃଦ୍ଧି ଏବଂ ଅନ୍ୟାନ୍ୟ ଉତ୍ପାଦ ତିଆରି କରେ । ଅର୍ଜୁନ ରଣଜୀ ଟ୍ରଫି ସହ ଆଇପିଏଲ୍ ଖେଳୁଛନ୍ତି । ସେ ୨୦୨୬ ଆଇପିଏଲରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ପକ୍ଷରୁ ଖେଳିବେ ।

# ସଞ୍ଜୁଙ୍କ ପରାକ୍ରମ, ଫାଇନାଲରେ ଭାରତ

ମୁମ୍ବାଇ,୫।୩(ଏଜେନ୍ସି): ୱାଙ୍ଖେଡେ ଷ୍ଟାଡିୟମରେ ବିଶ୍ୱକପ ଟି-୨୦ର ସେମିଫାଇନାଲ ବଡ଼ ରୋଚକ ଥିଲା । ହାଇସ୍କୋରିଂ ମ୍ୟାଚରେ ମଧ୍ୟ ହାଇକ୍ଲାସ ଡ୍ରାମା ଦେଖିବାକୁ ମିଳିଥିଲା । ସ୍କୋର ବୋଡରେ ଭାରତର ୨୫୩ ରନ୍ ଯେମିତି ଛୋଟ ଲାଗୁଥିଲା । ଏହାକୁ ପିଛା କରି ଇଂଲଣ୍ଡ ମଧ୍ୟ ୨୪୬ ରନରେ ପହଞ୍ଚି ଯାଇଥିଲା । ଶେଷ କିଛି ଓଭର ଏପରି ଥିଲା ଯେ, ଷ୍ଟାଡିୟମର ଉପସ୍ଥିତ ୫୦ ହଜାର ଦର୍ଶକଙ୍କ ହୃଦସ୍ପନ୍ଦନ ବଢ଼ି ଯାଇଥିଲା । ଆଶା ଆଶଙ୍କା ଭିତରେ ଶେଷ କିଛି ଓଭର ପକାଇଥିବା ଯଶପ୍ରୀତ ବୁମରା, ହାର୍ଦ୍ଦିକ ପାଣ୍ଡ୍ୟା, ଅର୍ଶଦୀପ ସି ଓ ଶିବମ ଦୁବେ ଆଶାନୁରୂପ ପ୍ରଦର୍ଶନ ଦେଖାଇଥିଲେ । ତେଣୁ ଇଂଲଣ୍ଡ ବିଜୟଲକ୍ଷ୍ୟଠାରୁ ମାତ୍ର ୭ ରନ୍ ଦୂରରେ ରହିଯାଇଥିଲା । ଏହି ମ୍ୟାଚରେ ଇଂଲଣ୍ଡ ପକ୍ଷରୁ ୧୫୦ ରନର ଶତକୀୟ ଇନିଂସ ଖେଳିଥିବା ଜ୍ୟାକବ ବେଥେଲଙ୍କ ରନ ଆଉଟ୍ ମ୍ୟାଚର ମୋଡ଼ ବଦଳାଇ ଯାଇଥିଲା । ତାଙ୍କ ଲଢ଼ୁଆ ଇନିଂସ ମଧ୍ୟ ଦଳ ପରାଜୟ ସହ ବ୍ୟର୍ଥ ସାବ୍ୟସ୍ତ ହୋଇଛି । ଏହି ମ୍ୟାଚରେ ଭାରତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୫୩ ରନ୍ କରିଥିଲା । ଜବାବରେ ଇଂଲଣ୍ଡ ୨୦ ଓଭରରେ ୭ ୱିକେଟ ହରାଇ ୨୪୬ ରନ୍ କରିବାକୁ ସକ୍ଷମ ହୋଇଥିଲା । ୪୨ ବଲରୁ ୮୯ ରନର ଇନିଂସ ଖେଳିଥିବା ସଞ୍ଜୁ ସାମସନଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ରବିବାର ଅହମ୍ମଦାବାଦରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟି-୨୦ର ବିଶ୍ୱକପର ମହାଲଢ଼େଇ ହେବ ।

ମୁମ୍ବାଇର ଐତିହାସିକ ୱାଙ୍ଖେଡେ ଷ୍ଟାଡିୟମରେ ଟସ ହାରି ଭାରତ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା । ସୁପର-୮ ପର୍ଯ୍ୟାୟର ଶେଷ ମ୍ୟାଚରେ ଲୟକୁ ଫେରିଥିବା ସଞ୍ଜୁ ସାମସନଙ୍କ ସହ ଅଭିଷେକ ଶର୍ମା ପାଳି ଆରମ୍ଭ କରିଥିଲେ । ପୁଣିଥର ଇଂଲଣ୍ଡ ବିପକ୍ଷ ସେମିରେ ସଞ୍ଜୁ ସାମସନଙ୍କ ବ୍ୟାଟରୁ ବିସ୍ଫୋରକ ଇନିଂସ ଦେଖିବାକୁ ମିଳିଛି । ସାମସନ ୮୯ ରନ ଓ ଶିବମ ଦୁବେଙ୍କ ୪୩ ରନ ବଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୫୩ ରନ୍ କରିଥିଲା । ତେଣୁ ଇଂଲଣ୍ଡ ସମ୍ମୁଖରେ ୨୫୪ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଭାରତ । ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ଦ୍ୱିତୀୟ ଓଭରରେ ଓପନର ଅଭିଶେକ ଶର୍ମା (୯)ଙ୍କୁ ହରାଇଥିଲା । ୱିଲ ଜ୍ୟାକ୍ସଙ୍କୁ ବଡ ସଟ ଖେଳିବାକୁ ଯାଇ ଅଭିଶେକ ଆଉଟ୍ ହୋଇଥିଲେ । ଏତିକି ବେଳେ ସାମସନ ଓ ଇଶାନ କିଷାନ ଚାପ ମୁକ୍ତ ଇନିଂସ ଖେଳିଥିଲେ । ହ୍ୟାରି ବ୍ରୁକ ସାମସନଙ୍କ କ୍ୟାଚ ମିସ କରି ଜୀବନଦାନ ଦେଇଥିଲେ । ଏହାପରେ ସାମସନ ଆଉ ପଛକୁ ଫେରି ଦେଖିନଥିଲେ । ପଡିଆର ଚତୁଃ ଦିଗକୁ ବଡ଼ ସଟ ଖେଳି ୨୬ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ । ଦୁହେଁ ୯.୩ ଓଭର ସୁଦ୍ଧା ଦଳୀୟ ସ୍କୋରକୁ ୧୨୭ରେ ପହଞ୍ଚାଇଥିଲେ । ୧୮ ବଲରେ ୩୯ ରନ କରିଥିବା ଇଶାନ କିଷାନଙ୍କୁ ଆଦିଲ ରସିଦ ଆଉଟ୍ କରିଥିଲେ । ସାମସନ ଓ ଶିବମ ଦୁବେଙ୍କ ମଧ୍ୟରେ ତୃତୀୟ ୱିକେଟ୍ ପାଇଁ ୩୭ ରନର ପାର୍ଟନରସିପ ହୋଇଥିଲା । ସାମସନ ମଧ୍ୟ ନିଜ ଶତକ ଆଡେ ମୁହାଁଇଥିଲେ । କିନ୍ତୁ ୧୪ ଓଭରର ପ୍ରଥମ ବଲରେ ୱିଲ ଜ୍ୟାକ୍ସ ତାଙ୍କୁ ଆଉଟ୍ କରିଥିଲେ । ସାମସନ ୪୨ ବଲରେ ୭ଟି ଚୌକା ଓ ୮ଟି ଛକା ମାରି ୮୯ ରନ୍ କରିଥିଲେ । ଅଧିନାୟକ ସୂର୍ଯ୍ୟ କୁମାର ୧୧ ରନ୍ କରିଥିଲେ । ସେ ୧୬ତମ ଓଭରରେ ଆଉଟ୍ ହେବା ବେଳକୁ ଦଳୀୟ ସ୍କୋର ୧୯୦ ରନ୍ ରହିଥିଲା । ଏହାପରେ ଦୁବେ ଓ ପାଣ୍ଡ୍ୟା ସ୍ଥିତି ସମ୍ଭାଳି ଥିଲେ । ଉଭୟ ୧୭ ଓଭର ସୁଧା ଦଳୀୟ ସ୍କୋରକୁ ୨୧୧ ରନରେ ପହଞ୍ଚାଇଥିଲେ । ୧୮ ଓଭରରେ ଦୁବେ ଓ ପାଣ୍ଡ୍ୟାଙ୍କ ମଧ୍ୟରେ ତାଳମେଳ ଅଭାବରୁ ୱିକେଟ୍ ୫ଡିଥିଲା । ଦୁବେ ୨୫ ବଲରେ ୪୩ ରନ୍ କରି ରନ ଆଉଟ୍ ହୋଇଥିଲେ । ଏହାପରେ ପଡିଆକୁ ଆସିଥିଲେ ତିଳକ ବର୍ମା । ସେ ସାମ କୁମାରଙ୍କ ଚତୁର୍ଥ ବଲରେ କ୍ୟାଚ ଦେଇଥିଲେ ହେଁ ଏହାକୁ ଟମ ବଣ୍ଟନ ଧରି ପାରିନଥିଲେ । ୧୮ ଓଭର ସୁଧା ଭାରତ ୫ ୱିକେଟ୍ ହରାଇ ୨୧୭ ରନ କରିପାରିଥିଲା । ୧୯ତମ ଓଭରରେ ବୋଲିଂ କରିଥିଲେ ଜୋଫ୍ରା ଆର୍ଚର । ଏହି ଓଭରରେ ଭାରତକୁ ୨୦ ରନ୍ ମିଳିଥିଲା । ଶେଷ ଓଭର ବୋଲିଂ କରିଥିଲେ ଜ୍ୟାକ୍ସ । ପ୍ରଥମ ବଲରେ ଅକ୍ଷର ପଟେଲ ୧ ରନ୍ ନେଇଥିଲେ । ପରବର୍ତ୍ତୀ ବଲରେ ପାଣ୍ଡ୍ୟା ଛକା ମାରିଥିଲେ । ତୃତୀୟ ଡଟ୍ ଯାଇଥିଲା । ଚତୁର୍ଥ ବଲରେ ପାଣ୍ଡ୍ୟା ଛକା ମାରି ଦଳୀୟ ସ୍କୋରରେ ୨୧୫ ରନରେ ପହଞ୍ଚାଇଥିଲେ । ପଞ୍ଚମ ବଲରେ ଦୁଇ ରନ ନେବାକୁ ଯାଇ ରନ ଆଉଟ ହୋଇଥିଲେ । ସେ ୧୨ ବଲରେ ୨୭ ରନ କରିଥିଲେ । ଶେଷ ବଲରେ ବାଇ ରନ୍ ସହ ଭାରତର ସ୍କୋର ୨୫୩ ହୋଇଥିଲା ।



୨୫୪ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଇଂଲଣ୍ଡ ଦଳ ୩୮ ରନ୍ ମଧ୍ୟରେ ଦୁଇ ପ୍ରାରମ୍ଭିକ ବ୍ୟାଟରଙ୍କୁ ହରାଇଥିଲା । ଫିଲ୍ ସଲ୍ଟ ୫ ରନ୍ ଓ ଅଧିନାୟକ ହ୍ୟାରି ବ୍ରୁକ ୭ ରନ୍ କରି ଆଉଟ୍ ହୋଇଥିଲେ । କିନ୍ତୁ ୱିକେଟ ରକ୍ଷକ ଯୋଶ ବଟଲରର ୨୫ ତଥା ଜ୍ୟାବକ ବେଥେଲ ୧୦୫ ରନର ଇନିଂସ ଖେଳି ଇଂଲଣ୍ଡକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇ ଦେଇଥିଲେ । ଟମ ବଣ୍ଟନ ୧୭, ୱିଲ ଜ୍ୟାକ୍ସ ୩୫, ସାମ କୁରନ ୧୮ ତଥା ଯୋଫ୍ରା ଆର୍ଚର ୪ ବଲରୁ ୩ଟି ଛକା ସହାୟତାରେ ଅପରାଜିତ ୧୯ ରନ୍ କରିଥିଲେ । ଏହା ସତ୍ତ୍ୱେ ଇଂଲଣ୍ଡ ୨୦ ଓଭରରେ ୨୪୬/୭ ରନ୍ କରିବାକୁ ସକ୍ଷମ ହୋଇଥିଲା । ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ୨ଟି, ଅର୍ସଦୀପ ସିଂ, ଯଶପ୍ରୀତ ବୁମରା, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏଁ ୱିକେଟ୍ ସଫଳତା ହାସଲ କରିଥିଲେ ।

# କଳାହାଣ୍ଡି କପ: କ୍ୱାର୍ଟରଫାଇନାଲ ଚୂଡାନ୍ତ



ଭୁବନେଶ୍ୱର,୫।୩(ସବ୍ୟୁ):ସିନିୟର ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପର କ୍ୱାର୍ଟରଫାଇନାଲ ଲାଇନ ଅପ୍ ଚୂଡାନ୍ତ ହୋଇଛି । କଟକ ଏ', ସୁନ୍ଦରଗଡ଼, ଭୁବନେଶ୍ୱର ଏ', ରାଉରକେଲା, ପୂର୍ବତଟ ରେଳବାଇ, ଅନୁଗୁଳ, ଝାରସୁଗୁଡା ଏବଂ ବଲାଙ୍ଗୀର କ୍ୱାର୍ଟରରେ ପ୍ରବେଶ କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ପ୍ରିଲିମିନାରୀ ଲିଗର ନବମ ଦିନ ଅନୁଷ୍ଠିତ ମ୍ୟାଚ ଗୁଡିକରେ ବାଲେଶ୍ୱର, ରାଉରକେଲା, କେନ୍ଦୁଝର, କଟକ ଏ', ପାରାଦୀପ, ଝାରସୁଗୁଡା ବିଜୟୀ ହୋଇଛନ୍ତି । ରେଭେନ୍ସା ନଂ.୧ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବାଲେଶ୍ୱର ୮ ୱିକେଟରେ କଳାହାଣ୍ଡିକୁ ହରାଇଥିଲା । ଏମଜିଏମ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ରାଉରକେଲା ୧୧୦ ରନରେ ବ୍ୟବଧାନରେ ଝାରସୁଗୁଡାକୁ ହରାଇଛି । ସନସାଇନ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କେନ୍ଦୁଝର ୪ ୱିକେଟରେ ନୂଆପଡ଼ାକୁ ହରାଇଛି । ସେହିଭଳି ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ କଟକ ଏ' ଦଳ ୧୩୦ ରନ୍ ବ୍ୟବଧାନରେ କିଟକୁ ପରାଜିତ କରିଛି । ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ପାରାଦୀପ ୪ ୱିକେଟରେ ଗଞ୍ଜାମକୁ ହରାଇଛି । ବିଜେବି ସ୍କୁଲ ଗ୍ରାଉଣ୍ଡରେ ଝାରସୁଗୁଡା ୬୧ ରନ ବ୍ୟବଧାନରେ ରାୟଗଡ଼ାକୁ ପରାଜିତ କରିଛି ।

# ଘରକୁ ଯିବା ପାଇଁ ବ୍ୟସ୍ତ ହେଲେଣି ଇଣ୍ଡିଜ୍ ଖେଳାଳି

ନୂଆଦିଲ୍ଲୀ,୫।୩(ଏଜେନ୍ସି): ଟି-୨୦ ବିଶ୍ୱକପରୁ ବାଦ ପଡିସାରିଥିବା ୱେଷ୍ଟଇଣ୍ଡିଜ ଦଳ ଏବେ ଘରକୁ ଫେରିବା ପାଇଁ ବ୍ୟସ୍ତ ଅଛି । ଇରାନ ସହ ଆମେରିକା-ଇସ୍ରାଏଲ ଯୁଦ୍ଧ ଯୋଗୁଁ ଅନ୍ତର୍ଜାତୀୟ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଇଣ୍ଡିଜ ଦଳ ୪ ଦିନ ହେବ କୋଲକାତାରେ ଫଶି ରହିଛି । ଗୁରୁବାର ଦଳର ମୁଖ୍ୟ କୋଚ୍ ଡାରେନ ସାମି ଅଧିକ ବ୍ୟସ୍ତ ହୋଇପଡିଛନ୍ତି । ସେ ସୋସିଆଲ ମିଡ଼ିଆରେ ମୁଁ କେବଳ ଘରକୁ ଯିବା ପାଇଁ ଚାହୁଁଛି ବୋଲି ଲେଖିଛନ୍ତି । ସାମି ଏହି ପୋଷ୍ଟକୁ ତାଙ୍କ ମାନସିକସ୍ତରରେ ଦୁର୍ବଳ କରିଥିବା ଅନୁମାନ କରାଯାଉଛି । ୱେଷ୍ଟଇଣ୍ଡିଜ୍ ବ୍ୟତୀତ ଜିମ୍ବାୱେ ମଧ୍ୟ ଘରକୁ ଫେରିପାରିନାହିଁ । ଟୁର୍ଣ୍ଣାମେଣ୍ଟରେ ଇଣ୍ଡିଜର ପ୍ରଦର୍ଶନ ଭଲ ଥିଲେ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିପାରିନାହିଁ । ସୁପର-୮ରୁ ଦଳ ବିଦାୟ ନେଇଛି । ଖୁବ୍ ଶୀଘ୍ର ଖେଳାଳିଙ୍କୁ ନିଜ ନିଜ ଦେଶକୁ ପଠାଇବା ପାଇଁ ବିସିସିଆଇ ପକ୍ଷରୁ ବ୍ୟବସ୍ଥା କରାଯିବ ।



# ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା: ଏସଓଜି ଭୁବନେଶ୍ୱର ଚାମ୍ପିଅନ



ଛତିଆ/ଚଣ୍ଡିଖୋଲ,୫।୩(ସବ୍ୟୁ): ଯାଜପୁର ଜିଲ୍ଲାର ସୋଲର-ବୈରୀ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଚାଲିଥିବା ୫୪ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ରବିବାର ସଂନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ଏସଓଜି ଭୁବନେଶ୍ୱର ସମସ୍ତ ବିଭାଗରେ ଉତ୍କର୍ଷତା ପ୍ରତିପାଦନ କରି ଚଳିତ ଥର ଚାମ୍ପିଅନ ହୋଇଛି । ରାଜ୍ୟର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକ ବର୍ଣ୍ଣାଢ଼୍ୟ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ଓ ଦଳମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ସଞ୍ଜୟ କୁମାର ତାଙ୍କ ବକ୍ତବ୍ୟରେ ବନ୍ଧୁକ ଚାଳନା କ୍ଷେତ୍ରରେ ସର୍ବଭାରତୀୟସ୍ତରରେ ଓଡିଶା ପୋଲିସର ସୁନାମ ରହିଥିବା କହିଥିଲେ । ତେବେ ଭଲ ଅଭ୍ୟାସ ଜାରି ରଖି ଭବିଷ୍ୟତରେ ସର୍ବଭାରତୀୟ ପୋଲିସ ପ୍ରତିଯୋଗିତାରେ ଅଧିକ ସଫଳତା ହାସଲ କରିବାକୁ ସେ ପ୍ରତିଯୋଗୀମାନଙ୍କୁ ପରାମର୍ଶ ଦେବା ସହ ବିଜେତା ମାନଙ୍କୁ ରାଜ୍ୟ ପୋଲିସ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ୱତନ୍ତ୍ର ଓ ଅଧିକ ଅର୍ଥ ରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରାଯିବ ବୋଲି କହିଥିଲେ । ସୂଚନାଯୋଗ୍ୟ ଯେ,ଏହି ରାଜ୍ୟସ୍ତରୀୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ବିଭିନ୍ନ ପୋଲିସ ଜିଲ୍ଲା,ବାଟାଲିୟନ ଓ ପ୍ରତିଷ୍ଠାନରୁ ୧୬ଟି ଦଳ ଓ ୨୬୯ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସମୁଦାୟ ତିନୋଟି ବିଭାଗ ଯଥା ରାଇଫଲ, ରିଭଲଭର,ପିସ୍ତଲ ଓ କାର୍ବାଇନ, ଷ୍ଟେନଗନ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ସମାରୋହଅବସରରେବିଭିନ୍ନବିଭାଗରେଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ଓ ଦଳମାନଙ୍କୁ ଟ୍ରଫି ଓ ନଗଦ ଅର୍ଥ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା । ରାଇଫଲ ବିଭାଗରେ ଶ୍ରେଷ୍ଠ ରାଇଫଲମ୍ୟାନ୍ ଭାବେ ଏସ.ଓ.ଜି ଭୁବନେଶ୍ୱରର ହାବିଲଦାର ମନୋରଞ୍ଜନ ମହାରଣା, ଦ୍ୱିତୀୟ ଶ୍ରେଷ୍ଠ ରାଇଫଲମ୍ୟାନ୍ ଭାବେ ଏସ.ଓ.ଜି ଭୁବନେଶ୍ୱରର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରଜତ ପଟ୍ଟନାୟକ,ତୃତୀୟ ଶ୍ରେଷ୍ଠ ରାଇଫଲମ୍ୟାନ୍ ଭାବେ ପ୍ରଶିକ୍ଷଣ ପ୍ରତିଷ୍ଠାନର କନେଷ୍ଟବଳ ଦୀପକକୁମାର ଡାକୁଆ ପୁରସ୍କୃତ ହୋଇଥିଲେ । ସେହିପରି ଅନ୍ୟାନ୍ୟ ବିଭାଗରେ ବିଜୟୀ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ମଧ୍ୟ ମୁଖ୍ୟ ଅତିଥି ଟ୍ରଫି ଓ ନଗଦ ଅର୍ଥରାଶି ସହିତ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ କମାଣ୍ଡାଣ୍ଟ ଅଶୋକକୁମାର ଦେହୁରୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲା ବେଳେ ଡେପୁଟି କମାଣ୍ଡାଣ୍ଟ ବିଭୂତି ମହାରଣା ଓ ଇନ୍ସପେକ୍ଟର ସସ୍ମିତା ପ୍ରଧାନ ପରିଚାଳନା କରିଥିଲେ । ଏହି ଉତ୍ସବରେ ରାଜ୍ୟ ତଥା ଯାଜପୁର ଜିଲ୍ଲାର ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ଦୁଇଟି ପର୍ଯ୍ୟାୟରେ ଆଇପିଏଲ ସୂଚୀ

ନୂଆଦିଲ୍ଲୀ,୫।୩(ଏଜେନ୍ସି): ଆଇପିଏଲ୍-୨୦୨୬ ସଂସ୍କରଣ ଖେଳସୂଚୀ ଦୁଇଟି ପର୍ଯ୍ୟାୟରେ ରିଲିଜ୍ ହେବ । ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ ଏହି ନିଷ୍ପତ୍ତି ନେଇଛି । ମାର୍ଚ୍ଚ ୬ରୁ ୭ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଖେଳସୂଚୀ ଘୋଷଣା ହେବ । ଦ୍ୱିତୀୟ ପର୍ଯ୍ୟାୟ ସୂଚୀ କେବେ ଘୋଷଣା ହେବ ତାହା ସ୍ପଷ୍ଟ ହୋଇନାହିଁ । ପଶ୍ଚିମବଙ୍ଗ, ତାମିଲନାଡୁ ଓ ଆଦାରେ ବିଧାନସଭା ନିର୍ବାଚନ ହେବାକୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି । ବେଙ୍ଗାଲୁରୁର ଏମ ଚିନାସ୍ୱାମୀ ଷ୍ଟାଡିୟମରେ ଉଦଘାଟନୀ ଓ ଫାଇନାଲ ମ୍ୟାଚ ଖେଳାଯିବ ବୋଲି କର୍ଣ୍ଣାଟକ କ୍ରିକେଟ ଆସୋସିଏସନ ସମ୍ପାଦକ ସନ୍ତୋଷ ମେନନ୍ ସୂଚନା ଦେଇଛନ୍ତି । ଆରସିବି ଏଥର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ୫ଟି ମ୍ୟାଚ ଖେଳିବ । ଗତ ସଂସ୍କରଣର ଚାମ୍ପିଅନ ଦଳର ହୋମ ଭେନ୍ୟୁରେ ଓପନିଂ ତଥା କ୍ୱାଲିଫାୟର-୨ ଓ ଫାଇନାଲ ମ୍ୟାଚ ଖେଳାଯିବ । ମାର୍ଚ୍ଚ ୨୮ କିମ୍ବା ୨୯ରେ ଆଇପିଏଲ୍ ଆରମ୍ଭ ହେବ । ଚେନ୍ନାଇ, କୋଲକାତା ଓ ରାଜସ୍ଥାନ ଦଳ ଘରୋଇ ଗ୍ରାଉଣ୍ଡରେ କମ ମ୍ୟାଚ ଖେଳିବେ । ମେ ୩୧ରେ ଫାଇନାଲ ମ୍ୟାଚ ଖେଳାଯିବ । ଗତ ସଂସ୍କରଣରେ ଆରସିବି ଦୀର୍ଘ ଦିନ ପରେ ଚାମ୍ପିଅନ ହୋଇଥିଲା । ପ୍ରଶଂସକ ବିଜୟ ଉତ୍ସବ ମନାଉଥିବା ବେଳେ ଅତ୍ୟଧିକ ଭିଡ ଯୋଗୁଁ ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏପରି ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବହୁ ଲୋକ ଆହତ ହୋଇଥିଲେ । ତେଣୁ ଚିନ୍ନାସ୍ୱାମୀରେ ମ୍ୟାଚ ଖେଳାଯିବା ଉପରେ କଟକଣା ଲଗାଯାଇଥିଲା । ଏହି ପ୍ରତିବନ୍ଧକ ହଟି ଯାଇଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାଇଜ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ରେ ଯୋଗାଯୋଗ କରନ୍ତୁ ।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୧ତମ କ୍ରୀଡ଼ାଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର,୫।୩(ସବ୍ୟୁ): ଦୃଢ଼ ଇଚ୍ଛାଶକ୍ତି ଆଉ ସଂକଳ୍ପଭରା ଆଭିମୁଖ୍ୟ ଆମକୁ ଆମର ଲକ୍ଷ୍ୟପଥରେ ପହଞ୍ଚାଇପାରେ ବୋଲି ଭାରତୀୟ ଦୃଷ୍ଟିବାଧିତ କ୍ରିକେଟର ମହମ୍ମଦ ଜାଫର୍ ଇକ୍ବାଲ ମତବ୍ୟକ୍ତ କରିଛନ୍ତି । ଭାରତକୁ ଚାରିଥର ବିଶ୍ୱଚମ୍ପିୟାନ୍ କରିବା ସହ ଓଡ଼ିଶା କ୍ରିକେଟ୍‌କୁ କ୍ରମାଗତ ଭାବେ ସଫଳତା ଦେଇଥିବା ଜାଫର୍ ଇକ୍ବାଲ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ମୁଖ୍ୟ ଖେଳପଡ଼ିଆରେ ଉଦ୍‌ଯାପିତ ପ୍ରତିଷ୍ଠାନର ଦୁଇଦିନିଆ ୬୧ତମ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ ଦୃଷ୍ଟିଶକ୍ତି ହରାଇବା ତାଙ୍କ ପାଇଁ ଅଭିଶାପ ନୁହେଁ ଆଶୀର୍ବାଦ । ବିଦେଶରେ ବହୁ ଦେଶକୁ ହରାଇ ଦୃଷ୍ଟିବାଧିତ କ୍ରିକେଟ୍ ପାଇଁ ଭାରତକୁ ଗୌରବ ଆଣିବାରେ ସେ ଗର୍ବଅନୁଭବ କରନ୍ତି । ପ୍ରତିଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଉଦ୍‌ଯାପନୀ ସମାରୋହରେ ସ୍ୱାଗତସମ୍ଭାଷଣ ପ୍ରଦାନ କରି କ୍ରୀଡ଼ା ଆମକୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥରଖେ ବୋଲି ମତ ଦେଇ ଏବେ କ୍ରୀଡ଼ାକୁ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି କହିଥିଲେ । ଉଦ୍‌ଯାପନୀ ସମାରୋହରେ ପ୍ରତିଷ୍ଠାନର 'ପୃଥ୍ୱୀ ହାଉସ୍'କୁ ଦଳଗତ ଶ୍ରେଷ୍ଠ ପ୍ରଦର୍ଶନ, ଅଲିଭା କୁଜୁର ବାଳିକା ଚମ୍ପିୟାନ୍ ଓ କେ. ଓଭିନ୍ ସିଂଙ୍କୁ ବାଳକ ଚମ୍ପିୟାନ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଛାତ୍ରପରିଷଦ ଉପଦେଷ୍ଟା ପ୍ରଫେସର ଲକ୍ଷ୍ମୀଧର ବେହେରା, କ୍ରୀଡ଼ା ପରିଷଦ ଆବାହକ ପ୍ରଫେସର ରମାକାନ୍ତ ମହାଳିକ କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ବୃନ୍ଦାବନ ଭୋଇ ଓ ମାନସରଞ୍ଜନ ପଣ୍ଡା ସହଯୋଗ କରିଥିଲେ । ଉଦ୍‌ଯାପନୀ ସମାରେହର ଶେଷରେ ଛାତ୍ରପରିଷଦର ଯୁଗ୍ମ ଉପଦେଷ୍ଟା ଲେଫ୍ଟନାଣ୍ଟ ପ୍ରଫେସର ରଶ୍ମିରେଖା ସେଠୀ ଧନ୍ୟବାଦାର୍ପଣ କରିଥିଲେ । ଡିଇଏସ୍ଏସ୍ଏଚ୍ର ଅଧକ୍ଷ, ଯୁଗ୍ମ ଉପଦେଷ୍ଟା ଡ. କଳିଙ୍ଗ କେତକୀଉପସ୍ଥିତ ଥିଲେ । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଏହି ଦୁଇଦିନିଆ କ୍ରୀଡ଼ା ଉତ୍ସବର ପରିଚାଳନାରେ, ପ୍ରଫେସର ରୀତାଞ୍ଜଳି ଦାଶ, ଡ. ଅରୂପ କୁମାର ଶାହା,ଶ୍ରୀଫୁଲ ଚାନ୍ଦ ମୀନା,ପ୍ରଶାସନିକ ଅଧିକାରୀସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘର ସଭାପତି ଡ. ହାଡିବନ୍ଧୁପଟ୍ଟନାୟକ, ସମ୍ପାଦକ ଶ୍ରୀ ରମେଶ ଚନ୍ଦ୍ର ପାତାଳସିଂହ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଛାତ୍ର ପରିଷଦର ଛାତ୍ରଛାତ୍ରୀ ପ୍ରତିନିଧି ଏହି କ୍ରୀଡ଼ା ଉତ୍ସବରେ ସହାୟତା କରିଥିଲେ । ଉଦ୍ଘାଟନୀ ଓ ଉଦ୍‌ଯାପନୀ ସମାରୋହରେ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ ଡ. ଦେବାଶିଷ ମହାପାତ୍ର, ଡ. ସରିତା ଏମ୍ ଓ ଡ. ସର୍ବେଶ କୁମାର ମୌର୍ଯ୍ୟ ।

# ଧୋନୀଙ୍କ ଚାଲାଣ କଟିଲା

ରାଞ୍ଚି,୫।୩(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ସେ ଦଣ୍ଡିତ ହୋଇଛନ୍ତି । ଗାଡ଼ି ସଉକ ରଖୁଥିବା ଧୋନୀ କାର୍ ଦ୍ରୁତଗତିରେ ଚଲାଉଥିବାରୁ ଚାଲାଣ ହୋଇଛି । ତାଙ୍କ କାର ନିର୍ଦ୍ଧାରିତ ବେଗଠାରୁ ଅଧିକ ବେଗରେ ଚାଲୁଥିଲା । ରାସ୍ତାରେ ସର୍ବାଧିକ ବେଗ ୬୦ କିଲୋମିଟର ଥିବା ବେଳେ ଧୋନୀଙ୍କ କାର୍ ୯୧ କିଲୋମିଟର ବେଗରେ ଗତି କରୁଥିଲା । ଏହାପରେ ପରିବହନ ବିଭାଗ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ହୋଇଛି । ଓଭର ସ୍ପିଡ ଯୋଗୁଁ ଧୋନୀ ୧୦୦୦ ଟଙ୍କା ଚାଲାଣ କଟିଛି । ଟ୍ରାଫିକ୍ ନିୟମ ଅନୁସାରେ ନିର୍ଦ୍ଧାରିତ ସୀମାରୁ ଅଧିକ ବେଗରେ ଗାଡି ଚଳାଇବା ଦଣ୍ଡ ନିୟମ ଅପରାଧ । ଧୋନୀଙ୍କ ଫ୍ୟାନ ଏହାକୁ ସାଧାରଣ ଟ୍ରାଫିକ୍ ଉଲ୍ଲଂଘନ ବୋଲି କହୁଥିବା ବେଳେ ଏହାକୁ ଅଧିକ ଚର୍ଚ୍ଚା କରି ନବଢ଼ାଇବା ପାଇଁ ଅନୁରୋଧ କରିଛନ୍ତି ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/
store/app/details/
id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି